
# ଧରିତ୍ରୀ
DHARITRI

ରାୟଗଡ଼ା, ରବିବାର, ଜୁଲାଇ ୩/୨୦୨୨ (୧୬ ପୃଷ୍ଠା+ଛୁଟିଦିନ) Rayagada, Sunday, July 3/2022 Page 16 ₹ 7.00 ★

୧୨ଶ ଭାଗ ୧୪୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୭/-







KP GROUP Quality Since 1965
कमला पसन्द
ସିଲ୍‌ଭର କୋଟେଡ୍ ଇଲାଇଚି
KAMLA PASAND
Saffron Blended
KP GROUP Quality Since 1965
SILVER COATED ELAICHI
Anokha Swad
THIS CONTAINS SODIUM SACCHARIN (INS 954) or SUCRALOSE (INS 955) and NEOTAME (INS 961)
NOT RECOMMENDED FOR CHILDREN, NO SUGAR ADDED IN THE PRODUCT,
CONTAINS ARTIFICIAL SWEETENER AND FOR CALORIE CONSCIOUS.
Watch at: f YouTube

# ଧରିତ୍ରୀ DHARITRI

ରାୟଗଡ଼ା, ରବିବାର, ଜୁଲାଇ ୩/୨୦୨୨ Rayagada, Sunday, July 3/2022











**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେବଳ ଜଣେ ବ୍ୟକ୍ତି ନୁହନ୍ତି, ସେ ଏକ ଅନୁଷ୍ଠାନ। ଏୟାରପୋର୍ଟରେ ସ୍ୱାଗତ ନ କରି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ତାଙ୍କୁ ନୁହେଁ ବରଂ ସମ୍ପୂର୍ଣ୍ଣ ଅନୁଷ୍ଠାନକୁ ଅପମାନିତ କରିଛନ୍ତି।

–ସ୍ମୃତି ଇରାନୀ, କେନ୍ଦ୍ର ମନ୍ତ୍ରୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ମିହିର ନାରାୟଣ
ପରିବାରବର୍ଗ



କ୍ଷେତ୍ର ମୋହନ
ପରିବାରବର୍ଗ



ମାନବିକ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଯୁବବର୍ଗଙ୍କୁ ରୋଜଗାରକ୍ଷମ କରିବାରେ ସହାୟକ ହେବ



ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ବଜେଟ ବିକାଶମୁଖୀ । ଏହା ସ୍ୱାଗତଯୋଗ୍ୟ। ମୁଖ୍ୟତଃ କ୍ରୀଡ଼ା, ଶିକ୍ଷା ପାଇଁ ବ୍ୟୟ ବରାଦ ନେଇ ରହିଥିବା ଅର୍ଥ ରାଜ୍ୟରେ ଯୁବଗୋଷ୍ଠୀଙ୍କ ଲାଗି ଏକ ମାଇଲଷ୍ଟୋନ ରୂପେ ବିବେଚିତ ହେବ। ସେହିଭଳି ଇଣ୍ଡଷ୍ଟ୍ରି, ଏମ୍ଏସ୍ଏମ୍ଇ ଓ ଷ୍ଟାର୍ଟ ଅପ୍ ପାଇଁ ୧୨୫୦ କୋଟିରୁ ଅଧିକ ଟଙ୍କା ବ୍ୟୟ ବରାଦ ରାଜ୍ୟରେ ଯୁବବର୍ଗଙ୍କୁ ରୋଜଗାରକ୍ଷମ କରିବାରେ ସହାୟକ ହେବ।

**–ଡ. ପ୍ରକାଶ କୁମାର ପ୍ରଧାନ, ବାଣିଜ୍ୟ ବିଭାଗ ମୁଖ୍ୟ,ସରକାରୀ ମହାବିଦ୍ୟାଳୟ, କୋରାପୁଟ**

## ଗାଁକୁ ରାସ୍ତା, ପାନୀୟ ଜଳ ପାଇଁ ଅଧିକ ବ୍ୟୟ ଆବଶ୍ୟକ ଥିଲା



ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନକୁ ଗୁରୁତ୍ୱ ଦିଆଯାଇଛି। ତେବେ ବଜେଟ ଅନୁଯାୟୀ ଏହାକୁ ଠିକ୍‌ରେ କାର୍ଯ୍ୟକାରୀ କଲେ ଲୋକେ ଉପକୃତ ହେବେ। ଗ୍ରାମାଞ୍ଚଳରେ ରାସ୍ତା ଏବଂ ପାନୀୟ ଜଳ ଯୋଗାଣ ପାଇଁ ଅଧିକ ବ୍ୟୟବରାଦ କରିଥିଲେ ଭଲ ହୋଇଥାନ୍ତା। ସେହିପରି ସରକାର ଋଣଭାର କମାଇବା ଜରୁରୀ।

**–ଡ. ବବିଲତା ସରାଫ୍, ଅର୍ଥନୀତି ବିଭଗ ମୁଖ୍ୟ ଓ ରିଡର୍, ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ**

# ଶିକ୍ଷାନୁଷ୍ଠାନ ଶିଶୁଙ୍କ ଭବିଷ୍ୟତ ଗଠନର ପ୍ରକୃଷ୍ଟ ସ୍ଥାନ

ପଦ୍ମପୁର,୨।୭(ଡି.ଏନ୍.ଏ.)–




ଶିକ୍ଷକମାନେ ଶିକ୍ଷାକୁ ବୃତ୍ତି ନ ଭାବି ବ୍ରତ ଭାବିନେବା ଆବଶ୍ୟକ। ଶିକ୍ଷାନୁଷ୍ଠାନ ପିଲାଙ୍କ ଭବିଷ୍ୟତ ଗଠନର ପ୍ରକୃଷ୍ଟ ସ୍ଥାନ। ଏଠାରୁ ପିଲାମାନେ ଶିକ୍ଷା ଅର୍ଜନ କରି ସୁନାଗରିକ ହୋଇଥାନ୍ତି। ତେଣୁ ନିଜ ବିଦ୍ୟାଳୟକୁ କେବେ ଭୁଲିବା ଉଚିତ ନୁହେଁ। ବୋଲି ରାୟଗଡ଼ା ଜିଲା ପଦ୍ମପୁର ସ୍ଥିତ ଆଇଡିଆଲ ପବ୍ଲିକ ସ୍କୁଲର ମୁକୁନ୍ଦପୁର, ରାମଚନ୍ଦ୍ରଗୁଡ଼ା ଠାରେ ନୂତନ କ୍ୟାମ୍ପସ ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଶୁକ୍ରବାର ଅତିଥିମାନେ କହିଛନ୍ତି। ଉଦ୍‌ଘାଟନି କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ରୂପେ ପଦ୍ମପୁର ବିଡିଓ ରୀନା ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାନାଥ ପାଣିଗ୍ରାହି, ଗୁଡ଼ିଆବନ୍ଧ ବସନ୍ତ ଦେବୀ ବିଦ୍ୟାପୀଠର ପ୍ରଧାନଶିକ୍ଷକ ପ୍ରଶାନ୍ତ ଶତପଥୀ ଓ ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ଭାସ୍କର ପାଣିଗ୍ରାହୀ ମଞ୍ଚସୀନ ଥିଲେ। ପ୍ରଥମେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଙ୍ଗୀତ ଗାନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ମନସ୍ୱିତା ପାଣିଗ୍ରାହୀ ସୁନ୍ଦର ଭଜନ ପରିବେଷଣ କରିଥିଲେ। ପରେ ବକ୍ତାମାନେ ସ୍କୁଲର ଉନ୍ନତି ନେଇ ମତ ରଖିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତି ସାହୁ ଏହାର ପରିଚାଳନା କରିଥିଲେ। ତ୍ରିପତି ଜେନା ଧନ୍ୟବାଦ ଦେଇଥିଲେ। ସ୍କୁଲର ଶିକ୍ଷୟିତ୍ରୀ, ଶିକ୍ଷକ ଏଥିରେ ସହଯୋଗ କରିଥିଲେ। ଶିକ୍ଷକ କୃଷ୍ଣ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମ ସମ୍ପାଦନା କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
କର୍ମାଧିପ ଶନିଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ରହିଥିଲେ ମଧ୍ୟ ସରକାରୀ ସ୍ତରରୁ ସାହାଯ୍ୟ ପାଇବେ। ନୂତନ ଯୋଜନା ଆରମ୍ଭ ସକାଶେ ମନ ବଳାଇବେ ଓ ସଫଳତା ମଧ୍ୟ ପାଇବେ। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ**
ରାଶ୍ୟାଧିପତି ଶୁକ୍ର ଥିବାରୁ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ପ୍ରୀତିପ୍ରଦ ରହିବ। ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହେବାରେ ଅସୁବିଧା ହେବ ନାହିଁ। ଆନୁଷ୍ଠାନିକ କାମରେ ବୁଦ୍ଧିଜିବୀମାନଙ୍କ ସାନ୍ନିଧ୍ୟରୁ ସାମାଜିକ ସ୍ତରରେ ସମ୍ମାନ ପାଇବେ। କଳା, ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ର ପ୍ରଭୃତିରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ।

**ମିଥୁନ**
ଆଜି ବୁଧାଦିତ୍ୟ ଯୋଗ ସୃଷ୍ଟି ହୋଇଥିବାରୁ ଯୋଜନା ଅନୁଯାୟୀ କାର୍ଯ୍ୟ କରିବାରେ ସମର୍ଥ ହେବେ। ପିଲାଙ୍କ ଅଭିଯୋଗକୁ ଗୁରୁତର ସହ ବିଚାର କରି ଉଚିତ ପଦେକ୍ଷପ ନିଅନ୍ତୁ। କୌଣସି ଜିନିଷଟି ପାଇଁ ତର୍କ ଓ ବିବାଦ ବଢ଼ିପାରେ। ବ୍ୟବସାୟିକ ସ୍ଥିତି ପୂର୍ବପରି ରହିବ, କିନ୍ତୁ ସମସ୍ୟା ବହୁଳ ରହିବ।

**କର୍କଟ**
କର୍ମଭାବସ୍ଥ ରାହୁମଙ୍ଗଳ ଯୋଗଜନିତ ପ୍ରତ୍ୟେକ କାମ ସହଜ ଓ ସୁବିଧାରେ ସମ୍ପନ୍ନ ହୋଇଯିବ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଲାଭ ପାଇବେ, ମାତ୍ର ଆଶାନୁରୂପ ନ ହୋଇପାରେ। କାର୍ଯ୍ୟଦକ୍ଷତା ହେତୁ ବନ୍ଧୁମାନଙ୍କ ମଧ୍ୟରେ ପ୍ରଶଂସିତ ହେବେ। ନିର୍ମାଣ ତଥା ଜମିଜମା କ୍ଷେତ୍ରରେ ସମସ୍ୟା ସମାଧାନ ହେବ।

**ସିଂହ**
କୌଣସି ବିଭ୍ରାନ୍ତିକର ଖବର ପାଇ ମାନସିକ ଅସ୍ଥିରତା ସୃଷ୍ଟି ହୋଇପାରେ। ଶନିଙ୍କ ପ୍ରଭାବରୁ ଆଜି ଇଚ୍ଛା ନ ଥିଲେ ମଧ୍ୟ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ଅଂଶ ଗ୍ରହଣ କରିପାରନ୍ତି। ପ୍ରଶାସନିକ ସ୍ତରରେ କିମ୍ବା ସାଙ୍ଗଠନିକ କ୍ଷେତ୍ରରେ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା**
ସ୍ଥଗିତ କାମ ଯଥାସମୟରେ ସମ୍ପନ୍ନ ହେବାରୁ ଖୁସି ହେବେ। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ମନୋଭାବ ବଦଳିଯିବା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ। ଜମିଜମା କିଣାବିକା, ବ୍ୟବସାୟ, ପରିବହନରେ ଝଗଡ଼ା ଲାଗିପାରେ। ପିଲାଙ୍କ ସମ୍ପର୍କରେ ସୁଖବର ପ୍ରାପ୍ତ।

**ତୁଳା**
ଶୁଭଚନ୍ଦ୍ର ପ୍ରଭାବରୁ କୌଣସି ଭଲ ଖବର ପାଇ ମନ ଏକଦମ୍ ଖୁସି ହୋଇଯିବ। କର୍ମକ୍ଷେତ୍ରରେ ଲାଗି ରହିଥିବା ସମସ୍ୟା ସମାଧାନ ହୋଇଯିବ। ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ, ଅବଶ୍ୟ ଖଙ୍ଗାନ୍ତ ହୋଇ କାମକୁ ବଢ଼ାଇ ନେଇପାରନ୍ତି। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରିତ ହେବାରୁ ଆଶ୍ୱସ୍ତି ଲଭିବେ।

**ବିଛା**
ଗୁରୁଙ୍କ ପ୍ରଭାବରୁ ଗୌରବାନ୍ୱିତ ହେବା ସହ ଶୁଭ ଖବର ପ୍ରାପ୍ତ ହୋଇ ଆନନ୍ଦ ଅନୁଭବ କରିବେ। ସାଙ୍ଗସାଥୀଙ୍କ ସହ ନୂଆ ସ୍ଥାନକୁ ଯାଇପାରନ୍ତି। ଅସାବଧାନତା କାରଣରୁ ଦରକାରୀ କାଗଜପତ୍ର କିମ୍ବା ଟଙ୍କା ପଇସା ହଜି ଯାଇପାରେ। କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**ଧନୁ**
ବୃହସ୍ପତିଙ୍କ ଅବସ୍ଥାନଜନିତ ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ। ଆତ୍ମୀୟଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବେ। ଆଇନ ଅଦାଲତ କ୍ଷେତ୍ରରେ ବାରମ୍ବାର ଦୌଡ଼ିବାକୁ ପଡ଼ିପାରେ। ବିବାଦୀୟ ଘଟଣାରେ, ପରିବହନରେ, ବ୍ୟବସାୟରେ, ଶତ୍ରୁଠାରୁ ଦୂରେଇ ରହିବା ଭଲ ହେବ।

**ମକର**
ଦୀର୍ଘ ଦିନରୁ ଦେଖି ନ ଥିବା କୌଣସି ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ଶ୍ରବଣା ନକ୍ଷତ୍ରର ଅସୁସ୍ଥତାଜନିତ କାରଣରୁ ମନ ଭଲ ଲାଗିବ ନାହିଁ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି ଆଶା ରହିଛି। କଳା, ସାହିତ୍ୟ, ସାମ୍ବାଦିକତାରେ, ପରିବାର ଭିତରେ, ପରିବହନରେ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ**
ଲକ୍ଷ୍ମୀ ଯୋଗ ପ୍ରଭାବରୁ ଆଜି ଏକାଧାରରେ ଅର୍ଥ, ସମ୍ମାନ ଓ ବନ୍ଧୁଙ୍କ ସଦିଚ୍ଛା ଲାଭ କରିପାରିବେ। ପାରିବାରିକ ଶୃଙ୍ଖଳା ରକ୍ଷା ଲାଗି ସମ୍ପର୍କୀୟଙ୍କ ସହାୟତା ନେବାକୁ ପଡ଼ିପାରେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇ ପାରନ୍ତି। ସ୍ୱର୍ଣକାତର କଥାରେ ଚିହ୍ନା ପଡ଼ନ୍ତୁ ନାହିଁ, ଯାହାକି ଅଶାନ୍ତ ପରିସ୍ଥିତି ସୃଷ୍ଟି କରିବ।

**ମୀନ**
ବନ୍ଧୁଙ୍କ କାମରେ ଆପଣଙ୍କୁ ହଠାତ୍ ବାହାରକୁ ଯିବାକୁ ପଡ଼ିପାରେ। ରାଜନୈତିକ ସ୍ତରରେ ସମସ୍ୟା ବୃଦ୍ଧି ପାଇବା କାରଣରୁ ମାନସିକ ସୁସ୍ଥତା ରହିବ ନାହିଁ। କେନ୍ଦ୍ରସ୍ଥ ରବି ବୁଧଜନିତ ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ କହିବା,
କପାଳରେ ସିନା କର ମାରିବା।**

କର୍ମ ସହିତ ଭାଗ୍ୟ ଓ ଭଗବାନ ଅନୁକୂଳ ନ ରହିଲେ ମଣିଷ କେବେହେଲେ ଆଗକୁ ବଢ଼ିପାରେ ନାହିଁ। ପରିସ୍ଥିତି ସାଥ ନ ଦେଲେ ମଣିଷ ହତାଶ ହୋଇଯାଏ। ଏପରି ସ୍ଥଳେ କାହାର ଦୋଷ ନ ଦେଇ ନିଜ ଭାଗ୍ୟକୁ ଆଦରି ପଡ଼ିରହିବା ହିଁ ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କାଳ ହେଲା ବାବରା,
ଦାରିଙ୍କି ଡାଲି ଚାଉଳ,
ବ୍ରାହ୍ମଣଙ୍କୁ ଜାବୁଡ଼ା।**

ବିଟପି ବା ଦୁଶ୍ଚରିତ୍ର ନାରୀଙ୍କ ପ୍ରତି ମନରେ ଦରଦ ଅଥଚ ଧର୍ମକର୍ମ କରୁଥିବା ବ୍ୟକ୍ତିଙ୍କ ପ୍ରତି ମନରେ ଘୃଣା, ହିଂସା ଭାବ। କାଳର ଓଲଟା ଗତି। ସମାଜରେ ଭଲ ବା ଉତ୍ତମ ବ୍ୟକ୍ତିଙ୍କୁ ଯେତେ ଆଦର ସମ୍ମାନ ମିଳି ନ ଥାଏ ତା' ଠାରୁ କାହିଁ କେତେ ଗୁଣ ପ୍ରାଧାନ୍ୟ ଖଳ ବା ଦୁଶ୍ଚରିତ୍ର ବ୍ୟକ୍ତିଙ୍କୁ ଦିଆଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# କଲରାପତରିଆ ବାଘଛାଲ ଜବତ, ଜଣେ ଗିରଫ



ଜବତ ବାଘଛାଲ, ଗିରଫ ଅଭିଯୁକ୍ତ ଓ ବନ ବିଭାଗର ଅଧିକାରୀମାନେ।

ଉମରକୋଟ,୨।୭(ସ୍ୱ.ପ୍ର.)

ବାଘ ସଂଖ୍ୟା ଦିନକୁ ଦିନ କମିବାରେ ଲାଗିଛି। ତଥାପି ଛାଲ ଏବଂ ନଖ ବିକ୍ରିକରି ଲାଭବାନ୍ ହେବା ଆଶାରେ ପ୍ରତିଦିନ ଏମାନଙ୍କୁ ଶିକାର କରାଯାଉଛି। ଶୁକ୍ରବାର ରାତିରେ ବିକ୍ରି ପାଇଁ ନିଆଯାଉଥିବା ଏକ କଲରାପତରିଆ ବାଘଛାଲକୁ ନବରଙ୍ଗପୁର ଜିଲା ଉମରକୋଟ ବନ ବିଭାଗ ସେମଲା ଗ୍ରାମ ନିକଟରୁ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଝରିଗାଁ ବ୍ଲକ ଅନ୍ତର୍ଗତ ବେଲଗାଁ ଗ୍ରାମର ଅନନ୍ତ ପନକା। ସୂଚନା ଅନୁଯାୟୀ, ଅନନ୍ତ ରାଇଘର ବ୍ଲକ ଅନ୍ତର୍ଗତ କିରାପାଣି ଗ୍ରାମର ବନ ସାନ୍ତାଙ୍କ ନିକଟରୁ ବାଘଛାଲ ନେଇ ନବରଙ୍ଗପୁରର ଜଣେ ବ୍ୟବସାୟୀଙ୍କ ପାଖକୁ ବିକ୍ରି ପାଇଁ ଯାଉଥିଲେ। ଖବର ପାଇ ଉମରକୋଟ ବନ ବିଭାଗ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ବନ୍ୟଜନ୍ତୁ ସୁରକ୍ଷା ମୁଖ୍ୟ ଏ. ମନୋଜ କୁମାର, ଗୁପ୍ତ ପ୍ରସାଦ ମହାନ୍ତି, ସୁଧୀର କୁମାର ପଟ୍ଟନାୟକଙ୍କ ସମେତ ଡାବୁଗାଁ ଓ ରାଇଘର ବନ ବିଭାଗର ବନ୍ୟଜନ୍ତୁ ସୁରକ୍ଷା ଅଧିକାରୀ, ପାରା ଷ୍ଟାଫ୍ ମିଳିତ ଭାବେ ଚଢ଼ାଉକରି ବାଘଛାଲ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଜବତ ବାଘଛାଲର ଲମ୍ବ ୫ ଫୁଟ ରହିଥିବାବେଳେ ବାଘର ବୟସ ପ୍ରାୟ ୨ ବର୍ଷ ହେବ। ଛତିଶଗଡ଼ ଜଙ୍ଗଲରୁ ବାଘଛାଲଟି ଆଣିଥିବା ବନ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଏ ନେଇ ଉମରକୋଟ ବନ ବିଭାଗ ପକ୍ଷରୁ ୫୭/୨୨–୨୩ ରେ ଏକ ମାମଲା ରୁଜୁ କରାଯାଇଛି। ଏହି ବାଘ ଛାଲ କାରବାରରେ ଅନ୍ୟ କେଉଁମାନେ ସମ୍ପୃକ୍ତ ଅଛନ୍ତି ସେ ନେଇ ତଦନ୍ତ ଚାଲିଥିବା ଉମରକୋଟ ରେଞ୍ଜର ପୂର୍ଣ୍ଣଚନ୍ଦ୍ର ନାୟକ କହିଛନ୍ତି।

# ମାଛଧରା ଜାଲରେ ପଡ଼ିଲା ବିରଳ ସୁନେଲି କଇଁଛ

ମହାକାଳପଡ଼ା,୨।୭(ଡି.ଏନ.ଏ.)




କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ସଂଲଗ୍ନ ନଦୀରୁ ଏକ ବିରଳ ପ୍ରଜାତିର ସୁନେଲି କଇଁଛ ଉଦ୍ଧାର ହୋଇଛି । ଏହି କଇଁଛକୁ ବନ ବିଭାଗ କର୍ମଚାରୀମାନେ ନିଜ ହେପାଜତକୁ ନେଇଛନ୍ତି ।

ସୂଚନା ଅନୁଯାୟୀ, ଶନିବାର ସକାଳେ ମହାକାଳପଡ଼ା ବ୍ଲକ ରତନପୁର ଗ୍ରାମର ଚନ୍ଦ୍ରକାନ୍ତ ସେଠୀ ନଦୀରେ ଭଉଁରି ଜାଲ ପକାଇ ମାଛ ଧରୁଥିବା ବେଳେ ଏହି ବିରଳ ପ୍ରଜାତିର କଇଁଛ ଜାଲରେ ପଡ଼ିଥିଲା । ଚନ୍ଦ୍ରକାନ୍ତ ସେହି କଇଁଛକୁ ଘରେ ରଖି ମା'ଲକ୍ଷ୍ମୀ ଆସିଛନ୍ତି କହି ପୂଜାର୍ଚ୍ଚନା କରୁଥିଲେ । ଏହି କଥା ପ୍ରଚାରିତ ହେବା ପରେ ସୁନାମୁଣ୍ଡା ପରି ଦେଖାଯାଉଥିବା ଉକ୍ତ କଇଁଛକୁ ଦେଖିବା ପାଇଁ ସ୍ଥାନୀୟ ଲୋକମାନେ ଚନ୍ଦ୍ରକାନ୍ତଙ୍କ ଘରେ ଭିଡ଼ ଜମାଇଥିଲେ । ଖବର ପାଇ ଜମ୍ବୁ ରେଞ୍ଜ ଅଧିକାରୀ ସାହଜୀ ଚରଣ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ପ୍ରଦୀପ ସ୍ୱାଇଁ ଚନ୍ଦ୍ରକାନ୍ତଙ୍କ ଘରେ ପହଞ୍ଚି ସେହି କଇଁଛକୁ ନିଜ ହେପାଜତକୁ ନେଇଥିଲେ । ସୁରକ୍ଷିତ ଭାବେ କଇଁଛକୁ ନଦୀରେ ଛାଡ଼ି ଦିଆଯିବ ବୋଲି ରେଞ୍ଜ ଅଧିକାରୀ ବିଶ୍ୱାଳ କହିଛନ୍ତି । ଏ ସମ୍ପର୍କରେ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଦାୟିତ୍ୱରେ ଥିବା ରେଞ୍ଜ ଅଧିକାରୀ ମାନସ ଚନ୍ଦ୍ର ଦାସ କହିଛନ୍ତି, ଏହି କଇଁଛଟି ଆଲବିନୋ ପ୍ରଜାତିର । ଏପରି କଇଁଛ ମଧୁର ଜଳରେ ବସବାସ କରନ୍ତି ।

# ବନ୍ଧରେ ବୁଡ଼ି ପ୍ରାଣ ହରାଇଲେ ଚାଷୀ

**ରେଢ଼ାଖୋଲ,୨।୭(ଡି.ଏନ.ଏ.):** ସମ୍ବଲପୁର ଜିଲା ଚାରମାଳ ଥାନା ଅଧୀନ ବଡମାଳ ଗ୍ରାମର ଜଣେ ଚାଷୀ ଶନିବାର ବନ୍ଧରେ ଗାଧୋଉଥିବା ବେଳେ ପାଣିରେ ବୁଡି ପ୍ରାଣ ହରାଇଛନ୍ତି। ସେ ହେଲେ ଗଙ୍ଗାଧର ମିର୍ଦ୍ଧା। ଅପରାହ୍ନ ୨ଟା ବେଳେ ଗଙ୍ଗାଧର ଚାଷ କାମ ସାରି ଗାଁ ବନ୍ଧକୁ ଗାଧୋଇବାକୁ ଯାଇଥିବାବେଳେ ପାଣିରେ ବୁଡିଯାଇଥିଲେ। ପାଖରେ ଥିବା ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ରେଢ଼ାଖୋଲ ଡାକ୍ତରଖାନା ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଚାରମାଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।


# classifieds Everyday
0674-2580101, 2549302




**BRIDE WANTED**

"Wanted well qualified bride christian general in any language age 26-31 slim for our son PhD pursuing in National Institute of Technology, Govt. of India, Itanagar, Arunachal Pradesh 35, 5.10". 9692896245. D-859




**SALE**

**Gharabari boundary plots near Infocity-II & Cancer Hospital. SR PROPERTEEZ. 9438106666.** D-73211

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/-.8114929186.** D-73929

ଭୁବନେଶ୍ୱର ସୁନ୍ଦରପଦା, କାଟେଣୀ, ଚନ୍ଦକାରେ 6,00,000/- 12,00,000/-ରେ ପ୍ଲଟ୍ ଦିଆଯାଉଛି। Sasmita-9853150290. D-73271

ଭୁବନେଶ୍ୱର **IIT** ଅରଗୁଳ ରେଲ୍‌ୱେ ଷ୍ଟେସନ୍ ନିକଟରେ **Road,** ଇଲେକ୍ଟ୍ରିପୋଲ୍, **Plantation** ଥାଇ **well developed** ପ୍ଲଟ୍ **sqft.-270/-**ରେ କିଣନ୍ତୁ। **8018603523, 9348767829.** D-73273

**Nandankanan Main Road Commercial Plot for Sale Infront of RTO-2, Patia Area-8700sqft. Price-6cr. Broker Excuses. 7978597325, 9437260818.** D-848

ଭୁବନେଶ୍ୱର ହଂସପାଳ ଛକ ପାଖରେ ମୋର ଘର ବିକ୍ରି କରାଯିବ। Contact: 9178660666. D-73831

ଭୁବନେଶ୍ୱର ଗଙ୍ଗପଡ଼ା ଛକରୁ **700mtr** ଦୂରତାରେ **Adyanta** କଲେଜ **backside**ରେ **yellowzone** ପ୍ଲଟ୍ ମିଳୁଛି। **9556368377.** D-73270

3BHK ready to move flat (Rs.85-95lakhs, outright) available near Khandagiri. 9040090394, 9040090398. D-73617

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ **30ft. road,** ଇଲେକ୍ଟ୍ରିସିଟି ଥାଇ ବାସୋପଯୋଗୀ ପ୍ଲଟ୍ **sqft.-320/-, 850/-**ରେ ମିଳୁଛି। **7894433357, 9437607388.** D-73268

**2+HALF Bedroom having 1360sqft. super built up area @ 4500.00/-sqft. for sale at- Harapriya Apartment, Vivekananda Marg, Bhubaneswar. Contact No.- 9938303321.** D-892

Bhubaneswar - Plot Near AIIMS (Ranasinghpur mouza) BDA layout approved- boundary wall, Bank Loan- electricity facilities, 1600/1265 sqft.- 4nos. NO BROKERS PLEASE.- 7978667518. D-71533

**1414sqft. 3BHK New Flat 4th Floor with Covered Parking in Acropolis Apartment, Gothapatna near IIIT & Gurukul 55 lacs. Contact- 9437020530.** D-894

**East facing Plot sale measuring 4500Sqft. (60'×75') at JANLA, Bhubaneswar, facility (BDA Yellowzone, Gharabari, Boundarywall & electricity). Contact: 7978090773.** D-881

Luxurious 4BHK Duplex Jharpada- 1.5cr, Pokhariput- 1.3cr, Balianta-85lakh, Retanga-49lakh and Land at Hanspal-2200/ Patrapada-1800/ Balianta-1acre. 7008550473. D-876

**Residential gharabari plot near English Medium School Brahmanjharilo with boundarywall, 7k.m. from Nakhara, Cuttack, 12k.m. to Bhubaneswar, no Bank Loan, registration at 50% cost , balance 5years installment, no interest. 7809525452.** D-73928

ଭୁବନେଶ୍ୱର **Sum Hospital** ଠାରୁ **6k.m.** ଦୂରତାରେ କଣ୍ଟାବାଡ଼ **NH 16** ରୁ **50mtr** ଦୂରରେ **boundary, electricity 30ft.** ରୋଡ୍ ଥାଇ ଘରବାରି **plot** ମିଳୁଛି। **9348444368.** D-73261

Khordha Municipalityରେ PN College-Collectorate Office ମଧ୍ୟରେ boundary, electricity, Water ସହିତ plot ମିଳୁଅଛି। 9439101373, 7735888421. D-718

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School**କୁ ଲାଗି **30' road, electricity** ସୁବିଧା ଥାଇ **gated society** ଘରବାରି **plot @9,00,000/-** ଘର କରନ୍ତୁ। **(Bank loan available). 9437691481.** D-73260

**Booked BDA Layout Approval Duplex at College Square Baranga near New Railway Station, Price-60lakh Ongoing Project of Kalinga Construction. 7978597325, 9437260818.** D-849

**1/2/3 BHK ready to move apartment for sale at DHPL Enclave 2 Kalarahanga and DHPL Platinum Rudrapur. Contact 9937059891.** D-773

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000- (outright). 9348232008. D-73266

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact 9937059891.** D-772




**Construct your home @850/-, 1330/- includes architecture structure with 3year FMC, provide BDA plan approval boring/interiorwork. SNV Construction. 9439295469.** D-73254

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com




**1200sqft. Office space 1st floor Lewisroad, Bhubaneswar available, Contact: 7008264670, 9937211223.** D-73708




Refreshments rejuvenation body massage therapy with experienced therapists, Bhubaneswar. 7854099233. D-73836

Newly open full body massage ladies and gents. 8327740003, 8093860513. D-73926

**Relax, refresh your body, mind at Saikrupa Spa with best therapies. 8984068077.** D-805

All types hair cutting, body massage by smart lady room services available. Contact: 9938582450. D-71346

Refreshing your mind and body with the best therapy, 7873794731. D-872


**AFFIDAVIT**

I, Rakesh Kumar S/o Pradipta Kumar Mohanty residing at Plot No. L/371, Baramunda Housing Board Colony, Bhubaneswar, District: Khorda, Odisha - 751003, have changed my daughter's name from Sreenika Mohanty to Shreenika Mohanty vide affidavit serial No. 189 dated 02/07/2022 at Bhubaneswar. D-888

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଧରିତ୍ରୀ
DHARITRI

ରବିବାର, ଜୁଲାଇ ୩/୨୦୨୨ | Sunday, July 3/2022 | ପୃଷ୍ଠା-୧







## ୫ଦିନ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୨।୭(ବ୍ୟୁରୋ)

ବାଂଲାଦେଶ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଶନିବାରଠାରୁ ୪୮ଘଣ୍ଟା ମଧ୍ୟରେ ଏହା ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି। ବିଶେଷକରି ଉତ୍ତର ଓଡ଼ିଶା ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଏହା ପ୍ରଭାବରେ ରାଜ୍ୟର ଅଧିକାଂଶ ଜିଲାରେ ୪ ରୁ ୫ ଦିନ ପ୍ରବଳ ବର୍ଷା ହେବ। ତେଣୁ ପ୍ରବଳ ବର୍ଷା ନେଇ ଆସନ୍ତା ୫ଦିନ ପର୍ଯ୍ୟନ୍ତ ବିଭିନ୍ନ ଜିଲାକୁ ଅରେଞ୍ଜ ଏବଂ ୟେଲୋ ୱାର୍ନିଂ ଜାରି କରାଯାଇଛି। କେତେକ ସ୍ଥାନରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ସମ୍ଭାବନା ରହିଥିବାବେଳେ ଆଉ କେତେକ ସ୍ଥାନରେ ୧୧ରୁ ୨୦ସେମି ମଧ୍ୟରେ ବର୍ଷା ହୋଇପାରେ। ତେବେ ପ୍ରବଳ ବର୍ଷା ଚାଷ ପାଇଁ ଅନୁକୂଳ ହୋଇଥିଲେ ମଧ୍ୟ ତଳିଆ ଅଞ୍ଚଳରେ ଜଳମଗ୍ନ ହେବାର ଆଶଙ୍କା ରହିଛି। ପାଣିପାଗ କେନ୍ଦ୍ରର ସୂଚନାନୁସାରେ, ଆସନ୍ତା ୩ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ☞ପୃଷ୍ଠା-୩

## ଟି. ରାଜା କୁମାର ଏଫ୍‌ଏଟିଏଫ୍‌ର ସଭାପତି

ନୂଆଦିଲ୍ଲୀ,୨।୭



ସିଙ୍ଗାପୁରର ଟି. ରାଜା କୁମାର ଫାଇନାନ୍ସିଆଲ୍ ଆକ୍ସନ ଟାସ୍କ ଫୋର୍ସ (ଏଫ୍‌ଏଟିଏଫ୍)ର ସଭାପତି ଭାବେ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଗ୍ଲୋବାଲ ଆର୍ଥିକ-ମନି ଲଣ୍ଡରିଂ ଏବଂ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ କାରବାରକୁ ରୋକିବା ଏବଂ ଆସେଟ୍ ରିକୋଭରି ଦିଗରେ ସେ କାମ କରିବେ ବୋଲି କହିଛନ୍ତି। ଗ୍ଲୋବାଲ ଟେରର ଫାଇନାନ୍ସିଂ ବିରୋଧରେ ଟି. ରାଜା ବହୁ ବର୍ଷ ଧରି କାର୍ଯ୍ୟ କରିଛନ୍ତି। ୨୦୨୪ ଜୁନ୍ ପର୍ଯ୍ୟନ୍ତ ସେ ଏଫଏଟିଏଫ୍‌ର ସଭାପତି ଦାୟିତ୍ୱରେ ରହିବେ। ଟି. ରାଜା କୁମାରଙ୍କ ପୂର୍ବରୁ ମାର୍କସ୍ ପ୍ଲେୟର୍ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିଲେ।


ଆଜିର ସମ୍ପାଦକୀୟ
ହାନିକାରକ କ୍ଷମତା


# ଫୋକସରେ ଗାଁ, ନିଜ ପାଣ୍ଠିକୁ ଭରସା

## ୨ ଲକ୍ଷ କୋଟିର ବଜେଟ

ଭୁବନେଶ୍ୱର,୨।୭(ବ୍ୟୁରୋ)


- ଜିଏସ୍‌ଡିପି ଅଭିବୃଦ୍ଧି ୮.୫% ଆକଳନ
- ବଜେଟ ଆକାର ୧୭.୬% ବୃଦ୍ଧି
- ୩%ରେ ରହିବ ବିତ୍ତୀୟ ନିଅଣ୍ଟ
- ୧.୧୨ ଲକ୍ଷ କୋଟି ଟପିବ ଋଣଭାର
- କୃଷି ପାଇଁ ୨୧ ହଜାର କୋଟି
- ଜରୁରିକାଳୀନ ପାଇଁ ୧୦ ହଜାର କୋଟିର କର୍ପସ ପାଣ୍ଠି
- ମିଶନ ଶକ୍ତି ବିଭାଗ ପାଇଁ ୨ ହଜାର କୋଟି
- ଶ୍ରମିକ କର୍ପସ ପାଣ୍ଠି ୧ ହଜାର କୋଟିକୁ ବୃଦ୍ଧି
- ଶ୍ରମିକଙ୍କୁ କାମ ଯୋଗାଇବା ପାଇଁ ୫୦୦ କୋଟି
- ଇ-ଭେହିକିଲ୍ସ ପ୍ରୋତ୍ସାହନ ପାଇଁ ୫୦ କୋଟି

ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୨ ଲକ୍ଷ କୋଟି ଟଙ୍କାର ପୂର୍ଣ୍ଣାଙ୍ଗ ବଜେଟ ପ୍ରସ୍ତୁତ କରିଛନ୍ତି। ଶନିବାର ଏହାକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଉପସ୍ଥାପନ କରିଛନ୍ତି । ଏଥର ବଜେଟରେ ଗ୍ରାମୀଣ ବିକାଶ ଓ ଶ୍ରମିକଙ୍କ କର୍ମଯୋଗାଣ ଉପରେ ସରକାର ଧ୍ୟାନ ଦେଇଛନ୍ତି। ଏଥିସହିତ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ, ଗ୍ରାମୀଣ ଗୃହ ନିର୍ମାଣ, ପାନୀୟ ଜଳ, ମିଶନ ଶକ୍ତି, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, ଭିତ୍ତିଭୂମି ଉନ୍ନୟନ, ପୁଞ୍ଜିନିବେଶ ଉପରେ ବଜେଟ କେନ୍ଦ୍ରିତ ହୋଇଛି। ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ଚଳିତ ବଜେଟ ୧୭.୬% ବୃଦ୍ଧି ପାଇଛି। ଅନ୍ୟପକ୍ଷରେ କେନ୍ଦ୍ର ସରକାର କେତେକ ଯୋଜନାକୁ ସମ୍ପୂର୍ଣ୍ଣ ବନ୍ଦ କରିଥିବା ବେଳେ ବହୁ ଯୋଜନାରେ ଭାଗ କମାଇ ଦେଇଛନ୍ତି। କେନ୍ଦ୍ର ଉପରେ ବିଶେଷ ନିର୍ଭରଶୀଳ ନ ହୋଇ ରାଜ୍ୟ ସରକାର ନିଜ ପାଣ୍ଠିକୁ ଭରସା କରି ବଜେଟ ପ୍ରସ୍ତୁତ କରିଛନ୍ତି। ଏଥି ସକାଶେ ବଜେଟରେ ନିଜ ରାଜସ୍ୱ ଭାଗ ୫୭ ପ୍ରତିଶତ ରଖିବା ଉଲ୍ଲେଖନୀୟ।

ଚଳିତ ଆର୍ଥିକ ବର୍ଷରେ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ଅଭିବୃଦ୍ଧି ହାର ୮ରୁ ୮.୫% ରହିବା ନେଇ ଆକଳନ କରାଯାଇଛି। ବଜେଟରେ ରାଜସ୍ୱ ବଳକା ଜିଏସ୍‌ଡିପିର ୨.୫ ପ୍ରତିଶତ ଓ ବିତ୍ତୀୟ ନିଅଣ୍ଟ ୩ ପ୍ରତିଶତ ମଧ୍ୟରେ ରହିବା ନେଇ ଆକଳନ କରାଯାଇଛି। ତେବେ ରାଜ୍ୟର ଋଣଭାର ୧.୧୨ ଲକ୍ଷ କୋଟି ଛୁଇଁବା ନେଇ ଅନୁମାନ କରାଯାଇଛି। ଚଳିତ ବଜେଟରେ ସରକାର ପ୍ରଥମ ଥର ପାଇଁ ୧୦ ହଜାର କୋଟି ଟଙ୍କାର କର୍ପସ ଫଣ୍ଡ୍ ବା ବଜେଟ ଷ୍ଟାବିଲାଇଜେଶନ ଫଣ୍ଡ୍ ☞ପୃଷ୍ଠା-୩




ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଶନିବାର ବିଧାନସଭାରେ ୨୦୨୨-୨୩ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରୁଛନ୍ତି।




### ବଜେଟ ମୁଖ୍ୟାଂଶ

- କାର୍ଯ୍ୟକ୍ରମ ଖର୍ଚ୍ଚ ପରିମାଣ ୧ ଲକ୍ଷ କୋଟି ଟଙ୍କା
- କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ବ୍ୟୟ ଅଟକଳ ୨୧,୧୬୬ କୋଟି ଟଙ୍କା
- ଶିକ୍ଷା ଓ ଦକ୍ଷତା କ୍ଷେତ୍ର ପାଇଁ ୨୭,୩୨୪ କୋଟି ଟଙ୍କା ବ୍ୟୟ ବରାଦ
- ସ୍ୱାସ୍ଥ୍ୟ କ୍ଷେତ୍ରର ବ୍ୟୟବରାଦ ୧୨,୬୨୪ କୋଟି ଟଙ୍କା
- କାଳିଆ ଯୋଜନା ପାଇଁ ୧,୮୭୪ କୋଟି, ମିଶନ ଶକ୍ତି ଲାଗି ୨୦୦୦ କୋଟି
- ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିମନ୍ତେ ୮,୩୮୯ କୋଟି ଟଙ୍କା
- ମୋଟ ରାଜସ୍ୱରେ ରାଜ୍ୟର ନିଜସ୍ୱ ରାଜସ୍ୱର ଭାଗ ୫୭%
- ଟିକସ ଓ ଜିଏସ୍‌ଡିପିର ଅନୁପାତ ୬.୪% ହେବା ଅଟକଳ
- ପୁଞ୍ଜି ବ୍ୟୟ ବାବଦକୁ ଅଟକଳ ୩୮,୭୩୨ କୋଟି ଟଙ୍କା, ଯାହାକି ଜିଏସ୍‌ଡିପିର ୫.୪%
- ବିତ୍ତୀୟ ନିଅଣ୍ଟ: ଘରୋଇ ଉତ୍ପାଦର ଧାର୍ଯ୍ୟଲକ୍ଷ୍ୟର ୩% ମଧ୍ୟରେ ସୀମିତ ରହିବ




## ର୍‍ୟାଗିଂରୁ ଛାତ୍ରୀଙ୍କ ଆତ୍ମହତ୍ୟା

### ବିଜେବି କଲେଜରେ ଉତ୍ତେଜନା

- କାରୁବାକୀ ଛାତ୍ରୀନିବାସର ୨୦୧ ରୁମ୍‌ରୁ ମିଳିଲା ମୃତଦେହ
- ସୁଇସାଇଡାଲ ନୋଟ୍‌ରେ ୩ ସିନିୟରଙ୍କ ନିର୍ଯାତନା ଉଲ୍ଲେଖ
- ଫାଟକ ଆଗରେ ଧାରଣା ଦେଲେ ଛାତ୍ର, ପରିବାର

ଭୁବନେଶ୍ୱର, ୨।୭(ବ୍ୟୁରୋ)

ରାଜଧାନୀରେ ର୍‍ୟାଗିଂ। ସିନିୟର ଦେଉଥିଲେ ଅସହ୍ୟ ନିର୍ଯାତନା। ଶେଷରେ ମିଳିଲା ଛାତ୍ରୀଙ୍କ ମୃତଦେହ। ରାଜ୍ୟର ଅନ୍ୟତମ ପ୍ରମୁଖ ଶିକ୍ଷାନୁଷ୍ଠାନ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଶନିବାର ଏଭଳି ଏକ ସ୍ପର୍ଶକାତର ଘଟଣା ଘଟିଛି। କାରୁବାକୀ ଛାତ୍ରୀ ନିବାସର ତୃତୀୟ ମହଲା ରୁମ୍ ନଂ.୨୦୧ର କବାଟ ଭାଙ୍ଗି ମୃତଦେହ ଜବତ କରିଛି ବଡ଼ଗଡ଼ ଥାନା ପୋଲିସ। ମୃତା ଛାତ୍ରୀ ହେଲେ କଟକ ଜିଲା କଖଡ଼ି ଗାଁର ରୁଚିକା ମହାନ୍ତି। ତାଙ୍କ ମୃତଦେହ ବେଡ୍ ଉପରେ ପଡିରହିଥିବାବେଳେ ବେକରେ ରଶି ଗୁଡ଼ାଇ ହୋଇ ରହିଥିଲା। ଏଥିସହ ତାଙ୍କ ପକେଟରୁ ପୋଲିସ ଏକ ସୁଇସାଇଡ୍ ନୋଟ୍, ମୋବାଇଲ୍ ଫୋନ୍ ଓ ଅନ୍ୟ କିଛି ସାମଗ୍ରୀ ଜବତ କରିଛି, ଯେଉଁଥିରେ ୩ଜଣ ସିନିୟରଙ୍କ ନିର୍ଯାତନା ସହି ହେଉନାହିଁ ବୋଲି ଉଲ୍ଲେଖ ରହିଛି। ଏଥିସହ ରୁଚିକାଙ୍କ ଭିଡିଓ କଲ୍ ମଧ୍ୟ ର୍‍ୟାଗିଂର ସୂଚନା ଦେଉଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି କିଛି ନମୁନା ସଂଗ୍ରହ କରିବା ପରେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ସେପଟେ ପରିବାର ଲୋକେ ମଧ୍ୟ ସିନିୟରଙ୍କ ନିର୍ଯାତନା ଯୋଗୁ ☞ପୃଷ୍ଠା-୩


SUIIT
Sambalpur University
Institute of Information Technology
Advt. No: 731 /SUIIT Dt: 30/06/2022

ADMISSION OPEN FOR 2022-23

Master in Computer Application (MCA)
M. Sc. Computer Science
M. Tech Computer Science & Engineering

B. Tech (Regular):
Computer Sc. & Engineering (CSE)
Computer Sc. & Engineering with specialization in AI&ML
Computer Sc. & Engg. with specialization in Information & Cyber Security
Electronics & Communication Engineering (ECE)
Electrical & Electronics Engineering (EEE)
B. Tech (Lateral Entry): CSE/ECE/EEE

All B. Tech admissions are done exclusively through OJEE Councelling-2022
Last date of applying online for PG Courses: 23rd July, 2022
FOR DETAILS OF ADMISSION PROCESS AND INFORMATION BROCHURE
Visit: www.suiit.ac.in

CONTACT NUMBERS: 9938983624 / 9438074077 / 9337347538

Sd/
Director, SUIIT

Email- admin.office@suiit.ac.in


## ନ୍ୟାୟପାଳିକା କେବଳ ସମ୍ବିଧାନ ନିକଟରେ ଉତ୍ତରଦାୟୀ

### ଭାରତର ରାଜନୈତିକ ଦଳଗୁଡ଼ିକୁ ଆମେରିକାରେ ସିଜେଆଇଙ୍କ କଟାକ୍ଷ

ନୂଆଦିଲ୍ଲୀ,୨।୭

ଭାରତରେ କ୍ଷମତାସୀନ ଦଳ ଚାହେଁ, ଏହାର ସମସ୍ତ ସରକାରୀ ନିଷ୍ପତ୍ତିକୁ ନ୍ୟାୟିକ ସମର୍ଥନ ମିଳିବା ଉଚିତ। ଅନ୍ୟପକ୍ଷେ ବିରୋଧୀ ନିଜ ରାଜନୈତିକ କାର୍ଯ୍ୟସୂଚୀଗୁଡ଼ିକୁ ଆଗକୁ ବଢ଼ାଇବାରେ ନ୍ୟାୟପାଳିକାର ସମର୍ଥନ ଆଶା କରନ୍ତି। କିନ୍ତୁ ନ୍ୟାୟପାଳିକା କେବଳ ସମ୍ବିଧାନ ନିକଟରେ ଉତ୍ତରଦାୟୀ ବୋଲି ଶନିବାର ପ୍ରଧାନ ବିଚାରପତି ଜଷ୍ଟିସ୍ ଏନ୍.ଭି. ରମନା କଟାକ୍ଷ କରିଛନ୍ତି। ପ୍ରଫେଟ୍ ମହମ୍ମଦଙ୍କ ଉପରେ ଆପତ୍ତିଜନକ ଟିପ୍ପଣୀ ଦେଇ ଭାଜପାରୁ ନିଲମ୍ବିତ ହୋଇଥିବା ନୂପୁର ଶର୍ମାଙ୍କୁ ଶନିବାର ସୁପ୍ରିମକୋର୍ଟ କଡ଼ା ଭର୍ତ୍ସନା କରିବାର ଦିନକ ପରେ ସିଜେଆଇ ରମନାଙ୍କ ଏହି ମନ୍ତବ୍ୟ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ। ଆମେରିକାର ସାନ୍‌ଫ୍ରାନ୍‌ସିସ୍କୋରେ ଆସୋସିଏଶନ୍ ଅଫ୍ ଇଣ୍ଡିଆନ୍ ଆମେରିକାନ୍ସ ପକ୍ଷରୁ ଆୟୋଜିତ ଏକ ସମ୍ବର୍ଦ୍ଧନା ସମାରୋହକୁ ସମ୍ବୋଧିତ କରି ସିଜେଆଇ ରମନା କହିଛନ୍ତି, ଭାରତ ସ୍ୱାଧୀନତା ପ୍ରାପ୍ତିର ୭୫ ବର୍ଷ ପୂର୍ତ୍ତି ପାଳନ କରୁଥିବାବେଳେ ଆମ ଗଣତନ୍ତ୍ର ୭୨ ବର୍ଷରେ ପଦାର୍ପଣ କରିଛି। କିନ୍ତୁ ଦୁଃଖର ସହ କହିବାକୁ ପଡୁଛି ଯେ, ଲୋକେ ସମ୍ବିଧାନ ପ୍ରଦତ୍ତ ସେମାନଙ୍କ ଭୂମିକା ଓ ଉତ୍ତରଦାୟିତ୍ୱକୁ ବୁଝିନାହାନ୍ତି। କ୍ଷମତାସୀନ ଦଳ ସବୁ ସରକାରୀ ପଦକ୍ଷେପ ପାଇଁ ବିଚାରବିଭାଗୀୟ ସମର୍ଥନ ପାଇବାକୁ ହକ୍‌ଦାର ବୋଲି ମନେକରୁଛି। ବିରୋଧୀ ଦଳଗୁଡ଼ିକ ମଧ୍ୟ ସେମାନଙ୍କ ରାଜନୈତିକ ଆଭିମୁଖ୍ୟ ଓ ପ୍ରସଙ୍ଗଗୁଡ଼ିକୁ ନ୍ୟାୟପାଳିକା ଆଗକୁ ବଢ଼ାଉ ବୋଲି ଆଶା କରୁଛନ୍ତି। ଭାରତୀୟ ସମ୍ବିଧାନ ଏବଂ ☞ପୃଷ୍ଠା-୩



ଏନ୍.ଭି. ରମନା

ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। –ଶ୍ରୀମା

# ହାନିକାରକ କ୍ଷମତା



ଆକାର ପଟେଲ

ଅଲ୍ଟ ନ୍ୟୁଜର ସହ ସଂସ୍ଥାପକ ମହମ୍ମଦ ଜୁବେରଙ୍କୁ ଜେଲ ପଠାଇ ଦିଆଯିବା ଏକ ନ୍ୟାୟିକ ନିଷ୍ଫଳତା ଯାହାକୁ ଭାରତ ସରକାର ଏହାର ନାଗରିକମାନଙ୍କୁ ମାନିନେବାକୁ ବିବଶ କରୁଛନ୍ତି। ଆଇନ ଶୃଙ୍ଖଳା ଦେଶର ପ୍ରସଙ୍ଗ ହୋଇଥିବାରୁ ଏଠାରେ ଭାରତ ସରକାରଙ୍କ କଥା ଉଠାଉଛି। କାରଣ ଅମିତ ଶାହାଙ୍କ ଅଧୀନରେ ଥିବା କେନ୍ଦ୍ର ସରକାରଙ୍କ ସଂସ୍ଥାଗୁଡ଼ିକ ବିନା ବିଚାର ଏବଂ ବିନା ଦୋଷରେ ନାଗରିକଙ୍କ ଜୀବନ ନଷ୍ଟ କରିବାକୁ ବ୍ୟାପକ କ୍ଷମତାର ଦୁରୁପଯୋଗ କରି ଆସୁଛନ୍ତି। ଅଲ୍ଟ ନ୍ୟୁଜର ସହ ସଂସ୍ଥାପକ ତଥା ବ୍ରିଲିଆଣ୍ଟ ଫ୍ୟାକ୍ଟ ଚେକର ଜୁବେର ଏବେ ଏଭଳି ଏକ ହାସ୍ୟାସ୍ପଦ ଅଭିଯୋଗରେ ଜେଲରେ ଅଛନ୍ତି ଯେ,ଯାହାର କୌଣସି ମୂଲ୍ୟ ନାହିଁ କି ଦେଶର କିଛି ଲାଭ ହେବାର ନାହିଁ। ଜଣେ ଅଜ୍ଞାତ ବ୍ୟକ୍ତି ଟୁଇଟ୍ ଫରୱାର୍ଡ କରିବା ଘଟଣା ବ୍ୟତୀତ ଜୁବେରଙ୍କ ବିରୋଧରେ କୌଣସି ବାସ୍ତବ ଅଭିଯୋଗ ନାହିଁ। ହେଲେ ଭାଜପା ଜୁବେରଙ୍କୁ ଜେଲ ପଠାଇଦେଇଛି ଓ ତାଙ୍କୁ ନ୍ୟାୟିକ ହେପାଜତରେ ରଖିବାକୁ ଚାହୁଁଛି, ଯଦିଓ ଯେଉଁ ଟୁଇଟ୍ ପାଇଁ ସେ ଜେଲ ଯାଇଛନ୍ତି ତାହା ସ୍ପଷ୍ଟ ହୋଇସାରିଛି। ସରକାର ତାଙ୍କ ଘରକୁ ପୋଲିସ ପଠାଇ ବିନା କାରଣରେ ତାଙ୍କ ସମ୍ପତ୍ତି ଜବତ କରିଛନ୍ତି। ସରକାର ଲୋକମାନଙ୍କୁ ହତାଶ ଓ ଅପମାନିତ କରୁଛନ୍ତି, ଏପରି କି ଭୟଭୀତ କରୁଛନ୍ତି। ଜୁବେର ଭାଜପା ମୁଖପାତ୍ରଙ୍କ ଦ୍ୱାରା ଜଣେ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱଙ୍କ ଉତ୍ପୀଡନ ବିଷୟକୁ ବାହାରକୁ ଆଣିଥିଲେ, ଯାହା ସରକାରଙ୍କୁ ଭଲ ଲାଗିଲା ନାହିଁ ଓ ତାହାକୁ ଭୁଲ୍ ବୁଝିଛନ୍ତି। ତେବେ ସରକାର ଏବେ ଆମ ଭଳି ଜଣେ ନାଗରିକଙ୍କ ବିରୋଧରେ ପ୍ରତିଶୋଧ ଓ ପ୍ରତିହିଂସା ପରାୟଣ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଭାରତରେ ଯେକୌଣସି ବ୍ୟକ୍ତି କୌଣସି ଅପରାଧରେ ଅଭିଯୁକ୍ତ ହେଲେ ଦୋଷ ପ୍ରମାଣ ନ ହେବା ଯାଏ ସେ ନିର୍ଦ୍ଦୋଷ ବୋଲି ଯେଉଁ ସିଦ୍ଧାନ୍ତ ରହିଛି ସେଥିରୁ ସରକାର ଦୂରେଇ ଯିବାକୁ ଚାହିଁଛନ୍ତି ଏବଂ ତା'ପରିବର୍ତ୍ତେ ବିଚାର ପୂର୍ବରୁ ଦୋଷୀ ସଜାଇ ଦିଆଯାଉଛି। ଏଥିପାଇଁ ଜେଲ ପଠାଇବା ପ୍ରଥମ କାର୍ଯ୍ୟ ହୋଇଛି ଓ ତା' ପରେ ଆଉ ଯାହାକିଛି କରାଯାଉଛି। କୌଣସି ତ୍ରୁଟି କିମ୍ବା ପ୍ରମାଣ ନ ଥାଇ ଯେଭଳି ଆର୍ୟନ ଖାନ୍‌ଙ୍କୁ ଜେଲ ପଠାଇବାର କୌଣସି କାରଣ ନ ଥିଲା ସେହିଭଳି ଜୁବେରଙ୍କୁ ବି ଜେଲରେ ରଖିବାର କାରଣ ନ ଥିଲା। ତୀସ୍ତା ସିତଲଭାଦ, ରିୟା ଚକ୍ରବର୍ତ୍ତୀ କିମ୍ବା ନୱାବ ମଲିକଙ୍କୁ ମଧ୍ୟ ଜେଲରେ ରଖିବାର କୌଣସି କାରଣ ନ ଥିଲା। ଏହା ବ୍ୟତୀତ ଲୋକମାନଙ୍କୁ ଗିରଫ କରିବା ଓ ଦଣ୍ଡ ଦେବା ନାଟକ କରି ସରକାର ତାଙ୍କ ଅପାର କ୍ଷମତାକୁ ପ୍ରୟୋଗ କରୁଥିବା ଦେଖାଯାଉଛି।

ଅପରାଧ ନ୍ୟାୟିକ ବ୍ୟବସ୍ଥାରେ ସରକାର ବା ଦେଶ ନିକଟରେ ସବୁ କ୍ଷମତା ରହୁଛି ; ବିଚାର, ପୋଲିସ, କୋର୍ଟରୁମ୍ ଏପରି କି ବିଚାରପତି ରହିଛନ୍ତି। ଅପରପକ୍ଷେ ଅଭିଯୁକ୍ତ ଏକାକୀ। ଏଥିପାଇଁ ଅଭିଯୁକ୍ତ ସପକ୍ଷରେ ଯିବା ଓ ସରକାରଙ୍କୁ ବିରୋଧ କରିବା ଲାଗି ବି ନ୍ୟାୟିକ ବ୍ୟବସ୍ଥାରେ ସୁରକ୍ଷା ଉପାୟ ରହିଛି। ସେଥିପାଇଁ ଆମେ କହୁ 'ଦୋଷ ପ୍ରମାଣ ନ ହେବା ଯାଏ ଜଣେ ନିର୍ଦ୍ଦୋଷ'। ସେହି କାରଣରୁ ଆମ ଦେଶରେ ବର୍ଡନ ଅଫ୍ ପ୍ରୁଫ୍ (ଅପରାଧରେ ଅଭିଯୁକ୍ତ ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବା) ଧାରା ରହିଛି। ଭାରତ ବହୁ ଆଇନର ସିଦ୍ଧାନ୍ତକୁ ଓଲଟପାଲଟ କରିଦେଇଛି। କେବଳ ଭାଜପା ନୁହେଁ, ଅନ୍ୟ ସରକାରରେ ବି ଏହା ହୋଇଛି। ସନ୍ତ୍ରାସବାଦ ଉପରେ ୟୁଏପିଏ, ନିଶା କାରବାର କ୍ଷେତ୍ରରେ ଏନ୍‌ଡିପିଏସ୍, ମନି ଲଣ୍ଡରିଂ ଉପରେ ପିଏମ୍‌ଏଲ୍‌ଏ, ଏପରିକି ନାଗରିକତ୍ୱ ଉପରେ ଆସାମର ଏନ୍‌ଆର୍‌ସି ଆଦି ବ୍ୟକ୍ତିଙ୍କ ଉପରେ ବର୍ଡନ ଅଫ୍ ପ୍ରୁଫ୍ ଲଦିଦେଇଛି। ଏହାବ୍ୟତୀତ ଦେଶରେ ଅନେକ କଠୋର ଆଇନ ବି ଅଣାଯାଇଛି। ଗୁଜରାଟ କଣ୍ଟ୍ରୋଲ ଅଫ୍ ଅର୍ଗାନାଇଜଡ ଆକ୍ଟରେ ଜାମିନ ପାଇଁ ଏମିତି ସର୍ତ୍ତ ରଖାଯାଇଛି ଯେ, ଜଣେ ପାଖାପାଖିରେ ଜାମିନ ପାଇବା ଅସମ୍ଭବ ହୋଇଯାଉଛି। ନିଜକୁ ନିର୍ଦ୍ଦୋଷ ପ୍ରମାଣ କରିବାର ଏଭଳି ବୋଝ ମଧ୍ୟ ଆମେ ଜୁବେରଙ୍କ ମାମଲାରେ ଦେଖିପାରିବା ଓ ସରକାର ତାଙ୍କ ହାନିକାରକ କ୍ଷମତା ପ୍ରୟୋଗ କରିବାରେ ଉତ୍ସାହୀ ରହିଛନ୍ତି। ଏହା ବିପଜ୍ଜନକ। ଦେଶର ଏଭଳି ବେପରୁଆ କାର୍ଯ୍ୟ, ଯାହାକୁ ନ୍ୟାୟିକ ବ୍ୟବସ୍ଥା ରୋକିପାରୁନାହିଁ, ତାହା ଏକ ବଡ଼ କ୍ଷତି କରୁଛି। ଔପଚାରିକ ଭାବେ ଅପରାଧର ଅଭିଯୋଗ ଲଗାଇବା ବା ଦୋଷାରୋପ କରିବାରେ ଦେଶର କିଛି ଲାଭ ନାହିଁ, ବରଂ ଜାମିନ ନ ଦେଇ ଜେଲରେ ରଖିବା ମୁଖ୍ୟ ଲକ୍ଷ୍ୟ। ବିଭିନ୍ନ ମାମଲାରେ ସେଲିବ୍ରିଟିମାନଙ୍କୁ ଜେଲରେ ରଖିବା ଓ ଅନେକ ସପ୍ତାହ ଯାଏ ଜାମିନ ନ ଦେବା କାର୍ଯ୍ୟରୁ ଆମେ ଏହା ଦେଖିପାରିଛୁ। ଯେମିତି ସେମାନେ ଜାମିନ ପାଇଯାଉଛନ୍ତି ତା'ପରେ ସରକାରଙ୍କର ସେଥିରେ ଆଉ ଆଗ୍ରହ ରହୁନାହିଁ ଏବଂ ମାମଲା ମାନ୍ଦା ପଡ଼ିଯାଉଛି। ଏହା ବାସ୍ତବରେ ଆଇନର ଶାସନ କିମ୍ବା ସମ୍ବିଧାନର ସୁରକ୍ଷା ନୁହେଁ, ବରଂ ଜଣଙ୍କୁ ନିର୍ଯାତନା ଦେବା ଓ ପ୍ରଥମ ଘଟଣାରେ ସେମାନଙ୍କୁ ଜେଲରେ ରଖିବା ଉପରେ ସରକାର ଅଧିକ ଧ୍ୟାନ ଦେଉଛନ୍ତି।

ଅନେକେ ସିତଲ୍‌ଭାଦଙ୍କ ଭଳି ସାମାଜିକ କର୍ମୀ ଏବଂ ଜୁବେରଙ୍କ ପରି ସାମ୍ବାଦିକ ଦୋଷୀ ସାବ୍ୟସ୍ତ ନ ହୋଇ ଜେଲରେ ରହିବା ଘଟଣାକୁ ଉପଭୋଗ କରୁଛନ୍ତି। ଏମାନେ ଅନୁଭବ କରିବା ଉଚିତ ଯେ, ଏଭଳି କାର୍ଯ୍ୟକଳାପରୁ ଭାରତ ଭଳି ଏକ ସାମ୍ବିଧାନିକ ଗଣତନ୍ତ୍ର କିମ୍ବା ଆଧୁନିକ ଦେଶକୁ କୌଣସି ଲାଭ ମିଳିବ ନାହିଁ। ଭାରତରେ ଏହି କ୍ରୋଧୀ ସରକାର ଏକ ନକାରାତ୍ମକ ଦୃଷ୍ଟିକୋଣ ଆପଣାଇ ଲୋକମାନଙ୍କ ଉପରେ କ୍ରୋଧରେ ପ୍ରତିଶୋଧ ନେବା ଘଟଣାକୁ ବିଶ୍ୱ ଦେଖୁଛି। ଆଇନର ହାନିକାରକ କ୍ଷମତାର ଦୁରୁପଯୋଗ ଏବେ କରାଯାଉଥିବାରୁ ଏକ ବିକଶିତ ଓ ସମୃଦ୍ଧ ରାଷ୍ଟ୍ର ହେବା ଲକ୍ଷ୍ୟରେ ଆମ ଯାତ୍ରା ଆମ ପାଇଁ ଅଧିକ କଷ୍ଟକର ହୋଇଯାଉଛି। ଜୁବେର ଜଣେ ଅସଲ ହିରୋ। ତାଙ୍କର ସକାରାତ୍ମକ ଗୁଣ ଓ ପାର୍ଟନର ପ୍ରତୀକ ସିଂଙ୍କ ସହ ତ୍ୟାଗପୂର୍ଣ୍ଣ କାର୍ଯ୍ୟ ସମ୍ପର୍କରେ ଦେଶ ଅବଗତ। ଏଭଳି ଏକ ତ୍ୟାଗକୁ ସରକାର ଏବଂ ସମାଜର ସିଂହଭାଗ ଲୋକ ଉପେକ୍ଷା କରିବା ସହ ଅବମାନନା ଓ ଘୃଣାର ସହ ଅଟକ ରଖିବା ଆମ ସମୟରେ ଏକ ଦୁଃଖଦ ପ୍ରତିଫଳନ। ଏହା ହେଉଛି ନୂଆ ଭାରତ, ଯେଉଁଠି ନିଜ ଲୋକମାନଙ୍କର କ୍ଷତି କରିବା ଉଦ୍ଦେଶ୍ୟ ରଖୁଥିବା ଏକ ସରକାର ଦ୍ୱାରା ଆମ ହିରୋ ଓ ହିରୋଇନ୍‌ମାନଙ୍କୁ ବଦନାମ କରାଯାଉଛି।

Email:aakar.patel@gmail.com

## su|do|ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 5 | | | | 3 | | |
| 8 | 4 | 6 | | | | | | |
| 9 | 7 | | 6 | | | | 5 | 4 |
| 7 | | | 3 | | | | | 9 |
| | | | 4 | | | | | 2 |
| | | 4 | 9 | 7 | | | 1 | |
| | | 7 | 8 | | | | 4 | 6 |
| 1 | | 9 | | | | 5 | | |
| | | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 1 | 2 | 9 | 3 | 4 | 8 | 5 | 7 |
| 4 | 5 | 8 | 6 | 1 | 7 | 2 | 9 | 3 |
| 3 | 9 | 7 | 2 | 5 | 8 | 1 | 4 | 6 |
| 5 | 7 | 6 | 4 | 8 | 9 | 3 | 1 | 2 |
| 1 | 3 | 9 | 7 | 2 | 5 | 6 | 8 | 4 |
| 2 | 8 | 4 | 1 | 6 | 3 | 5 | 7 | 9 |
| 9 | 6 | 3 | 8 | 7 | 1 | 4 | 2 | 5 |
| 8 | 4 | 5 | 3 | 9 | 2 | 7 | 6 | 1 |
| 7 | 2 | 1 | 5 | 4 | 6 | 9 | 3 | 8 |

ଗତ କାଲିର ଉତ୍ତର

# ମାଟି କୁଡ଼୍ୱଆରେ ମହାପ୍ରସାଦ



ଡ. ପ୍ରଫୁଲ୍ଲ କୁମାର ସାହୁ

ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଗଣଦେବତା। ସେ ମାନବବାଦ ଓ ପ୍ରକୃତିବାଦର ସମନ୍ୱିତ ପ୍ରତିଭୂ। ତେଣୁ ମହାପ୍ରଭୁଙ୍କ ବିଗ୍ରହ ନିର୍ମାଣଠାରୁ ଆରମ୍ଭ କରି ଦୈନନ୍ଦିନ ଜୀବନଚର୍ଯ୍ୟା ପର୍ଯ୍ୟନ୍ତ ପ୍ରତ୍ୟେକ ରୀତି ନୀତି ଯେତିକି ଆଚାରସିଦ୍ଧ, ସେତିକି ବିଜ୍ଞାନମୟ। ପୃଥିବୀର ଅଧିଷ୍ଠିତ ସବୁ ଦେବଦେବୀଙ୍କ ବିଗ୍ରହ ପ୍ରାୟତଃ ପ୍ରସ୍ତର କିମ୍ବା ଧାତୁରେ ଗଢ଼ା ହୋଇଥିବା ସ୍ଥଳେ ମହାପ୍ରଭୁ ଦାରୁଦେବତା ହେବା ଅନ୍ତରାଳରେ ରହିଛି ଆଦି ମାନବର ବୃକ୍ଷ ଉପାସନା। ନିମ୍ବବୃକ୍ଷର ଆୟୁର୍ବେଦୀୟ ଦ୍ରବ୍ୟଗୁଣ ସିଦ୍ଧାନ୍ତ ତଥା ସ୍ଥାୟିତ୍ୱ ହିଁ ଆଧ୍ୟାତ୍ମିକତା, ପ୍ରକୃତି ତତ୍ତ୍ୱ ଓ ବିଜ୍ଞାନର ଏକ ସୁନ୍ଦର ସମୀକରଣ, ଯାହା ଆମ ପୂର୍ବଜଙ୍କ ଜ୍ଞାନଗର୍ଭା ଚିନ୍ତନର ଫଳ।

ସୁସ୍ଥ ନିରାମୟ ଜୀବନ ଧାରଣ ପାଇଁ ମାନବ ଶରୀର ଆବଶ୍ୟକ କରେ ପରିବେଶ ଉପଯୋଗୀ ସାତ୍ତ୍ୱିକ ଆହାର। ଶାସ୍ତ୍ର କହେ– ପ୍ରକୃତିଲବ୍ଧ ଶକ୍ତି ଆଲୋକ ଉତ୍ତାପ ଜଳବାୟୁ ଓ ଖାଦ୍ୟ ଇତ୍ୟାଦିର ଉପଯୋଗିତାରେ ପରିପୁଷ୍ଟ ହୁଏ ମାନବ ଶରୀର। ଅର୍ଥାତ୍ ଗୋଟିଏ ଭୂଖଣ୍ଡର ପରିବେଶ ଓ ଜଳବାୟୁ ଉପରେ ନିର୍ଭର କରେ ସେଠାକାର ଖାଦ୍ୟ ପରମ୍ପରା। ଶହ ଶହ ବର୍ଷର ପରୀକ୍ଷାନିରୀକ୍ଷା ପରେ ପ୍ରତିଷ୍ଠା ଲାଭ କରେ ସେଠାକାର ଖାଦ୍ୟଶୃଙ୍ଖଳା ଓ ତା'ର ପ୍ରସ୍ତୁତି ପ୍ରଣାଳୀ। ଏହି ପରମ୍ପରାର ଉପାଦେୟତାକୁ ଅଙ୍ଗୀକାର କରି ସ୍ଥାନୀୟ ପରିବେଶରୁ ମିଳୁଥିବା ପ୍ରାକୃତିକ ଖାଦ୍ୟ ପଦାର୍ଥରୁ ପ୍ରସ୍ତୁତ ହୁଏ ମହାପ୍ରଭୁଙ୍କ ଅନ୍ନବ୍ୟଞ୍ଜନ ଓ ଅନ୍ୟାନ୍ୟ ଭୋଗ।

ଖାଦ୍ୟ ବିଶେଷଜ୍ଞଙ୍କ ମତରେ କୌଣସି ଧାତୁପାତ୍ର ଅପେକ୍ଷା ମାଟିହାଣ୍ଡିରେ ପାକ ହୋଇଥିବା ଖାଦ୍ୟ ଅଧିକ ସୁସ୍ୱାଦୁ ଓ ସ୍ୱାସ୍ଥ୍ୟକର। କାରଣ ମାଟିପାତ୍ରରେ ରୋଷେଇ କରିବା ଦ୍ୱାରା ଆଦୌ ନଷ୍ଟ ହୁଏନି ଖାଦ୍ୟର ସୂକ୍ଷ୍ମ ପୋଷକ ତତ୍ତ୍ୱ। ଆପଣା ଅନୁଭୂତିସିଦ୍ଧ ଜ୍ଞାନ ବଳରେ ଖାଦ୍ୟ ପ୍ରସ୍ତୁତିର ଏ ଗହନ ତତ୍ତ୍ୱକୁ ବୁଝିଥିଲେ ଆମ ପୂର୍ବଜମାନେ। ସେହି କାରଣରୁ ଏକଦା ଆମ ରୋଷେଇ ଘରର ଅଭିନ୍ନ ଅଙ୍ଗ ହୋଇ ରହିଥିଲା ମାଟିହାଣ୍ଡି। ମାଟିପାତ୍ର କ୍ଷାରୀୟ ଗୁଣ ବହନ କରୁଥିବାରୁ ଅମ୍ଳ ପ୍ରଭାବକୁ ହ୍ରାସ କରି ଖାଦ୍ୟକୁ ଏକ ସମତୁଲ ସ୍ତରକୁ ଆଣେ, ଯାହା ହଜମ ହୋଇଯାଏ ସହଜରେ। ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ମାଟିପାତ୍ରରେ ରୋଷେଇ ଖାଦ୍ୟ ନିୟମିତ ଖାଉଥିବା ବ୍ୟକ୍ତିକୁ ଆକ୍ରମଣ କରେନି ମଧୁମେହ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା। ଏତଦ୍‌ଭିନ୍ନ ମାଟିପାତ୍ରରେ ନିୟମିତ ପାଣି ପିଇଲେ ହଜମ ଶକ୍ତି ବଢ଼ିବା ସହିତ ଅଧିକ କ୍ରିୟାଶୀଳ ହୁଏ ରୋଗ ପ୍ରତିରୋଧକ ଶକ୍ତି। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିରରେ ରନ୍ଧନଠୁ ଆରମ୍ଭ କରି ମହାପ୍ରସାଦ ସେବନ ପର୍ଯ୍ୟନ୍ତ ସବୁକାମ ହୁଏ କେବଳ ମାଟିପାତ୍ରରେ। ଶ୍ରୀମନ୍ଦିର ସେବାରେ ଏହି ମାଟିପାତ୍ର ପାଇଁ ସୃଷ୍ଟି ହୋଇଛି ଏକ ସ୍ୱତନ୍ତ୍ର ନିଯୋଗ ବା କୁମ୍ଭକାର ସେବା।



ଶ୍ରୀମନ୍ଦିର ଇତିହାସ କହେ, ରାଜା ତୃତୀୟ ଅନଙ୍ଗଦେବ (ତ୍ରୟୋଦଶ ଶତାବ୍ଦୀ)ଙ୍କ ସମୟରୁ ଶ୍ରୀଜୀଉଙ୍କ ପାଇଁ ମହାପ୍ରସାଦ ବା ଅନ୍ନଭୋଗ ମଣୋହି ବ୍ୟବସ୍ଥା (ତ୍ରୟୋଦଶ ଶତାବ୍ଦୀ) ପ୍ରଚଳନ ହେବା ପରଠାରୁ ବ୍ୟାପକ ହେଲା ମାଟିହାଣ୍ଡି, କୁଡ଼ୁଆ ଓ ତାଡ଼ ଇତ୍ୟାଦି। ଆବଶ୍ୟକତାକୁ ଅନୁଭବ କରି ଛତିଶା ନିଯୋଗରେ ସ୍ଥାନ ପାଇଲା କୁମ୍ଭକାର ସେବା। ଶ୍ରୀମନ୍ଦିରକୁ କେବଳ ନାଲି ରଙ୍ଗର ମୃଣ୍ମୟ ପାତ୍ର ଯାଏ ଏବଂ ତାହା ତିଆରି ହୁଏ ଏକ ବିଶେଷ ପଦ୍ଧତିରେ। ସମୟକ୍ରମେ ଛପନ ପଉଟି ଭୋଗର ପରିମାଣ ବୃଦ୍ଧି ପାଇବା ସହିତ ବଢ଼ି ଚାଲିଲା ମୃଣ୍ମୟ ପାତ୍ରର ଚାହିଦା। ଏତେ ପରିମାଣର ମାଟିପାତ୍ର ଯୋଗାଇବାକୁ ଅକ୍ଷମ ହେଲା କୁମ୍ଭକାର ନିଯୋଗ। ତେଣୁ ମନ୍ଦିର ପ୍ରଶାସନ ପକ୍ଷରୁ କୁମ୍ଭାରପଡ଼ା, ଟିକରପଡ଼ା ଓ ନୂଆସାହିସ୍ଥିତ କୁମ୍ଭାରମାନଙ୍କୁ ଚୁକ୍ତିବଦ୍ଧ କରାଗଲା ଅତିରିକ୍ତ ଭାବରେ।

ଖାଦ୍ୟ ଗବେଷକଙ୍କ ମତରେ, ମାଟିପାତ୍ରରେ ପ୍ରସ୍ତୁତ ଖାଦ୍ୟ ଶରୀରକୁ ଯୋଗାଇପାରେ ଆବଶ୍ୟକ ପରିମାଣର କ୍ୟାଲ୍‌ସିୟମ, ଫସ୍‌ଫରସ୍ ଓ ଲୌହସାର ଇତ୍ୟାଦି। ମାଟିପାତ୍ରର ଆଉ ଏକ ବିଶେଷତ୍ୱ ହେଉଛି ଏଥିରେ ପାକ ହୋଇ ରଖାଯାଇଥିବା ଖାଦ୍ୟ ଅନେକ ସମୟ ପର୍ଯ୍ୟନ୍ତ ସତେଜ ରହିପାରେ, ଯାହା ବହୁ ପରୀକ୍ଷିତ। ସମ୍ବାଦପତ୍ରରେ ପ୍ରକାଶିତ ଏକ ସୂଚନା ଅନୁଯାୟୀ, ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଏକଦା ଶ୍ରୀକ୍ଷେତ୍ର ଆସିଥିଲେ ସ୍ୱଦେଶୀ ବିଜ୍ଞାନ ସଂଘର ସଦସ୍ୟ ରାଜୀବ ଦୀକ୍ଷିତ। ସେଠାରେ ମାଟି କୁଡ଼ୁଆରେ ମହାପ୍ରଭୁଙ୍କୁ ମହାପ୍ରସାଦ ଅର୍ପଣ ହେଉଥିବାର ଦେଖି ସେ ଚକିତ ହେଲେ ଏବଂ ତାଙ୍କ ଭିତରେ ସୃଷ୍ଟି ହେଲା ଏକ ପ୍ରଶ୍ନବାଚୀ। ଶ୍ରୀମନ୍ଦିର ଭଣ୍ଡାର ଘରେ ସୁନା ରୁପା ଭଳି ମୂଲ୍ୟବାନ୍ ଧାତୁ ନିର୍ମିତ ପାତ୍ରର ଅଭାବ ନଥିବା ସ୍ଥଳେ ମାଟି କୁଡ଼ୁଆର ବ୍ୟବହାର କାହିଁକି? ସେବାୟତଙ୍କ ସହ ଆଲୋଚନା କରି ସେ ଯାହା ଜାଣିଲେ ତା'ର ନିର୍ଯାସ ହେଉଛି– ମାଟି କୁଡ଼ୁଆ ଅନ୍ୟାନ୍ୟ ପାତ୍ରଠାରୁ ପବିତ୍ର ଏବଂ ସେହି କାରଣରୁ ମାଟି କୁଡ଼ୁଆରେ ରନ୍ଧନ କରି ମହାପ୍ରଭୁଙ୍କୁ ମହାପ୍ରସାଦ ଅର୍ପଣ କରିବା ଶ୍ରୀମନ୍ଦିର ବିଧି। ସେବାୟତଙ୍କ ଏଭଳି ମନଗଢ଼ା କଥାକୁ ଆଦୌ ଗ୍ରହଣ କରିପାରିଲାନି ରାଜୀବ ଦୀକ୍ଷିତଙ୍କ ଅନୁସନ୍ଧିତ୍ସୁ ମନ। ତେଣୁ ଏହାର ରହସ୍ୟ ଭେଦିବା ପାଇଁ ସେ ଏକ ଡାଲି କୁଡ଼ୁଆ ଧରି ପହଞ୍ଚିଥିଲେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ ଗବେଷଣା କେନ୍ଦ୍ରରେ। ମାତ୍ର ପରୀକ୍ଷା ପାଇଁ ସେଠାରେ ଉପଲବ୍ଧ ନଥିଲା ଆନୁଷଙ୍ଗିକ ସୁବିଧା। ଅଗତ୍ୟା ଡାଲି କୁଡ଼ୁଆଟି ଧରି ଫେରିଆସିଲେ ଦିଲ୍ଲୀ। ସେଠାକାର ବିଜ୍ଞାନ ଗବେଷଣା କେନ୍ଦ୍ରରେ ପହଞ୍ଚିବା ପାଇଁ ଲାଗିଗଲା ଛତିଶ ଘଣ୍ଟା ସମୟ। ସେତେବେଳକୁ ଡାଲି ସଂପୂର୍ଣ୍ଣ ଖରାପ ହୋଇ ଯାଇଥିବ ବୋଲି ଭାବି ନେଇଥିଲେ ଦୀକ୍ଷିତ ମହୋଦୟ। ମାତ୍ର ତାଙ୍କ ଭାବନା ଭୁଲ ପ୍ରମାଣିତ ହେଲା ବିଜ୍ଞାନାଗାରରେ ପରୀକ୍ଷା ପରେ। ଗବେଷଣାରୁ ଜଣାଗଲା ଡାଲିର ପୌଷ୍ଟିକ ତତ୍ତ୍ୱ ଆଦୌ ନଷ୍ଟ ହୋଇନାହିଁ ଏବଂ ସେଥିରେ ଭରପୂର ହୋଇ ରହିଛି ଅଠର ପ୍ରକାର ମାଇକ୍ରୋନ୍ୟୁଟ୍ରାଣ୍ଟ ବା ପୁଷ୍ଟିସାର। ଖାଦ୍ୟ ଗବେଷକଙ୍କ ମତରେ ଏହା ହିଁ ମାଟି କୁଡ଼ୁଆର ବିଶେଷତ୍ୱ। ୟୁରୋପୀୟ ଖାଦ୍ୟ ନିରାପତ୍ତା ପ୍ରାଧିକରଣ ପକ୍ଷରୁ କରାଯାଇଥିବା ଏକ ଗବେଷଣାରୁ ଜଣାଯାଏ ଯେ, ଆଲୁମିନିୟମ ପାତ୍ରରେ ରୋଷେଇ ବେଳେ ପାଣି ଓ ଉତ୍ତାପ ଯୋଗୁ ହାଣ୍ଡିରେ ଏକ ରାସାୟନିକ ପ୍ରକ୍ରିୟା ସୃଷ୍ଟି ହୁଏ ଏବଂ ବାରମ୍ବାର ଖଡ଼ିକା ଘର୍ଷଣ ଦ୍ୱାରା ସେଥିରୁ କ୍ଷୟ ହେବାକୁ ଲାଗେ କ୍ଷୁଦ୍ର କ୍ଷୁଦ୍ର ଆଲୁମିନିୟମ କଣିକା। ଖାଦ୍ୟ ସହ ତାହା ପେଟ ଭିତରକୁ ଯିବା ଫଳରେ ସୃଷ୍ଟି ହୁଏ ନାନା ପ୍ରକାର ରୋଗ। ଅତଏବ ସ୍ୱାସ୍ଥ୍ୟ ପାଇଁ ଧାତୁ ନିର୍ମିତ ପାତ୍ରଠାରୁ ମାଟିପାତ୍ରର ଉପାଦେୟତା ଢେର୍ ବେଶି।

ହାଣ୍ଡିଶାଳରୁ ମାଟିହାଣ୍ଡି ହଜିଯିବା ସହିତ ଲୋକେ ଭୁଲିଗଲେଣି ମାଟିହାଣ୍ଡି ରୋଷେଇର ସ୍ୱାଦ। ମାତ୍ର ଶ୍ରୀମନ୍ଦିର ସେବା ପୂଜାରେ କେବେ କମିନାହିଁ ମାଟି କୁଡ଼ୁଆର ଆଦର। ସମୟକ୍ରମେ ଜଗନ୍ନାଥ ଧର୍ମ ଦର୍ଶନରେ ଅନ୍ୟ ଅନେକ ଚିନ୍ତା ଚେତନା ଓ ଦର୍ଶନର ସମନ୍ୱୟ ଘଟିଛି, ହେଲେ ସକଳ ବୈଚିତ୍ର୍ୟ ଓ ବିବିଧତାକୁ ଆତ୍ମସ୍ଥ କରି ଯୁଗ ଯୁଗ ଧରି ଅକ୍ଷୁଣ୍ଣ ରହିଛି ଜଗନ୍ନାଥ ସଂସ୍କୃତିର ମୌଳିକତା। ପାଶ୍ଚାତ୍ୟ ସଂସ୍କୃତି କବଳିତ କିଛି ତଥାକଥିତ ଶିକ୍ଷିତ ବ୍ୟକ୍ତି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ମୂଳ ତତ୍ତ୍ୱକୁ ପରୀକ୍ଷାନିରୀକ୍ଷା ନ କରି ମାଟି କୁଡ଼ୁଆରେ ମହାପ୍ରଭୁଙ୍କ ମହାପ୍ରସାଦ ମଣୋହିକୁ ଅବୈଜ୍ଞାନିକ, ଅହେତୁକ ଓ ଅନ୍ଧବିଶ୍ୱାସ କହିପାରନ୍ତି, ମାତ୍ର ସେମାନେ ଜାଣିବା ଦରକାର ଏହା ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ଯେତିକି ଉପାଦେୟ, ପର୍ଯ୍ୟାବରଣ ପାଇଁ ସେତିକି ଉପଯୋଗୀ। ବିଶେଷକରି ଆଜିର ପ୍ଲାଷ୍ଟିକ ପ୍ରଦୂଷଣ ଯୁଗରେ ମାଟି କୁଡ଼ୁଆରେ ମହାପ୍ରସାଦ ରନ୍ଧନର ପ୍ରାସଙ୍ଗିକତା ପ୍ରଶ୍ନାତୀତ।

ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ନିର୍ଭୀକ ବିଚାରପତି

## ବ୍ୟକ୍ତିତ୍ୱ



କେତଞ୍ଜି ବ୍ରାଉନ୍ ଜାକ୍‌ସନ

ଆମେରିକୀୟ ସଂଘୀୟ ନ୍ୟାୟପାଳିକାର ସର୍ବୋଚ୍ଚ ଅଦାଲତ ହେଉଛି ସୁପ୍ରିମକୋର୍ଟ ଅଫ୍ ଦି ୟୁନାଇଟେଡ୍ ଷ୍ଟେଟ୍ସ (ଏସ୍‌ସିଓଟିୟୁଏସ୍)। ସମସ୍ତ ସଂଘୀୟ କୋର୍ଟର ଶୀର୍ଷ ଅପିଲ୍ ଅଦାଲତ ହୋଇଥିବାରୁ ଏହାର ରାୟ ଆମେରିକାର ରାଜନୀତି ଓ ସାମାଜିକ ବ୍ୟବସ୍ଥାକୁ ପ୍ରଭାବିତ କରିଥାଏ। ଆମେରିକାର ମହିଳାମାନଙ୍କ ଗର୍ଭପାତ ଅଧିକାରକୁ ନେଇ ସୁପ୍ରିମକୋର୍ଟ ୨୪ ଜୁନ୍ ୨୦୨୨ରେ ଯେଉଁ ରାୟ ଦେଇଥିଲେ ତାହା ସମଗ୍ର ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ଅର୍ଦ୍ଧଶତାବ୍ଦୀ ତଳର ପୁରୁଣା 'ରୋ ବାନାମ ୱେଡ୍' ନିଷ୍ପତ୍ତିକୁ ଓଲଟାଇ ଆମେରିକା ସୁପ୍ରିମକୋର୍ଟ ଗର୍ଭପାତ ସଂକ୍ରାନ୍ତ ମହିଳାଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରିଛନ୍ତି। ଏଥିରୁ ପ୍ରତୀୟମାନ ହୋଇଛି ଯେ, ସେଠାକାର ସର୍ବୋଚ୍ଚ ଅଦାଲତଙ୍କ ମତ ସର୍ବାଧିକ ଗୁରୁତ୍ୱ ବହନ କରୁଛି। ଏହି ଶୀର୍ଷ ଅଦାଲତରେ ପ୍ରଧାନ ବିଚାରପତିଙ୍କୁ ମିଶାଇ ୯ ଜଣ ବିଚାରପତି ଅଛନ୍ତି। ଅନ୍ୟ ୮ ଜଣ ଆସୋସିଏଟ୍ ଜଷ୍ଟିସ୍ ଭାବେ ପରିଚିତ। ୩୦ ଜୁନ୍‌ରେ ଜଷ୍ଟିସ୍ ଷ୍ଟିଫେନ୍ ବ୍ରେୟର ଅବସର ନେବା ପରେ କେତଞ୍ଜି ବ୍ରାଉନ୍ ଜାକ୍‌ସନ ନୂତନ ବିଚାରପତି ଭାବେ ଶପଥ ନେଇଛନ୍ତି। ତାଙ୍କୁ ମିଶାଇ ଆମେରିକା ସୁପ୍ରିମକୋର୍ଟରେ ମହିଳା ବିଚାରପତିଙ୍କ ସଂଖ୍ୟା ୪ରେ ପହଞ୍ଚିଛି। ହେଲେ ସବୁଠାରୁ ଐତିହାସିକ ବିଷୟ ହେଲା ଆମେରିକାର ୨୩୩ ବର୍ଷର ନ୍ୟାୟିକ ଇତିହାସରେ ପ୍ରଥମ କୃଷ୍ଣକାୟ ମହିଳା ବିଚାରପତି ହେବାର ସୌଭାଗ୍ୟ କେତଞ୍ଜିଙ୍କୁ ମିଳିଛି। ରାଷ୍ଟ୍ରପତି ଜୋ ବାଇଡେନ୍ ତାଙ୍କୁ ନିଯୁକ୍ତ କରିବା ପରେ କହିଛନ୍ତି, ଏହା ତାଙ୍କ ଦେଶ ପାଇଁ ବିରାଟ ପଦକ୍ଷେପ ସ୍ୱରୂପ ପ୍ରତିଭାତ ହୋଇଛି। ଫଳରେ ସବୁ କୃଷ୍ଣକାୟ ଯୁବତୀ କେତଞ୍ଜିଙ୍କ ପ୍ରତିଭା ଦ୍ୱାରା ଅନୁପ୍ରାଣୀତ ହେବା ସହ ଦମ୍ଭଧରି ଆଗକୁ ଯିବାର ବାଟ ପାଇଛନ୍ତି ଏବଂ ସବୁ ଆମେରିକୀୟଙ୍କ ପାଇଁ ସମାନତାର ବାର୍ତ୍ତା ପହଞ୍ଚିଛି ବୋଲି ବାଇଡେନ୍ କହିଛନ୍ତି। ଅବଶ୍ୟ କୁହାଯାଉଛି ୨୦୨୦ ପ୍ରାଇମେରୀ ନିର୍ବାଚନ ବେଳେ କୃଷ୍ଣକାୟମାନଙ୍କ ସମର୍ଥନ ମିଳିଥିବାରୁ ବାଇଡେନ୍ ତାଙ୍କ ପ୍ରତିଶ୍ରୁତି ପାଳନ କରିବାକୁ ଯାଇ ଏଭଳି ବୃହତ୍ ପଦକ୍ଷେପ ନେଇଛନ୍ତି। ତେବେ ଆମେରିକା ସୁପ୍ରିମକୋର୍ଟରେ ପ୍ରଥମ ଆଫ୍ରିକୀୟ–ଆମେରିକୀୟ ମହିଳା ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ କେତଞ୍ଜିଙ୍କ ବିଷୟରେ ଜାଣିବାକୁ ସମସ୍ତଙ୍କ ଆଗ୍ରହ ରହିବା ସ୍ୱାଭାବିକ।

କେତଞ୍ଜି ୧୪ ସେପ୍ଟେମ୍ବର ୧୯୭୦ରେ ୱାଶିଂଟନ୍ ଡିସିରେ ଜନ୍ମଗ୍ରହଣ କରିଥିଲେ। କିନ୍ତୁ ସେ ଫ୍ଲୋରିଡାର ମାୟାମୀରେ ବଢ଼ିଥିଲେ। ତାଙ୍କ ମାତାପିତା ବ୍ଲାକ୍ କଲେଜେସ୍ ଓ ୟୁନିଭର୍ସିଟିଜ୍‌ରୁ ଗ୍ରାଜୁଏଟ୍ ହୋଇଥିଲେ। ପିତା ଜନି ବ୍ରାଉନ୍ ବୃତ୍ତିରେ ଥିଲେ ଓକିଲ। ପରବର୍ତ୍ତୀ ସମୟରେ ସେ ମାୟାମୀ–ଡାଡେ କାଉଣ୍ଟି ସ୍କୁଲ ବୋର୍ଡର ଚିଫ୍ ଆଟର୍ନି ହୋଇଥିଲେ। ମାତା ଏଲେରୀ ନ୍ୟୁ ୱାର୍ଲ୍ଡ ସ୍କୁଲ ଅଫ୍ ଦି ଆର୍ଟସ୍‌ର ଅଧ୍ୟକ୍ଷା ଥିଲେ। ଏକ ଉଚ୍ଚଶିକ୍ଷିତ ପରିବାରରୁ ଆସିଥିବାରୁ କେତଞ୍ଜି ବଡ଼ ବିଧିଶାସ୍ତ୍ରୀ ବା ଆଇନଜ୍ଞ ହେବାକୁ ଭବିଷ୍ୟତ ଲକ୍ଷ୍ୟ ରଖି ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର ଲ' କଲେଜରେ ପାଠ ପଢ଼ିଥିଲେ। ନିଜର ପ୍ରତିଭା ବଳରେ ସେ ହାର୍ଭାର୍ଡ ଲ' ରିଭ୍ୟୁର ସମ୍ପାଦକ ମଧ୍ୟ ହୋଇଥିଲେ। ତାଙ୍କ ବୃତ୍ତିଗତ ଆଇନ ଜୀବନ ତିନି ଜଣ ବିଶିଷ୍ଟ ଆଇନଜ୍ଞଙ୍କ ଅଧୀନରେ କ୍ଲର୍କଶିପ୍‌ରୁ ଆରମ୍ଭ ହୋଇଥିଲା। ସେଥିମଧ୍ୟରୁ ଷ୍ଟିଫେନ୍ ବ୍ରେୟର ଥିଲେ ଅନ୍ୟତମ। ସୌଭାଗ୍ୟ କ୍ରମେ ସୁପ୍ରିମକୋର୍ଟ ଆସୋସିଏଟ୍ ଜଜ୍ ପଦବୀରୁ ବ୍ରେୟର ଅବସର ନେବା ପରେ ତାଙ୍କ ସ୍ଥାନରେ କେତଞ୍ଜି ଅବସ୍ଥାପିତ ହୋଇଛନ୍ତି। ଏହି ପଦବୀ ହାସଲ କରିବା ପୂର୍ବରୁ ସେ ସରକାରୀ ନ୍ୟାୟିକ ବ୍ୟବସ୍ଥା ଓ ଘରୋଇ ଲ' ଫାର୍ମରୁ ଅଭିଜ୍ଞତା ଅର୍ଜନ କରିଥିଲେ। ଆମେରିକା କୋର୍ଟ ଅଫ୍ ଅପିଲ୍‌ର ଡି.ସି. ସର୍କିଟରେ ଯୋଗ ଦେବା ପୂର୍ବରୁ ସେ ୨୦୧୩ରୁ ୨୦୨୧ ଯାଏ ଡିଷ୍ଟ୍ରିକ୍ଟ ଅଫ୍ କଲମ୍ବିଆର ଡିଷ୍ଟ୍ରିକ୍ଟ କୋର୍ଟର ଜଜ୍ ହୋଇଥିଲେ। ସେ ମଧ୍ୟ ୨୦୧୦ରୁ ୨୦୧୪ ଯାଏ ୟୁନାଇଟେଡ୍ ଷ୍ଟେଟ୍‌ସ ସେଣ୍ଟେନ୍ସିଂ କମିଶନ୍‌ର ଉପାଧ୍ୟକ୍ଷ ହୋଇଥିଲେ। ନ୍ୟାୟିକ ବିଷୟବସ୍ତୁ ଉପରେ ଦଖଲ ଥିବାରୁ ସେ ତାହାକୁ ରିପୋର୍ଟିଂ କ୍ଷେତ୍ରରେ ମଧ୍ୟ ଉପଯୋଗ କରିଥିଲେ। ୧୯୯୨ରୁ ୧୯୯୩ ପର୍ଯ୍ୟନ୍ତ ସେ 'ଟାଇମ୍' ପତ୍ରିକାର ଷ୍ଟାଫ୍ ରିପୋର୍ଟର ଓ ରିସର୍ଚ୍ଚର ଭାବେ କାର୍ଯ୍ୟ କରିଥିଲେ। ୧୯୯୬ରେ ସେ ଜୁରିସ୍ ଡକ୍ଟର କମ୍ ଲାଉଡେ ଡିଗ୍ରୀ ଅର୍ଜନ କରିଥିଲେ। କେତଞ୍ଜି ଜଣେ ସୁବକ୍ତା ଥିବାରୁ କ୍ୟାରିୟରକୁ ଏହା ବେଶ୍ ସହାୟକ ହୋଇପାରିଛି। ଏଥିସହିତ ସେ ହାର୍ଭାର୍ଡରେ ପଢୁଥିବା ବେଳେ ମଞ୍ଚରେ କମେଡି କରି ଛାତ୍ର ଓ ଶିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିପାରିଥିଲେ। ସେଥିପାଇଁ ତାଙ୍କୁ ଡ୍ରାମା ପାଠ ପଢ଼ାଇବାକୁ ମଧ୍ୟ ସୁଯୋଗ ମିଳିଥିଲା।

କେତଞ୍ଜିଙ୍କ ବ୍ୟକ୍ତିଗତ ଜୀବନ କହିଲେ ସେ ୧୯୯୬ରେ ଡାକ୍ତର ପାଟ୍ରିକ୍ ଗ୍ରାଭେସ୍ ଜାକ୍‌ସନଙ୍କୁ ବିବାହ କରିଥିଲେ। ପାଟ୍ରିକ ବୋଷ୍ଟନ୍ ବାସିନ୍ଦା ଓ କଣ୍ଟିନେଣ୍ଟାଲ କଂଗ୍ରେସ ପ୍ରତିନିଧି ଜୋନାଥନ ଜାକ୍‌ସନଙ୍କ ସନ୍ତାନ। କେତଞ୍ଜିଙ୍କ ଲୈଲା ଓ ତାଲିଆ ନାମରେ ଦୁଇ ଝିଅ ଅଛନ୍ତି। ପରିବାର ପ୍ରୋଟେଷ୍ଟାଣ୍ଟ ସମ୍ପ୍ରଦାୟର। ସୁପ୍ରିମକୋର୍ଟରେ କେତଞ୍ଜି ବ୍ରାଉନ୍ ଜାକସନ୍‌ଙ୍କୁ ଯଦିଓ କଞ୍ଜରଭେଟିଭ୍ ବିଚାରପତିଙ୍କ ସହ ମିଶି କାମ କରିବାରେ ଅଡୁଆ ଲାଗିପାରେ ; କିନ୍ତୁ ତାଙ୍କ ନ୍ୟାୟିକ ଦୂରଦୃଷ୍ଟି ଆମେରିକୀୟଙ୍କୁ ଆଗକୁ ନୂଆ ଦିଗ ଦେଖାଇବ ବୋଲି ଆଶା କରାଯାଉଛି। କାରଣ ଡିଷ୍ଟ୍ରିକ୍ଟ କୋର୍ଟରେ ଥିବା ବେଳେ ସେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ନିଆଯାଇଥିବା ଅନେକ ନିଷ୍ପତ୍ତିକୁ ଖୋଲାଖୋଲି ବିରୋଧ କରିଥିଲେ। ସେହି ସମୟରେ ଏକ ଆଇନ ପ୍ରଣୟନ ସମ୍ବନ୍ଧୀୟ ମାମଲାରେ କୋର୍ଟରେ ପ୍ରମାଣ ଦେବା ଲାଗି ହାଜିର ଅର୍ଡରରେ ଲେଖିଥିଲେ– 'ରାଷ୍ଟ୍ରପତିମାନେ ରାଜା ନୁହନ୍ତି'। ତାଙ୍କର ସେତିକି ଲେଖା ଆମେରିକାର ବିଧାନପାଳିକା ଓ ନ୍ୟାୟପାଳିକାରେ ହଇଚଇ ସୃଷ୍ଟି କରିଥିଲା।

– ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

'ଗଛର ସୁରକ୍ଷା ହିଁ ପରିବେଶ ସୁରକ୍ଷା' ଏହା ମର୍ମେ ମର୍ମେ ଉପଲବ୍ଧି କରିଛନ୍ତି ବି.ଏଲ୍. ବେଙ୍ଗାନି। ଚେନ୍ନାଇ ନିବାସୀ ବେଙ୍ଗାନି ଧାନ କୁଣ୍ଡାରୁ ବିକଳ୍ପ ଉଡ୍ ବୋର୍ଡ ବା କାଠ ବୋର୍ଡ ପ୍ରସ୍ତୁତ କରୁଛନ୍ତି। ଏବେ ସୁଦ୍ଧା ସେ ଯେତିକି ଉଡ୍ ବୋର୍ଡ ତିଆରି କରିଛନ୍ତି ସେଥିରେ ୨୦,୦୦୦ ଗଛକୁ କାଟିବାରୁ ରକ୍ଷା କରାଯାଇପାରିଛି ବୋଲି କହନ୍ତି ବେଙ୍ଗାନି। ଏହାକୁ ପ୍ଲାଏଉଡ୍ ବଦଳରେ ମଧ୍ୟ ବ୍ୟବହାର କରାଯାଉଛି। ଏହି ଉଡ୍‌ବୋର୍ଡ ନାଁ ରଖାଯାଇଛି ଇଣ୍ଡୋଉଡ୍ ଏନ୍‌ଏଫ୍‌ସି ଏବଂ ଏହାକୁ ତିଆରି କରିବା ଲାଗି ତାଙ୍କୁ ୨ ବର୍ଷ ଲାଗିଯାଇଛି। ଏଥିପାଇଁ ସେ ବହୁ ଅର୍ଥ ମଧ୍ୟ ନିଜ ହାତରୁ ଖର୍ଚ୍ଚ କରିଛନ୍ତି। ଉକ୍ତ ଉଡ୍‌ବୋର୍ଡକୁ ଉଇ ଖାଇପାରିବ ନାହିଁ କି ଏହା ପାଣିରେ ସହଜରେ ନଷ୍ଟ ହେବ ନାହିଁ। ଏହା ମଧ୍ୟ ୧୦୦% ପୁନଃ ବ୍ୟବହାରଯୋଗ୍ୟ। ବେଙ୍ଗାନି ପ୍ରଥମେ ଏକ ପ୍ଲାଏଉଡ୍ କମ୍ପାନୀରେ କାମ କରୁଥିବା ସମୟରେ ବିନା ଗଛ କାଠରେ କିଭଳି ପ୍ଲାଏ ତିଆରି କରାଯାଇପାରିବ ତାହାର ଏକ ନକ୍ସା ପ୍ରସ୍ତୁତ କରିଥିଲେ। ୨୦୧୭ରେ ଚେନ୍ନାଇ ନିକଟବର୍ତ୍ତୀ ଗୁମିଡ଼ିପୋଣ୍ଡିରେ ଏକ କମ୍ପାନୀ ପ୍ରତିଷ୍ଠା କରି ବହୁ ଗବେଷଣା ପରେ ୨୦୧୯ରେ ଉତ୍ପାଦନ ଆରମ୍ଭ କରିଥିଲେ। ବେଙ୍ଗାନି ଉଡ୍‌ବୋର୍ଡ ପାଇଁ ଆବଶ୍ୟକ ଧାନ ଚୋପା ବା କୁଣ୍ଡା କୃଷକ ଓ ରାଇସ୍ ମିଲ୍‌ରୁ ସଂଗ୍ରହ କରୁଛନ୍ତି। ଉତ୍ପାଦକୁ ସେ ଦେଶର ବିଭିନ୍ନ ଅଞ୍ଚଳକୁ ପଠାଇବା ସହ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ ଓ ଓମାନକୁ ମଧ୍ୟ ପଠାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩ ଜୁଲାଇ ୧୯୯୭

- ପାକିସ୍ତାନର ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ର 'ହାତାଫ'ର ସଫଳ ପରୀକ୍ଷଣ।
- ଆଫଗାନିସ୍ତାନର ଇସଲାମୀୟ ତାଲିବାନ ଉଗ୍ରପନ୍ଥୀମାନେ ଉତ୍ତର–ପୂର୍ବାଞ୍ଚଳ ତଖାର ପ୍ରଦେଶର ରାଜଧାନୀ ତାଲୋକାନକୁ ନିଜ କବଳକୁ ନେଇଯାଇଛନ୍ତି।
- ଦୀର୍ଘ ୬ ଦଶନ୍ଧି ଧରି ୧୨୫ରୁ ଊର୍ଦ୍ଧ୍ୱ ଚଳଚ୍ଚିତ୍ରରେ ଅଭିନୟ କରିଥିବା ପ୍ରଖ୍ୟାତ ହଲିଉଡ୍ ଅଭିନେତା ରୋବର୍ଟ ମିଚମଙ୍କ ୭୯ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ଅନାହୂତ ଅନୁଭୂତି କ୍ଷୀଣ ତା'ର ଆୟୁଷ
ଜୀବନର ମରୁ–ପଥେ ଢାଳିଦିଏ ପୀୟୂଷ
ଦିନୁଁ ଦିନୁଁ ଦେହ ମମ ହୁଏ ଯେତେ ପୁରୁଣା
ମୂଳ ତା'ର ଦିନୁଁ ଦିନୁଁ ବଢ଼ି ଉଠେ ବହୁଣ।
(ପଥର ପ୍ରେମିକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ମା' ତାରିଣୀଙ୍କ ନଡ଼ିଆ ପଚୁଛି

ମହାଶୟ,
ଓଡ଼ିଶାର ସମସ୍ତ ଘରୋଇ ବସ୍‌ଷ୍ଟାଣ୍ଡରେ ମା' ତାରିଣୀଙ୍କ ନିକଟକୁ ଭକ୍ତମାନେ ନଡ଼ିଆ ପଠାଇବା ପାଇଁ କାଠବାକ୍ସ ମାନ ରଖାଯାଇଛି। ଭକ୍ତମାନେ ନଡ଼ିଆ ରଖୁଛନ୍ତି। କିନ୍ତୁ ମା'ଙ୍କ ପାଖକୁ ନଡ଼ିଆ ଠିକ୍ ସମୟରେ ପଠାଯାଉ ନାହିଁ। ଫଳରେ ବହୁତ ନଡ଼ିଆ ପଚି ନଷ୍ଟ ହୋଇଯାଉଛି। କେନ୍ଦୁଝର ଯାଉଥିବା ଯେ କୌଣସି ବସ୍‌ରେ ଗୋଟିଏ ଲେଖା ନଡ଼ିଆ ବସ୍ତା ପଠାଇଦେଲେ ତାହା ଘଟଗାଁରେ ପହଞ୍ଚିଯିବ। ଆଉ ଅଧିକ ନଡ଼ିଆ ପଚିବ ନାହିଁ।

– କହ୍ନେଇ ଚରଣ ନନ୍ଦୀ
ସାଆନ୍ତା, ଶେରଗଡ଼, ବାଲେଶ୍ୱର

## ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ହଟାଯାଉ

ରାଜ୍ୟରେ ଦୁର୍ନୀତି ଉପାୟରେ ଅର୍ଥ ଓ ସମ୍ପତ୍ତି ଠୁଳ କରୁଥିବା ଅଧିକାରୀଙ୍କୁ ହଟାଇ ନୂତନ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଉ। ନୀତିବିରୁଦ୍ଧ କାର୍ଯ୍ୟ ପ୍ରତି ସରକାର କଡ଼ା ପଦକ୍ଷେପ ନେବା ଜରୁରୀ ; ଯେପରି ଭବିଷ୍ୟତରେ ଦୁର୍ନୀତିର ମୂଳପୋଛ ହୋଇପାରିବା ସହ ସ୍ୱଚ୍ଛତା ଆସିପାରିବ, ନୂତନ ନିଯୁକ୍ତି ପ୍ରକ୍ରିୟା ସହଜ ଓ ସରଳ ହୋଇପାରିବ। ଏଥିପ୍ରତି ରାଜ୍ୟ ଭିଜିଲାନ୍ସ ବିଭାଗ ତୀକ୍ଷ୍ଣ ନଜର ରଖିବା ଆବଶ୍ୟକ।

– ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜେସିବି ମେଶିନରେ ଚଢ଼ି ଖେଳିବା ବେଳେ ଅଘଟଣ

## ବିଦ୍ୟୁତ୍ ସଂସର୍ଶରେ ଆସି ବାଳକ ମୃତ, ୨ ଗୁରୁତର

ମାଲକାନଗିରି,୨।୭ (ଡି.ଏନ୍.ଏ.)-ମାଲକାନଗିରି ଜିଲା ଖଇରପୁଟ ବ୍ଲକରେ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ଜେସିବି ମେଶିନ ଉପରେ ଚଢ଼ି ଖେଳିବା ସମୟରେ ବିଦ୍ୟୁତ୍ ତାର ସଂସର୍ଶରେ ଆସି ଜଣେ ବାଳକଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଗ୍ରାମର ରଘୁନାଥ ପାତ୍ରଙ୍କ ପୁଅ ଗୋକୁଳ (୧୪)। ଏଥିରେ ଦଶରଥ ଭୂମିଆ ଓ ହରି ମୁଦୁଲି ନାମକ ୨ ଜଣ ଆହତ ହୋଇଛନ୍ତି। ପ୍ରକାଶ ଯେ, ଖଇରପୁଟ ଗ୍ରାମର ବିଲୁ ସାହିରେ ଗତ କିଛିଦିନ ତଳେ ମାଛଚାଷ ପାଇଁ ଏକ ଜେସିବି ଆଣି ଖନନ କାର୍ଯ୍ୟ ପରେ ମେଶିନଟି ସେଠାରେ ରଖାଯାଇଥିଲା। ଶନିବାର ଉପରୋକ୍ତ ୩ ବାଳକ ଏହି ଜେସିବି ଉପରେ ଚଢ଼ି ଖେଳୁଥିବା ବେଳେ ଜେସିବି ଉପରେ ଥିବା ଏକ ବିଦ୍ୟୁତ୍ ତାର ହଠାତ୍ ଛିଡିଯାଇ ମେଶିନ ଉପରେ ପଡିଥିଲା। ଫଳରେ ଖେଳୁଥିବା ଗୋକୁଳ, ଦଶରଥ ଓ ହରି ବିଦ୍ୟୁତ୍ ସଂସର୍ଶରେ ଆସି ଦୂରକୁ ଛିଟିକି ପଡିଥିଲେ। ଖବରପାଇ ଗ୍ରାମବାସୀ ପହଞ୍ଚି ସେମାନଙ୍କୁ ଉଦ୍ଧାରକରି ଖଇରପୁଟ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଚିକିତ୍ସାଳୟକୁ ସ୍ଥାନାନ୍ତର କରୁଥିବା ସମୟରେ ଗୋକୁଳଙ୍କର ମୃତ୍ୟୁ ଘଟିଥିଲା। ଦଶରଥ ଓ ହରି ଗୁରୁତର ଅବସ୍ଥାରେ କୋରାପୁଟରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣା ବିଦ୍ୟୁତ୍ ବିଭାଗର ଅପାରଗତା ଯୋଗୁ ଘଟିଲା ବୋଲି ଅଭିଯୋଗକରି ଗ୍ରାମବାସୀ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି।

# ୧୩୪.୧ କୋଟିରେ ବିକ୍ରି ହେଲା ଶକ୍ତି ସୁଗାର୍ସ

■ କିଣିଲା ଟେକ୍ସାଇର ଇଣ୍ଡିଆ ପଟାସ୍ ଲିମିଟେଡ୍

■ ଢେଙ୍କାନାଳରେ ଧୂଳିସାତ୍ ହେଉଛି ଶିଳ୍ପାୟନ ସ୍ୱପ୍ନ

ଢେଙ୍କାନାଳ ଅଫିସ, ୨।୭

ଶିଳ୍ପ ଖୋଲିଲେ ମିଳିବ କର୍ମନିଯୁକ୍ତି। କୃଷକୀ ଶ୍ରମିକଙ୍କ ସଂଖ୍ୟା ବଢ଼ିବ। ଆଞ୍ଚଳିକସ୍ତରରେ ଉପଲବ୍ଧ ଖଣିଜ ସମ୍ପଦ ସଦ୍ବିନିଯୋଗ ହୋଇପାରିବ। କୃଷିଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ସହଜରେ କରାଯାଇପାରିବ। ଏଭଳି ଲକ୍ଷ୍ୟ ନେଇ ଢେଙ୍କାନାଳ ଜିଲାରେ ଦେଶ ସ୍ୱାଧୀନତା ପରବର୍ତ୍ତୀ ସମୟରେ ଗଢ଼ି ଉଠିଥିଲା ମାଳମାଳ କାରଖାନା। ହେଲେ ଶିଳ୍ପାୟନକୁ ନେଇ ଜିଲାବାସୀ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଏବେ ଧୂଳିସାତ୍ ହେବାକୁ ବସିଛି। ଠିକ୍ ଭାବେ ପରିଚାଳନା କରାଯାଇପାରୁ ନ ଥିବାରୁ ଡଜନରୁ ଊର୍ଦ୍ଧ୍ୱ କମ୍ପାନୀରେ ତାଲା ଝୁଲୁଛି। ଗୋଟିଏ ପରେ ଗୋଟିଏ ଶିଳ୍ପ ପ୍ରତିଷ୍ଠାନ ବିକ୍ରି ହେବାରେ ଲାଗିଛି। ଓଡ଼ାପଡ଼ା ବ୍ଲକ କୁସୁମଣ୍ଡିଆ ବିଆରେଙ୍କ, କଣ୍ଟାବଇଁଆସ୍ଥିତ ଭୂଷଣ ପରେ ଏବେ ଏହି ତାଲିକାରେ ଯୋଡ଼ିହୋଇଛି ଶକ୍ତିସୁଗାର୍ସ। ଗତ ଜୁଲାଇ ୧ରେ ଚେନ୍ନାଇସ୍ଥିତ ଇଣ୍ଡିଆ ପଟାସ୍ ଲିମିଟେଡ୍ ଏହାକୁ ୧୩୪ କୋଟି ୧୦ଲକ୍ଷ ଟଙ୍କାରେ କିଣିନେଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ଏ ନେଇ ଶ୍ରମ ବିଭାଗ, କମ୍ପାନୀ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ନିକଟରେ ଭଣା ଅଧିକ ସୂଚନା ଥିଲେ ମଧ୍ୟ ବିଧିବଦ୍ଧ ନିର୍ଦ୍ଦେଶାବଳୀ ଆସି ନ ଥିବାରୁ ଏ ବାବଦରେ କେହି ସ୍ପଷ୍ଟ କରୁନାହାନ୍ତି।




ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହରିପୁର ଗ୍ରାମ ତଥା ୫୫ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ୧୯୯୧ରେ ପ୍ରତିଷ୍ଠା ହୋଇଥିଲା ପ୍ରମୁଖ ଚିନି କାରଖାନା ଶକ୍ତିସୁଗାର୍ସ। ୧୦୦ ଏକର ଜମିରେ ଗଢ଼ି ଉଠିଥିବା ଏହି ବୃହତ୍ ଚିନି କାରଖାନାରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟ କରାଯାଇଥିବାବେଳେ ୧୯୯୪-୯୫ରୁ ଆରମ୍ଭ ହୋଇଥିଲା ଉତ୍ପାଦନ। ଏଠାରେ ବାର୍ଷିକ ୧୯,୦୦୦ ଟନ୍ ଆଖୁ ପେଡ଼ାଯାଉଥିବାବେଳେ ୨,୫୦୦ ମେଟ୍ରିକ ଟନ୍ ଚିନି ଉତ୍ପାଦନ ହେଉଥିଲା। ଏହା ଉପରେ କେବଳ ଢେଙ୍କାନାଳ ନୁହେଁ, ପଡ଼ୋଶୀ କଟକ, ଯାଜପୁର, ଅନୁଗୋଳ ଜିଲାର ଆଖୁଚାଷୀ ନିର୍ଭର କରୁଥିଲେ। ଏତଦ୍ବ୍ୟତୀତ ମୋଲାସିସ୍, ଜୈବିକଖତ, ସୋୟାବିନ୍ ଉତ୍ପାଦନ ମଧ୍ୟ କରାଯାଉଥିଲା। କାରଖାନା ପ୍ରତିଷ୍ଠା ହେବା ପରେ ଆଞ୍ଚଳିକ ଆର୍ଥିକସ୍ଥିତି ଉନ୍ନତ ହୋଇଥିଲା। ୩୦୦ରୁ ଊର୍ଦ୍ଧ୍ୱ ଶ୍ରମିକ କର୍ମଚାରୀ ରୋଜଗାରକ୍ଷମ ହୋଇଥିଲେ। କମ୍ପାନୀ ବିକ୍ରି ହେବ ବୋଲି କିଛିଦିନ ହେଲା ଚର୍ଚ୍ଚା ହେଉଥିଲା। ଏହାପରେ କେତେକ କର୍ମଚାରୀଙ୍କୁ ଅନ୍ୟତ୍ର ପଠାଯାଇଥିଲା। ଏବେ କମ୍ପାନୀରେ ଯେଉଁ ହାତଗଣତି କର୍ମଚାରୀ ଅଛନ୍ତି, ସେମାନେ ଭବିଷ୍ୟତ ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

ଅନ୍ୟପଟେ କମ୍ପାନୀ ବିକ୍ରି ହୋଇସାରିଥିବା ନେଇ ଜିଲା ପ୍ରଶାସନ, ଶ୍ରମ ବିଭାଗକୁ ବିଧିବଦ୍ଧ ଭାବେ ସରକାରୀସ୍ତରରେ ଅବଗତ କରାଯାଇନାହିଁ। ତେବେ ଏ ସଂକ୍ରାନ୍ତ ସୂଚନା କମ୍ପାନୀରେ ପ୍ରଚାର ହୋଇଯାଇଛି। ହେଲେ ଲିଖିତ ନିର୍ଦ୍ଦେଶାବଳୀ ଆସି ନ ଥିବା ଅଧିକାରୀ ଏବଂ କର୍ମଚାରୀ କହିଛନ୍ତି। ଏ ସଂକ୍ରାନ୍ତରେ କମ୍ପାନୀର ଆଇନ ପରାମର୍ଶଦାତା ଥିବା ବରିଷ୍ଠ ଆଇନଜୀବୀ ଶିବସାଇ ମହାପାତ୍ର କୁହନ୍ତି, କମ୍ପାନୀ ବିକ୍ରି ସମ୍ପର୍କରେ ଖବର ପାଉଛୁ। କିନ୍ତୁ ଅଦ୍ୟାବଧି ବିଧିବଦ୍ଧ ଭାବେ ଅବଗତ କରାଯାଇନାହିଁ। ଜିଲା ଶ୍ରମ ଅଧିକାରୀ ସତ୍ୟନାରାୟଣ ଆଚାର୍ଯ୍ୟ କୁହନ୍ତି, ଏଭଳି ଖବର ଶୁଣିଛୁ। କିନ୍ତୁ ସରକାରୀ ଭାବେ ଆମକୁ କୌଣସି ସୂଚନା ପ୍ରଦାନ କରାଯାଇନାହିଁ।

ସୂଚନାଯୋଗ୍ୟ, ଢେଙ୍କାନାଳ ଜିଲାର ଅନ୍ୟତମ ବୃହତ୍ତମ ଶିଳ୍ପ ପ୍ରତିଷ୍ଠାନ ବିଆରେଙ୍କ ଭୂଷଣ ବିକ୍ରିହୋଇସାରିଥିବାବେଳେ ଢେଙ୍କାନାଳ ସହର ଉପକଣ୍ଠ ଗୁଣ୍ଡିଚାପଡ଼ାସ୍ଥିତ ନୀଳାଚଳ ରିଫ୍ରାକ୍ଟୋରିଜ୍, ବଉଳପୁରସ୍ଥିତ ରିଲାଏନ୍ସ, ଗୁଣ୍ଡିଚାପଡ଼ାସ୍ଥିତ ଉଡି ଷ୍ଟିଲ, ଏସ୍.ଏନ୍. କର୍ପୋରେଶନ, ଗୋବିନ୍ଦପୁରସ୍ଥିତ ସୂତାକଳ, ବାବନ୍ଧ ଲାମ୍ପକ କମ୍ପାନୀ ପରିଚାଳନା ଅଭାବରୁ ବନ୍ଦ ହୋଇଯାଇଛି।

# ପିଲାଙ୍କୁ ଅପହରଣ ପରେ ମହିଳାଙ୍କୁ ବଳାତ୍କାର

### ସମ୍ବଲପୁର ସାକ୍ଷୀପଡ଼ାରୁ ଉଦ୍ଧାର, ଯୁବକ ଗିରଫ

ବ୍ରହ୍ମପୁର ଅଫିସ,୨।୭-ପିଲାଙ୍କୁ ଅପହରଣ କରି ଶେଷରେ ମହିଳାଙ୍କୁ ଘରେ ରଖି ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ବ୍ରହ୍ମପୁର ବଡବଜାର ଥାନା ପୋଲିସ ଶନିବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ସଦର ଥାନା ଅନ୍ତର୍ଗତ ବୁରୁକୁଡି ଗ୍ରାମର ବିକ୍ରମ ବିଷୋୟୀ(୨୮)। ପୋଲିସ ତାଙ୍କ ନିକଟରୁ ଦୁଇଟି ମୋବାଇଲ ଫୋନ ଜବତ କରିଛି। ଅନ୍ୟପଟେ ପୀଡ଼ିତା ଓ ତାଙ୍କର ୩ଜଣ ପିଲାଙ୍କୁ ପୋଲିସ ସମ୍ବଲପୁର ଜିଲା ଧନୁପାଲି ଥାନା ଅନ୍ତର୍ଗତ ସାକ୍ଷୀପଡାରୁ ଉଦ୍ଧାର କରିଥିବା କହିଛି। ଶନିବାର ଉଭୟ ପୀଡ଼ିତା ଓ ଯୁବକଙ୍କୁ ଏମ୍କେସିଜି ମେଡିକାଲରେ ଡାକ୍ତରୀ ମାଇନା କରାଯାଇଛି। ମାମଲା ନମ୍ବର ୧୬୧/୨୨ରେ ବିକ୍ରମଙ୍କୁ ପୋଲିସ କୋର୍ଟ ଚାଲାଣ କରିଛି। ସେହିପରି ପୀଡ଼ିତାଙ୍କର ଧାରା ୧୬୪ରେ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ପ୍ରକାଶ ଯେ, ବିକ୍ରମ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀ କରିଥିବା ଏକ କମ୍ପାନୀରେ କାମ କରୁଥିଲେ। ଫଳରେ ମହିଳାଙ୍କ ପରିବାର ସହ ତାଙ୍କର ସମ୍ପର୍କ ରହିଥିଲା। ମେ' ୨୫ରେ ସମ୍ପୃକ୍ତ କମ୍ପାନୀ ମାଲିକଙ୍କ ୩ଜଣ ପିଲାଙ୍କୁ ଅପହରଣ କରିଥିବା ବେଳେ ବିକ୍ରମ ପିଲାଙ୍କ ମା'ଙ୍କୁ ଫୋନ କରିଥିଲେ। ମହିଳାଙ୍କୁ ବ୍ରହ୍ମପୁର ନୂଆ ବସ୍ଷ୍ଟାଣ୍ଡ ଆସିବାକୁ କୁହାଯାଇଥିଲା। ମହିଳା ଜଣଙ୍କ ବସ୍ଷ୍ଟାଣ୍ଡରେ ପହଞ୍ଚିବା ପରେ ଯୁବକ ଜଣଙ୍କ ତାଙ୍କ ମୋବାଇଲ ଫୋନ ଛଡାଇ ନେଇ ସୁଇଚ ଅଫ୍ କରି ଦେଇଥିଲେ। ପରେ ମହିଳାଙ୍କୁ ସମ୍ପୃକ୍ତ ଯୁବକ ଭୁବନେଶ୍ୱର ବରମୁଣ୍ଡା ବସ୍ଷ୍ଟାଣ୍ଡ ନେଇଥିଲେ। ସେଠାରୁ ଯୁବକ ଜଣଙ୍କ ସମ୍ବଲପୁର ନେଇ ରାଣୀ ଲକ୍ଷ୍ମୀରେ ଦିନକ ପାଇଁ ରଖିଥିଲେ। ପରେ ଯୁବକ ଜଣଙ୍କ ଧନୁପାଲି ଥାନା ଅନ୍ତର୍ଗତ ସାକ୍ଷୀପଡାରେ ଏକ ଘର ଭଡ଼ା ନେଇ ମହିଳାଙ୍କ ଅନିଚ୍ଛା ସତ୍ତ୍ୱେ ସେଠାରେ ତାଙ୍କୁ ବଳାତ୍କାର କରିଥିଲେ ବୋଲି ଉଦ୍ଧାର ପରେ ମହିଳା ଜଣଙ୍କ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି।

# ଶ୍ରୀଗୁଣ୍ଡିଚା ମନ୍ଦିରର ଚୁଲି ଭାଙ୍ଗିଲେ ଦୁର୍ବୃତ୍ତ

ପୁରୀ ଅଫିସ,୨।୭– ଶ୍ରୀକ୍ଷେତ୍ରରେ ପୁଣି ରୋଷଘର ଚୁଲି ଭାଙ୍ଗିଛି। ମହାପ୍ରଭୁଙ୍କ ଜନ୍ମବେଦୀ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ଥିବା ରୋଷଘରେ ପଶି କେହି ଦୁର୍ବୃତ୍ତ କେତୋଟି ଚୁଲିକୁ ଭାଙ୍ଗିଦେଇଥିବା ନେଇ ଶନିବାର କେତେଜଣ ସୁଆର ସେବାୟତ ଅଭିଯୋଗ ଆଣିଛନ୍ତି। ତେବେ ରଥଯାତ୍ରା ସମୟରେ ଏପରି ଚୁଲି ଭଙ୍ଗା ଘଟଣା ଅଗଣିତ ଜଗନ୍ନାଥ ପ୍ରେମୀଙ୍କୁ ଆଘାତ ଦେଇଛି। କେହି ଅସାମାଜିକ ବ୍ୟକ୍ତି ଶୁକ୍ରବାର ରାତିରେ ରୋଷଘରେ ପଶି ହାତରେ ନିର୍ମିତ ହୋଇଥିବା କାଠ ଚୁଲିଗୁଡ଼ିକୁ ଭାଙ୍ଗି ଦେଇଛନ୍ତି। ତେବେ କେତୋଟି ଚୁଲି ଭାଙ୍ଗିଛି ତାହା ସ୍ପଷ୍ଟ ଜଣାପଡ଼ି ନ ଥିବାବେଳେ କେତେଜଣ ସୁଆର ସେବକଙ୍କ କହିବା ଅନୁଯାୟୀ ୨୦ଟି ଚୁଲି ଭାଙ୍ଗିଥିବା ବେଳେ ଅନ୍ୟ କେତେ ସେବକ ୬୦ଟି ଚୁଲି ଭଙ୍ଗାଯାଇଥିବା କହିଛନ୍ତି। ତେବେ ମହାପ୍ରଭୁଙ୍କ କୋଠଭୋଗ ପାଇଁ ଥିବା ଚୁଲିଗୁଡିକ ସୁରକ୍ଷିତ ଥିବା ଜଣାପଡ଼ିଛି। ମହାପ୍ରଭୁଙ୍କ ଘୋଷଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ଏତେ କଡା ସୁରକ୍ଷା ବଳୟ ମଧ୍ୟରେ ଥିବାବେଳେ କେମିତି ଓ କିଏ ଚୁଲି ଭାଙ୍ଗିଲା ତାହାକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହେଉଛି। ଏହାକୁ ନେଇ ଶ୍ରୀମନ୍ଦିର ପ୍ରଶାସନ ତଦନ୍ତ କରି ଯିଏ ଏପରି କର୍ମ କରିଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସେବାୟତମାନେ ଦାବି କରିଛନ୍ତି।

ଟୁଲୁ ମହାସୁଆରଙ୍କ ସମେତ ୪ଜଣ ସେବାୟତଙ୍କ କହିବା ଅନୁଯାୟୀ, ସେମାନେ ମହାପ୍ରଭୁଙ୍କ ଘଣାଲାଗି ଦିନ ଗୁଣ୍ଡିଚା ମନ୍ଦିରକୁ ଆସି ତାଙ୍କ ଚୁଲି ନିର୍ମାଣ କରିଥିଲେ ଓ ଆଉ କିଛି ଚୁଲି ଶ୍ରୀଗୁଣ୍ଡିଚା ଦିନ ଆସି ତିଆରି କରିଥିଲେ। ଶୁକ୍ରବାର ଚୁଲିଗୁଡିକ ସୁରକ୍ଷିତ ଥିଲା। ତେବେ ସେମାନେ ଶନିବାର ସକାଳେ ରୋଷଘରକୁ ଯାଇଥିବା ବେଳେ ଅନେକ ଚୁଲି ଭାଙ୍ଗିଯାଇଥିବା ଦେଖିବାକୁ ପାଇଥିଲେ। ତେଣୁ ଶୁକ୍ରବାର ରାତିରେ କେହି ରୋଷଘରେ ପଶି ଚୁଲିଗୁଡ଼ିକୁ ହାତରେ ଭାଙ୍ଗିଦେଇଛି। ତେବେ ରୋଷ ଘର ମଧ୍ୟକୁ ସାଧାରଣ ଭକ୍ତଙ୍କ ଉପରେ ବାରଣ ଥିବାବେଳେ କେବଳ ସୁଆର ମହାସୁଆର ସେବକମାନେ ଯାଇଥାନ୍ତି। ତେଣୁ ଏପରି କାମ କେହି ସେବାୟତ କରିଥିବା ସେମାନେ ଅଭିଯୋଗ ଆଣିଛନ୍ତି। ଅପରପକ୍ଷେ ଏହି ଅଭିଯୋଗକୁ ଖଣ୍ଡନ କରିଛନ୍ତି ପରିଚାଳନା କମିଟି ସଦସ୍ୟ ଅନନ୍ତ ତିଆଡ଼ି। ସେ କହିବା ଅନୁଯାୟୀ, ଶ୍ରୀ ଗୁଣ୍ଡିଚା ମନ୍ଦିରରେ ସାନ୍ଧ୍ୟ ଦର୍ଶନ ପରେ ଚୁଲିଗୁଡ଼ିକୁ ଭାଙ୍ଗି ଦିଆଯାଇଥାଏ। ପୁଣି ଶ୍ରୀଗୁଣ୍ଡିଚା ଯାତ୍ରା ସମୟରେ ମରାମତି କରାଯାଇଥାଏ। ତେଣୁ ବର୍ତ୍ତମାନ ଚୁଲିଗୁଡିକର ମରାମତି ଚାଲିଛି। ଯଦି କିଏ ଅଭିଯୋଗ କରୁଛନ୍ତି ତାହା ତାଙ୍କ ବ୍ୟକ୍ତିଗତ ସମସ୍ୟା ହୋଇପାରେ ବୋଲି ପରିଚାଳନା କମିଟି ସଦସ୍ୟ ତିଆଡି କହିଛନ୍ତି। ସେହିପରି ସୁଆର ମହାସୁଆର ନିଯୋଗ ସଭାପତି ନାରାୟଣ ମହାସୁଆରଙ୍କ କହିବା ଅନୁଯାୟୀ, ମାଙ୍କଡ଼ ଭାଙ୍ଗି ଦେଇଥାଇପାରେ ବୋଲି ଅନୁମାନ କରାଯାଉଛି। ତେବେ କାହାକୁ ଦେଖି ନ ଥିବାରୁ ମଣିଷ ଭାଙ୍ଗିଛି କି ଆଉ କିଏ ଭାଙ୍ଗିଛି କହିହେବ ନାହିଁ। ତେବେ ଭାଙ୍ଗିଥିବା ଚୁଲିଗୁଡିକର ମରାମତି ସରିଛି। ଭକ୍ତମାନେ ମହାପ୍ରସାଦ ପାଇବାରେ କୌଣସି ଅସୁବିଧା ହେବ ନାହିଁ।




## ପ୍ରଥମ ପୃଷ୍ଠାରୁ...

### ଫୋକସରେ ଗାଁ, ...

କରିବାକୁ ନିଷ୍ପତ୍ତି ନେଇଛନ୍ତି। କୋଭିଡ୍ କିମ୍ବା ଅନ୍ୟାନ୍ୟ ଜରୁରୀ ପରିସ୍ଥିତିରେ ଉକ୍ତ ପାଣ୍ଠିରୁ ଖର୍ଚ୍ଚ କରାଯିବ। ସେହିପରି ନୂତନ ଭାବେ ନିର୍ମିତ ମିଶନ ଶକ୍ତି ବିଭାଗ ପାଇଁ ବଜେଟରେ ୨ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଠିକ୍ ସମୟରେ ଶ୍ରମିକଙ୍କୁ ମଜୁରି ପ୍ରଦାନ ପାଇଁ କର୍ପସ ପାଣ୍ଠିକୁ ୫୦୦ରୁ ୧ ହଜାର କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ଶ୍ରମିକମାନେ ଯେପରି କାମଧନ୍ଦା ଅଭାବରୁ ଅନ୍ୟ ରାଜ୍ୟକୁ ନ ଯିବେ ସେଥିଲାଗି ୫୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଅନୁରୂପଭାବେ ୫–ଟି ହାଇସ୍କୁଲ ରୂପାନ୍ତରଣ ଯୋଜନା ପାଇଁ ୧୦୦ କୋଟି, ଦୁର୍ଗମ ଅଞ୍ଚଳରେ ଅଣସଂଯୋଗ ଗ୍ରାମଗୁଡ଼ିକୁ ସଂଯୋଗ କରିବାକୁ ୧୫୦ କୋଟି, ସଡ଼କ ସଂଯୋଗୀକରଣ ପାଇଁ ୧୫୦ କୋଟି, ଇ–ଭେହିକଲ୍ସ ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ୫୦ କୋଟି, ମତ୍ସ୍ୟଚାଷ ଭିତ୍ତିଭୂମି ପାଇଁ ୨୫ କୋଟିର ଋଣ ପ୍ରଦାନ ଏବଂ କଫି ଚାରା ରୋପଣ ପାଇଁ ୧୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

ଏହି ବଜେଟରେ ପ୍ରଶାସନିକ ଖର୍ଚ୍ଚ ୮୯ ହଜାର ୫୯୦ କୋଟି ହୋଇଥିବା ବେଳେ କାର୍ଯ୍ୟକ୍ରମ ଖର୍ଚ୍ଚ ୧ ଲକ୍ଷ କୋଟି, ବିପର୍ଯ୍ୟୟ ପରିଚାଳନା ପାଣ୍ଠି ପାଇଁ ୩,୨୧୦ କୋଟି, ସ୍ଥାନୀୟ ନିକାୟ ଓ ଉନ୍ନୟନ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର ବାବଦରେ ୭,୨୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଦରମା, ପେନ୍ସନ, ସୁଧ ଦେୟ ଓ ପୁଞ୍ଜି ସମ୍ପତ୍ତିର ରକ୍ଷଣାବେକ୍ଷଣ ପାଇଁ ଯଥାକ୍ରମେ ୨୯,୨୪୮ କୋଟି, ୧୮ ହଜାର ୨୨୧ କୋଟି, ୮ ହଜାର ୪୬୭ କୋଟି ଏବଂ ୫ ହଜାର ୮୫୬ କୋଟି ଖର୍ଚ୍ଚ ବ୍ୟବସ୍ଥା କରାଯାଇଛି। ୨୦୨୨–୨୩ ଆର୍ଥିକ ବର୍ଷ ପାଇଁ ପୁଞ୍ଜିବ୍ୟୟ ଅଟକଳ ୩୮,୭୩୨ କୋଟି ଟଙ୍କା ରହିଛି, ଯାହାକି ଜିଏସ୍ଡିପିର ୫.୪ ପ୍ରତିଶତ। ଗତ ଆର୍ଥିକ ବର୍ଷ ତୁଳନାରେ ଏହା ୫୬% ଅଧିକ।

ବଜେଟରେ ବ୍ୟୟ ଅଟକଳ ପାଇଁ ରାଜସ୍ୱ କ୍ଷେତ୍ରରୁ ୧ ଲକ୍ଷ ୬୩ ହଜାର ୯୬୭ କୋଟି ଏବଂ ଋଣ ଓ ଅନ୍ୟାନ୍ୟ କ୍ଷେତ୍ରରୁ ୩୬ ହଜାର ୩୩ କୋଟି ଟଙ୍କା ଭରଣା କରାଯିବ। ମୋଟ ରାଜସ୍ୱ ପ୍ରାପ୍ତିରୁ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ବାବଦକୁ ୩୬ ହଜାର ୯୭୮ କୋଟି, ରାଜ୍ୟର ନିଜସ୍ୱ ଟିକସ ୪୬ ହଜାର କୋଟି, ଅଣ ଟିକସ ୪୮ ହଜାର ୨୦୦ କୋଟି ଏବଂ କେନ୍ଦ୍ରୀୟ ଅନୁଦାନ ବାବଦକୁ ମିଳିବାକୁ ଥିବା ୩୨ ହଜାର ୭୮୯ କୋଟି ଅନ୍ତର୍ଭୁକ୍ତ ରହିଛି। ଚଳିତ ବଜେଟରେ ନିଜସ୍ୱ ରାଜସ୍ୱ ଓ ଘରୋଇ ଉତ୍ପାଦ ଅନୁପାତ ୧୩.୨% ହେବ ବୋଲି ଅନୁମାନ କରାଯାଇଛି । ଏହି ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ୨୧ ହଜାର ୧୬୬ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ସେହିପରି ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ ୨୭ ହଜାର ୩୨୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ସ୍ୱାସ୍ଥ୍ୟ ପାଇଁ ୧୨,୬୨୪ କୋଟି, ବସୁଧା ଓ ଜଳଜୀବନ ମିଶନ ପାଇଁ ୮,୩୮୯ କୋଟି ଏବଂ ଅନୁସୂଚିତ ଜାତି ଓ ଜନଜାତିମାନଙ୍କ ବିକାଶ ଯୋଜନାରେ ୩୨,୫୯୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବଜେଟରେ ପର୍ଯ୍ୟଟନ ବିକାଶ ପାଇଁ ୫୦୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ କ୍ରୀଡ଼ା କ୍ଷେତ୍ର ପାଇଁ ୯୧୧ କୋଟି, ଗ୍ରାମ ଓ ସହରୀ ଜଳ ଯୋଗାଣ ପାଇଁ ୨୩୯୦ କୋଟି, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ଗୃହ ନିର୍ମାଣ ପାଇଁ ୫,୯୦୬ କୋଟି, ମିଶନ ଶକ୍ତି ପାଇଁ ୨ ହଜାର କୋଟି, ମହିଳା ଓ ଶିଶୁ ବିକାଶ ପାଇଁ ୩,୫୬୭ କୋଟି, ଶ୍ରମ ନିଯୁକ୍ତି, ଜୀବିକା ପାଇଁ ୨୦୦୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ବଜେଟରେ ସାମାଜିକ ନିରାପତ୍ତା ପାଇଁ ୩୭୦୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବା ବେଳେ ଖାଦ୍ୟ ନିରାପତ୍ତା ପାଇଁ ୧୦୨୩ କୋଟି, ଶକ୍ତି ବିଭାଗ ପାଇଁ ୩୪୮୨ କୋଟି, ଅଣୁ, କ୍ଷୁଦ୍ର ଓ ମଧ୍ୟ ଉଦ୍ୟୋଗ ଏବଂ ଷ୍ଟାର୍ଟଅପ ପାଇଁ ୧୨୬୯ କୋଟି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ପାଇଁ ୨୨୧୭ କୋଟି, ଇସ୍ପାତ ଓ ଖଣି କ୍ଷେତ୍ର ପାଇଁ ୧୮୩ କୋଟି, ସୂଚନା ପ୍ରଯୁକ୍ତି ବିଦ୍ୟା ପାଇଁ ୩୦୨ କୋଟି, ନ୍ୟାୟ ପ୍ରଦାନ ଓ ଆଇନଶୃଙ୍ଖଳା ପାଇଁ ୭,୫୫୧ କୋଟି, ଜମି ପ୍ରଶାସନ ପାଇଁ ୧୫୧୧ କୋଟି, ଯୋଜନା ଓ ସଂଯୋଜନା ପାଇଁ ୩୦୩୫ କୋଟି ଏବଂ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ୧୬୯ କୋଟି ଟଙ୍କା ପ୍ରଦାନ କରାଯାଇଛି।

ମହାମାରୀ ସତ୍ତ୍ୱେ ରାଜ୍ୟ ସରକାର ବିତ୍ତୀୟ ଉତ୍ତରଦାୟୀ ବଜେଟ ପରିଚାଳନା ଅଧିନିୟମ–୨୦୦୫ରେ ନିର୍ଦ୍ଧାରିତ ଆର୍ଥିକ ସୂଚକାଙ୍କଗୁଡ଼ିକୁ ହାସଲ କରିବାରେ ସମର୍ଥ ହୋଇଛନ୍ତି। ଓଡ଼ିଶାର ଆର୍ଥିକ ପରିଚାଳନାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ପ୍ରଶଂସା କରିଛି। ଗତ ୨ ବର୍ଷ ମଧ୍ୟରେ ଖଣିଜ ଲିଜ ନବୀକରଣ ଯୋଗୁ ରାଜ୍ୟର ରାଜସ୍ୱ ସଂଗ୍ରହ ବୃଦ୍ଧିପାଇଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଫେବୃୟାରୀ ଓ ମାର୍ଚ୍ଚ ମାସରେ ପଞ୍ଚାୟତିରାଜ ଓ ପୌର ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ବଜେଟ ଉପରେ ବିଚାର ବିମର୍ଶ ଓ ବ୍ୟୟମଞ୍ଜୁରୀ ବିଲ୍ ମାର୍ଚ୍ଚ ୩୧ ତାରିଖ ପୂର୍ବରୁ ପାରିତ ହେବା ସମ୍ଭବ ନ ଥିଲା। ଏକ ପୂର୍ଣ୍ଣାଙ୍ଗ ବଜେଟ ପରିବର୍ତ୍ତେ ରାଜ୍ୟ ସରକାର ଗତ ମାର୍ଚ୍ଚ ୩୦ ତାରିଖରେ ୨୦୨୨–୨୩ ଆର୍ଥିକ ବର୍ଷର ପ୍ରଥମ ୪ ମାସ ଲାଗି କାମଚଳା ବଜେଟ ଆଣିଥିଲେ।

### ୫ଦିନ ପ୍ରବଳ ...

ରବିବାର ବରଗଡ଼, ସମ୍ବଲପୁର, କେନ୍ଦୁଝର, ଦେବଗଡ଼, ଭଦ୍ରକ, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳ ଆଦି ୮ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ସେଥିପାଇଁ ସେସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଦିଆଯାଇଛି। ସେହିଦିନ ବୌଦ୍ଧ, କଳାହାଣ୍ଡି, ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଟକ, ମୟୂରଭଞ୍ଜ, ଝାରସୁଗୁଡ଼ା, ସୋନପୁର, ସୁନ୍ଦରଗଡ଼ ଓ ବାଲେଶ୍ୱରକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ସେହିପରି ସୋମବାର ଭଦ୍ରକ, କନ୍ଧମାଳ, ନୟାଗଡ଼, କଟକ, ଯାଜପୁର, ଢେଙ୍କାନାଳ ଓ ଅନୁଗୋଳକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବା ବେଳେ ବାଲେଶ୍ୱର, କେନ୍ଦ୍ରାପଡ଼ା, ଜଗତ୍ସିଂହପୁର, ସୋନପୁର, ବଲାଙ୍ଗୀର, ନୂଆପଡ଼ା, ଝାରସୁଗୁଡ଼ା, କଳାହାଣ୍ଡି, ସୁନ୍ଦରଗଡ଼, ଖୋର୍ଦ୍ଧା, ବୌଦ୍ଧ, ପୁରୀ, ସମ୍ବଲପୁର, ବରଗଡ଼, ଦେବଗଡ଼, କେନ୍ଦୁଝର ଓ ମୟୂରଭଞ୍ଜକୁ ୟେଲୋ ୱାର୍ନିଂ ରହିଛି। ୫ ତାରିଖ ମଙ୍ଗଳବାର ଗଜପତି, ଗଞ୍ଜାମ, କନ୍ଧମାଳ ଓ ନୟାଗଡ଼ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ଏବଂ ଏସବୁ ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବା ବେଳେ ବୌଦ୍ଧ, ସୋନପୁର, ଖୋର୍ଦ୍ଧା, ସୁନ୍ଦରଗଡ଼, ବରଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ଝାରସୁଗୁଡ଼ା, ସମ୍ବଲପୁର, କଟକ ଓ ଯାଜପୁର ଜିଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ୬ ତାରିଖରୁ ୭ ତାରିଖ ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ନବରଙ୍ଗପୁର, କଳାହାଣ୍ଡି, ବରଗଡ଼, ବଲାଙ୍ଗୀର, ନୂଆପଡ଼ା, କନ୍ଧମାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, ଗଜପତି, ଗଞ୍ଜାମ, ମାଲକାନଗିରି, ରାୟଗଡ଼ା ଓ କୋରାପୁଟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି।

### ର୍‍ୟାଗିଂରୁ ଛାତ୍ରୀଙ୍କ ...

ରୁଚିକା ଆତ୍ମହତ୍ୟା କରିଥିବା ବଡଗଡ ଥାନାରେ ଅଭିଯୋଗ କରିଛନ୍ତି। ଏଥିସହ କଲେଜ ଗେଟ୍ ସମ୍ମୁଖରେ ରୁଚିକାଙ୍କ ବାପା, ମା' ଓ ପରିବାର ସଦସ୍ୟଙ୍କ ସହ ଛାତ୍ରମାନେ ଧାରଣାରେ ବସିଥିଲେ। ସେମାନେ ର୍‍ୟାଗିଂକୁ ନେଇ ନାନା ନାରାବାଜି ଦେବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଘଟଣାକୁ ନେଇ କଲେଜ ପରିସରରେ ଉତ୍ତେଜନା ସହ ଅସ୍ୱାଭାବିକ ପରିସ୍ଥିତି ଲାଗି ରହିଥିଲା।

ଡିସିପି ପ୍ରତୀକ ସିଂ କହିଛନ୍ତି, ବିଜେବି କଲେଜର ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ଖବର ମିଳିବା ପରେ ବଡଗଡ ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି। ତାଙ୍କ ପାଖରୁ ଏକ ସୁଇସାଇଡ୍ ନୋଟ ମିଳିଛି, ଯେଉଁଥିରେ ୩ଜଣ ସିନିୟର ର୍‍ୟାଗିଂ କରିଥିବା ଉଲ୍ଲେଖ ରହିଛି। ତେଣୁ ସମ୍ପୃକ୍ତ ସିନିୟରମାନେ କିଏ ସେମାନଙ୍କୁ ଖୋଜାଚାଲିଛି। ସୁଇସାଇଡ୍ ନୋଟ୍ ସେ ଲେଖିଛନ୍ତି କି ନାହିଁ, ତାହା ଜାଣିବାକୁ ହାଣ୍ଡରାଇଟିଂ ବ୍ୟୁରୋକୁ ପଠାଯିବ ବୋଲି ଡିସିପି କହିଛନ୍ତି।

ମିଳିଥିବା ସୂଚନାନୁସାରେ, ରୁଚିକା ମେଧାବୀ ହୋଇଥିବାବେଳେ ଯୁକ୍ତ୩ ପ୍ରଥମ ବର୍ଷ କଳା (ଇତିହାସ ବିଭାଗ) ଛାତ୍ରୀ ଥିଲେ। କାରୁବାକୀ ଛାତ୍ରୀନିବାସର ଡର୍ମିଟୋରି ହଲ୍ରେ ରହୁଥିଲେ। କିନ୍ତୁ ୨୦୧ ରୁମ୍ର ଛାତ୍ରୀଙ୍କ ସହ ରୁଚିକାଙ୍କ ଘନିଷ୍ଠ ସମ୍ପର୍କ ଥିଲା। ସେହି ରୁମ୍ରେ ସେ ଖାଇବା, ପିଇବା, ପାଠପଢା ଆଦି କରୁଥିଲେ। ଶୁକ୍ରବାର ୧୦ଟାରେ ସାଙ୍ଗମାନେ କ୍ଲାସ କରିବାକୁ ଚାଲିଯାଇଥିଲେ। ଏହି ସମୟରେ ରୁଚିକା ଦେହ ଭଲ ନ ଥିବା କହି କ୍ଲାସ ସାରି ଆସିଲେ ଗୋଟିଏ କଥା କହିବି ବୋଲି ସାଙ୍ଗମାନଙ୍କୁ କହିଥିଲେ। କ୍ଲାସ ସାରି ସାଙ୍ଗମାନେ ୧୧ଟା ୧୦ରେ ହଷ୍ଟେଲକୁ ଫେରିଥିଲେ। କିନ୍ତୁ ରୁମ୍ର କବାଟ ଭିତର ପଟୁ ବନ୍ଦ ରହିଥିଲା। ବାରମ୍ବାର ଡାକିବା ସହ କବାଟ ବାଡ଼େଇଥିଲେ ମଧ୍ୟ ନ ଖୋଲିବାରୁ ସାଙ୍ଗମାନେ ହଷ୍ଟେଲ ୱାର୍ଡେନ୍ଙ୍କୁ ଜଣାଇଥିଲେ। ଘଟଣା ସମ୍ପର୍କରେ ଜାଣିବା ପରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ କଲେଜ କର୍ତ୍ତୃପକ୍ଷ ଓ ଥାନାକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚିବା ପରେ ଶାବଳ ସାହାଯ୍ୟରେ କବାଟ ତଡ଼ାଯାଇ ମୃତଦେହ ଜବତ କରାଯାଇଥିଲା।

ତେବେ କଲେଜ ଅଧ୍ୟକ୍ଷ ଡ. ନିରଞ୍ଜନ ମିଶ୍ର ର୍‍ୟାଗିଂ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଛାତ୍ରୀନିବାସ ହେବା ପରଠାରୁ ର୍‍ୟାଗିଂ ହୋଇନାହିଁ। କିଏ କ'ଣ ଛୋଟମୋଟ କଥା କହିଥାଇପାରନ୍ତି। କିନ୍ତୁ ଆମ ପାଖକୁ ର୍‍ୟାଗିଂର କୌଣସି ଅଭିଯୋଗ ଏଯାବତ ଆସିନାହିଁ। ରୁଚିକାଙ୍କଠାରୁ ମିଳିଥିବା ଚିଠିରେ ୩ଜଣ ସିନିୟର ନିର୍ଯାତନା ଦେଇଥିବା ଉଲ୍ଲେଖ ରହିଛି। କିନ୍ତୁ ସେମାନଙ୍କ ନାମ ଲେଖାହୋଇ ନାହିଁ। ସେମାନେ ଧରାପଡିଲେ ହିଁ ଘଟଣା କ'ଣ ଜଣାପଡିବ ବୋଲି ସେ କହିଛନ୍ତି ।

### ନ୍ୟାୟପାଳିକା କେବଳ ...

ଗଣତାନ୍ତ୍ରିକ ସଂସ୍ଥାଗୁଡ଼ିକର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଲୋକଙ୍କ ମଧ୍ୟରେ ଉଚିତ ବୁଝିବା ଶକ୍ତିର ଅଭାବ ଯୋଗୁ ଏଭଳି ଭୁଲ୍ ଧାରଣା ବଢ଼ିବାରେ ଲାଗିଛି।

ପ୍ରଧାନ ବିଚାରପତି ଆହୁରି କହିଛନ୍ତି, ଏହା ସାଧାରଣ ଜନତାଙ୍କ ମଧ୍ୟରେ ପ୍ରଚାରିତ ଭ୍ରାନ୍ତ ଧାରଣା, ଯାହାକି ଏପରି ତତ୍ତ୍ୱଙ୍କ ସହାୟତାରେ ବିସ୍ତାର ଲାଭ କରିଛି। ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ସମ୍ବିଧାନରେ ପରିକଳ୍ପିତ ନିୟନ୍ତ୍ରଣ ଓ ସନ୍ତୁଳନକୁ ଲାଗୁ କରିବା ପାଇଁ ଆମକୁ ଭାରତରେ ସାମ୍ବିଧାନିକ ସଂସ୍କୃତିକୁ ପ୍ରୋତ୍ସାହନ ଦେବାକୁ ପଡ଼ିବ। ଆମକୁ ଗଣତନ୍ତ୍ରରେ ବ୍ୟକ୍ତିମାନଙ୍କ ଏବଂ ସଂସ୍ଥାଗୁଡ଼ିକର ଭୂମିକା ଓ ଉତ୍ତରଦାୟିତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରିବାକୁ ପଡ଼ିବ। ଭାରତ ଓ ଆମେରିକା ନିଜ ନିଜ ବିବିଧତା ପାଇଁ ପରିଚିତ। ଏହି ବିବିଧତାକୁ ବିଶ୍ୱର ସବୁ ସ୍ଥାନରେ ସମ୍ମାନିତ ଓ ଘୋଷିତ କରିବା ଆବଶ୍ୟକତା ରହିଛି ବୋଲି ସିଜେଆଇ ମତବ୍ୟକ୍ତ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ପ୍ରବାସୀ ଭାରତୀୟମାନଙ୍କୁ ଜଷ୍ଟିସ୍ ରମନା କହିଥିଲେ, ଆମେରିକା ବିବିଧତାକୁ ସମ୍ମାନିତ କରିଥାଏ। ତେଣୁ ଆପଣମାନେ ସମସ୍ତେ ଏହି ଦେଶରେ ପହଞ୍ଚି ନିଜ ଅଧ୍ୟବସାୟ ଓ ଅସାଧାରଣ କୌଶଳ ବଳରେ ଏକ ପରିଚୟ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛନ୍ତି।

# ନୂପୁର ଶର୍ମାଙ୍କୁ ନେଇ ବିଧାନସଭାରେ ଝଡ଼


ଭୁବନେଶ୍ୱର,୨।୭(ବ୍ୟୁରୋ)–ଭାଜପାର ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କ ଉପରେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀକୁ ନେଇ ବିଧାନସଭାରେ ବିରୋଧୀ ଭାଜପା ଓ କଂଗ୍ରେସ ମୁହାଁମୁହିଁ ହୋଇଛନ୍ତି । ବିରୋଧୀ କଂଗ୍ରେସ ଦଳ ଏ ନେଇ ମୁଖ୍ୟମନ୍ତ୍ରୀ ବିଧାନସଭାରେ ବିବୃତି ଦିଅନ୍ତୁ ବୋଲି ଦାବି କରିଛି। ଅନ୍ୟପକ୍ଷରେ ଭାଜପା ଏହାକୁ କଡ଼ା ବିରୋଧ କରିବା ସହ ବିଧାନସଭାରେ ସଦସ୍ୟ ନ ଥିବା ବ୍ୟକ୍ତିଙ୍କ ପ୍ରସଙ୍ଗକୁ କାହିଁକି ଉଠାଗଲା ଦାବି କରି ଗୃହରେ ପ୍ରବଳ ହଟ୍ଟଗୋଳ କରିଛି। ଏ ପ୍ରସଙ୍ଗକୁ ଆଲୋଚନାରୁ ବାଦ୍ ଦିଆଯାଉ ବୋଲି ଅଡ଼ି ବସି ଭାଜପା ସଦସ୍ୟମାନେ ଗୃହରେ ପ୍ରବଳ ପାଟିତୁଣ୍ଡ କରିଥିଲେ। ଉଭୟ କଂଗ୍ରେସ ଓ ଭାଜପା ସଦସ୍ୟଙ୍କ ହଟ୍ଟଗୋଳ ଯୋଗୁ ବିଧାନସଭା ଅଚଳ ହୋଇ ଯାଇଥିଲା।

ଶନିବାର ଶୂନ୍ୟକାଳରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ନୂପୁର ଶର୍ମା ପ୍ରସଙ୍ଗ ଉଠାଇ କହିଲେ, ସୁପ୍ରିମକୋର୍ଟ ଜଜ୍ମେଣ୍ଟରେ କହିଛନ୍ତି ଯେ ଭାଜପାର ପୂର୍ବତନ ମୁଖପାତ୍ରଙ୍କ ଯୋଗୁ ସାରା ଦେଶରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି । ସାରା ବିଶ୍ୱର ବିଭିନ୍ନ ଦେଶ ଏଥିପାଇଁ ଭାରତକୁ କ୍ଷମା ମାଗିବାକୁ ଦାବି କରିଥିଲେ। ରାଜସ୍ଥାନର ଉଦୟପୁର ଘଟଣା ନୂପୁର ଶର୍ମାଙ୍କ ପାଇଁ ହୋଇଥିବା ସର୍ବୋଚ୍ଚ ଅଦାଲତ କହିଛନ୍ତି । ଦେଶବାସୀଙ୍କୁ ଟେଲିଭିଜନ ଜରିଆରେ ନୂପୁର କ୍ଷମାମାଗନ୍ତୁ ବୋଲି କୋର୍ଟ ଟିପ୍ପଣୀ ଦେଇଛନ୍ତି । ନୂପୁର ଶର୍ମା ଭାଜପାର ଏଜେଣ୍ଟ । ସୁପ୍ରିମକୋର୍ଟ ନୂପୁରଙ୍କୁ ଭର୍ତ୍ସନା କରିବା ସହ ପରୋକ୍ଷରେ ଭାଜପାକୁ ମଧ୍ୟ ଭର୍ତ୍ସନା କରିଛନ୍ତି। ତେଣୁ ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ନିଜର ଆଭିମୁଖ୍ୟ ସ୍ପଷ୍ଟ କରନ୍ତୁ। ମୁଖ୍ୟମନ୍ତ୍ରୀ ଏ ନେଇ ଗୃହରେ ବିବୃତି ଦିଅନ୍ତୁ ବୋଲି ନରସିଂହ ଦାବି କରିଛନ୍ତି। ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ ନରସିଂହଙ୍କ ମନ୍ତବ୍ୟକୁ ନେଇ କଡ଼ା ଆପତ୍ତି ଉଠାଇଥିଲେ। ସେ କହିଥିଲେ ଯେ ନୂପୁର ଶର୍ମା ଏ ଗୃହର ସଦସ୍ୟ ନୁହନ୍ତି। ତାଙ୍କୁ ଦଳ ବହିଷ୍କାର କରିସାରିଛି। ସେ ପରୋକ୍ଷରେ ସେହି ପ୍ରସଙ୍ଗକୁ ଉଠାଇ ବିଧାୟକମାନଙ୍କ ମଧ୍ୟରେ ମତଭେଦ ସୃଷ୍ଟି କରାଯାଉଛି। ରାଜସ୍ଥାନର ଉଦୟପୁରରେ ଟେଲରଙ୍କ ମୁଣ୍ଡକାଟ କରାଗଲା, ସେଥିପାଇଁ କଂଗ୍ରେସର ମୁଖ୍ୟମନ୍ତ୍ରୀ ଇସ୍ତଫା ଦେଲେ କି? ଜମ୍ମୁ–କଶ୍ମୀରରେ ପଣ୍ଡିତଙ୍କୁ ନିଜ ବାସସ୍ଥାନରୁ ତଡ଼ି ଦିଆଯାଉଛି ସେ ଉପରେ ତଥାକଥିତ ବୁଦ୍ଧିଜୀବୀମାନେ କାହିଁକି ଚୁପ୍ ରହିଛନ୍ତି। ଏହି ପ୍ରସଙ୍ଗକୁ ଆଲୋଚନାରୁ ବାଦ୍ ଦେବାକୁ ସେ ଦାବି କରିଥିଲେ। ନରସିଂହ ସେହି ପ୍ରସଙ୍ଗ ଉପରେ ପୁଣି କହିବା ଆରମ୍ଭ କରିବାମାତ୍ରେ ଭାଜପା ସଦସ୍ୟମାନେ ଛିଡ଼ା ହୋଇ କଡ଼ା ବିରୋଧ କଲେ। ଉଭୟ କଂଗ୍ରେସ ଓ ଭାଜପା ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ହଟ୍ଟଗୋଳ କରିଥିଲେ । ନୂପୁର ଶର୍ମା ପ୍ରସଙ୍ଗ ଗୃହରେ ଆଉ ଆଲୋଚନା ନ କରିବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ କହିଥିଲେ ମଧ୍ୟ ହଟ୍ଟଗୋଳ ଥମି ନ ଥିଲା। ବାଚସ୍ପତି ବାଧ୍ୟ ହୋଇ ଗୃହକୁ ଦୁଇଟି ପର୍ଯ୍ୟାୟରେ ମଧ୍ୟାହ୍ନ ୧୨ଟା ୩୫ରୁ ଅପରାହ୍ନ ୪ଟା ଯାଏ ମୁଲତବୀ ଘୋଷଣା କରିଥିଲେ।

# ବିଧାନସଭାରେ ଶୋକ

ଭୁବନେଶ୍ୱର,୨।୭(ବ୍ୟୁରୋ)–ପୂର୍ବତନ ସଦସ୍ୟ ସୁରେନ୍ଦ୍ର ନାଥ କଅଁରଙ୍କ ପରଲୋକରେ ଶନିବାର ବିଧାନସଭାରେ ଶୋକ କରାଯାଇଛି । ପୂର୍ବାହ୍ନ ୧୧ଟାରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବାଚସ୍ପତି ବିକ୍ରମ କେଶରୀ ଆରୁଖ ଶୋକ ପ୍ରସ୍ତାବ ଆଗତ କରିବାକୁ ମୁଖ୍ୟମନ୍ତ୍ରୀ ତଥା ଗୃହର ନେତା ନବୀନ ପଟ୍ଟନାୟକଙ୍କୁ କହିଥିଲେ। ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେବା ସହ ଅମର ଆତ୍ମାର ସଦ୍ଗତି କାମନା କରିଥିଲେ। ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗୃହର ସମବେଦନା ଜଣାଇଥିଲେ। ବିରୋଧୀ ଦଳ ଉପନେତା ବିଷ୍ଣୁ ଚରଣ ସେଠୀ, କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏବଂ ସିପିଆଇ(ଏମ୍) ସଦସ୍ୟ ଲକ୍ଷ୍ମଣ ମୁଣ୍ଡା ସ୍ୱର୍ଗତ ସଦସ୍ୟଙ୍କ ସ୍ମୃତିଚାରଣ କରିବା ସହ ନିଜ ଦଳ ତରଫରୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଅମର ଆତ୍ମାର ସଦ୍ଗତି କାମନା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ବାଚସ୍ପତିଙ୍କ ଜରିଆରେ ସମବେଦନା ଜଣାଇଥିଲେ। ବାଚସ୍ପତି ମୃତ ସଦସ୍ୟଙ୍କ ରାଜନୈତିକ ଜୀବନୀ ଉପରେ ସଂକ୍ଷିପ୍ତ ସୂଚନା ଦେବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରଲୋକଗତ ସଦସ୍ୟଙ୍କ ବିୟୋଗରେ ଗୃହରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ୧୫ ମିନିଟ ଧରି ଶୋକ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା।


## ଆତ୍ମପ୍ରବଞ୍ଚନା ଓ ଆତ୍ମପ୍ରବଣତାର ବଜେଟ



ସରକାର ଏକ ବଡ଼ଧରଣର ବଜେଟ ଆଣିଛନ୍ତି, ହେଲେ ତାହା ଆତ୍ମନିର୍ଭରଶୀଳ ନୁହେଁ। ଏହା ଆତ୍ମପ୍ରବଞ୍ଚନା ଓ ଆତ୍ମପ୍ରବଣତାର ବଜେଟ। ଦୁର୍ଭାଗ୍ୟର କଥା ୨୨ ବର୍ଷ ଧରି ତିଆରି ହେଉଥିବା ବଜେଟ ପୂର୍ଣ୍ଣ ଆତ୍ମନିର୍ଭରଶୀଳତାର ଆୟ ଓ ଅର୍ଥନୀତି ସୃଷ୍ଟି କରିପାରିନାହାନ୍ତି। ଏବେ ମଧ୍ୟ ପିଇବା ପାଣି ପାଇଁ ଲୋକମାନେ ସଂଘର୍ଷ କରୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଏବେ ବି ବିପର୍ଯ୍ୟସ୍ତ। ଏସବୁର ମୂଲ୍ୟାୟନ ହେଲେ ଜଣାପଡ଼ିବ ଆସିଥିବା ବଜେଟ ଆତ୍ମ ପ୍ରତାରଣା ଓ ଆତ୍ମ ପ୍ରବଞ୍ଚନାର ବଜେଟ।

**– ପଞ୍ଚାନନ କାନୁନ୍‌ଗୋ, ପୂର୍ବତନ ଅର୍ଥମନ୍ତ୍ରୀ**

## ବିରୋଧାଭାସ ଓ ବିଭ୍ରାନ୍ତିର ଏକ ବିକଳ ଦସ୍ତାବିଜ



ଚଳିତ ବଜେଟ ମହିଳା, ବେରୋଜଗାର ଯୁବକ, ଶ୍ରମିକ, କୃଷକ ଓ ଛାତ୍ରୀଛାତ୍ରଙ୍କୁ ନିରାଶ କରିଛି। ବଜେଟ ବିରୋଧାଭାସ ଓ ବିଭ୍ରାନ୍ତିର ବିକଳ ଦସ୍ତାବିଜ। କଳେବର ବୃଦ୍ଧି ପାଇ ୨ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବାର ଆସ୍ଫାଳନ କରୁଛନ୍ତି ରାଜ୍ୟ ସରକାର। ମାତ୍ର ବଜେଟ ଆକଳନର ଶତାଂଶ ହିସାବରେ ବ୍ୟୟ ବର୍ଷବର୍ଷ ଧରି ହ୍ରାସ ପାଉଥିବା ତଥ୍ୟକୁ ସରକାର ଲୁଚାଇ ରଖିଛନ୍ତି। ୨୦୧୬-୧୭ରେ ବାସ୍ତବ ବ୍ୟୟ ବଜେଟ ଆକଳନର ୮୪ ପ୍ରତିଶତ ଥିବାବେଳେ ୨୦୨୧-୨୨ରେ ତାହା ୭୪ ପ୍ରତିଶତକୁ ଖସି ଆସିଛି। ପୁଞ୍ଜି ଖର୍ଚ୍ଚ ୫୬ ପ୍ରତିଶତ ବଢାଇବାର ଆକଳନ ଏକ ବିରାଟ ସଂଖ୍ୟାର ବିଭ୍ରାନ୍ତିରେ ରାଜ୍ୟବାସୀଙ୍କୁ ବୋକା ବନାଇବାର ଉଦ୍ୟମ ହୋଇଛି। ରାଜ୍ୟ ସରକାର ଚଳିତ ବଜେଟରେ ନିଜ ରାଜସ୍ୱ ବୃଦ୍ଧି କରି କେନ୍ଦ୍ର ସହାୟତା ଉପରେ ନିର୍ଭରଶୀଳତା କମ୍ କରିବେ ବୋଲି ଆଶା କରାଯାଉଥିଲା। କିନ୍ତୁ ସେ ସବୁ ଅର୍ଥନୈତିକ ମାପଦଣ୍ଡରେ ଚଳିତ ବଜେଟ ରାଜ୍ୟବାସୀଙ୍କୁ ନିରାଶ କରିଛି।

**– ସମୀର ମହାନ୍ତି, ଭାଜପା ରାଜ୍ୟ ସଭାପତି**

## ପୁରୁଣା ଢାଞ୍ଚାରେ ନୂଆ ରଙ୍ଗ ମାରି ଚାଲିଛନ୍ତି



ବଜେଟ୍ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ସାଧାରଣ ଓ ଗରିବ ଲୋକଙ୍କ ପାଇଁ କୌଣସି ସୁବିଧା ନାହିଁ। ପୁରୁଣା ବଜେଟ୍ ଓ ପୁରୁଣା ଢାଞ୍ଚାରେ ନୂଆ ରଙ୍ଗ ମାରି ଚାଲିଛନ୍ତି। ଆବଶ୍ୟକ ଥିବା କ୍ଷେତ୍ରରେ କୌଣସି ଆର୍ଥିକ ବ୍ୟବସ୍ଥା ନାହିଁ। ଯେଉଁଭଳି ଭାବରେ ଡିଣ୍ଡିମ ପିଟୁଥିଲେ ସେଭଳି କିଛି ଦେଖିବାକୁ ମିଳିଲାନି।

**– ମହମ୍ମଦ ମୋକିମ୍, କଂଗ୍ରେସ ବିଧାୟକ**

## ବ୍ୟୟବରାଦ ଅନୁଯାୟୀ ଖର୍ଚ୍ଚ ହୋଇପାରୁନି



୨ଲକ୍ଷ କୋଟି ଟଙ୍କାର ବଜେଟ ଏକ ଭଲ କଥା। ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା ପାଇଁ ଗୁରୁତ୍ୱ ଦିଆଯାଇଥିବା କୁହାଯାଇଛି। ତେବେ କିଛିବର୍ଷ ହେବ ବଜେଟ୍‌ରେ ଯେଉଁ ଭାବେ ବ୍ୟୟବରାଦ କରାଯାଉଛି, ସେହି ଅନୁପାତରେ ଖର୍ଚ୍ଚ ହୋଇପାରୁନାହିଁ। ଚଳିତ ବର୍ଷ ଖଣି ରାଜସ୍ୱରୁ ରାଜ୍ୟ ସରକାରଙ୍କୁ ୪୮ହଜାର କୋଟି ଟଙ୍କା ରାଜସ୍ୱ ମିଳିଛି। କିନ୍ତୁ ସେହି ଅନୁପାତରେ ଖର୍ଚ୍ଚ କରାଯାଉନାହିଁ। ଏହାବାଦ୍ ସ୍କୁଲ, କଲେଜରେ ଯେତିକି ଖାଲି ପଦବୀ ରହିଛି, ତାହାକୁ ମଧ୍ୟ ପୂରଣ କରିପାରୁନାହାନ୍ତି। ଅପରପକ୍ଷେ ଓଡ଼ିଶାରେ ଅଧିକାଂଶ ସମୟରେ ପ୍ରାକୃତିକ ଦୁର୍ବିପାକ ହୋଇଥାଏ। ଏହି ସମୟରେ ରାଜ୍ୟ ସରକାର ଭଲଭାବେ ବିପର୍ଯ୍ୟୟ ପରିଚାଳନା କରୁଛନ୍ତି ସତ, ମାତ୍ର ଦୀର୍ଘମିଆଦୀ ଭିତ୍ତିଭୂମି କିପରି ହୋଇପାରିବ ଓ କ୍ଷୟକ୍ଷତି କମିପାରିବ ସେ ନେଇ କିଛି ପଦକ୍ଷେପ ନେଉନାହାନ୍ତି। ତେଣୁ ବିପର୍ଯ୍ୟୟ ପରିଚାଳନା ପାଇଁ ଏକ ସ୍ୱତନ୍ତ୍ର ଗବେଷଣା ପ୍ରତିଷ୍ଠାନ ହେବା ଆବଶ୍ୟକ।

**– ଅମରେନ୍ଦ୍ର ଦାସ, ପ୍ରାଧ୍ୟାପକ, ନାଇଜର**

## କୃଷି ଓ ଏମ୍‌ଏସ୍‌ଏମ୍‌ଇ ଭିତ୍ତିକ ବଜେଟ



ଏହା କୃଷି ଓ ଏମ୍‌ଏସ୍‌ଏମଇ ଭିତ୍ତିକ ବଜେଟ। ବର୍ତ୍ତମାନ ସମୟରେ ଯାହା ଆବଶ୍ୟକ ତାହାକୁ ନେଇ ବଜେଟ କରାଯାଇଛି। ତେବେ ଆହୁରି କିଛି କରାଯାଇପାରିଥାନ୍ତା। ରିୟଲ୍ ଇଷ୍ଟେଟ, ଇଲେକ୍ଟ୍ରିକ୍‌ସିଟି, ଟେକ୍ନୋଲୋଜି ପାଇଁ ଏଥିରେ ପ୍ଲାନିଂ ନାହିଁ। ମାତ୍ର ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଆଦି ରହିଛି। ମୋଟାମୋଟି ଭାବେ କହିବାକୁ ଗଲେ ଏହା ଏକ ଠିକ୍‌ଠାକ୍ ବଜେଟ।

**– ନିଶିଥ ରଞ୍ଜନ ନନ୍ଦ, ସଭାପତି, ରିୟଲ୍ ଇଷ୍ଟେଟ୍ ଆସୋସିଏଶନ୍ ଆଫର୍ଡ**


## ସ୍ୱାଗତଯୋଗ୍ୟ ବଜେଟ



୨ଲକ୍ଷ କୋଟି ଟଙ୍କାର ବଜେଟ ରହିଛି। ଏଥିରେ କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ଉପରେ ପ୍ରାଧାନ୍ୟ ଦିଆଯାଇଛି। ବିଶେଷକରି ଶିକ୍ଷା ସହିତ ଦକ୍ଷତା ଉପରେ ଧ୍ୟାନ ଦିଆଯାଇଛି। ଆବଣ୍ଟନ ମଧ୍ୟ ବଢିଛି। ତେଣୁ ଏହା ଏକ ଭଲ ଓ ସ୍ୱାଗତଯୋଗ୍ୟ ବଜେଟ।

**– ରାଜୀବ ସାହୁ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ**

## ନିଯୁକ୍ତିବିହୀନ ବଜେଟ୍



ଚଳିତ ରାଜ୍ୟ ବଜେଟ୍ ରାଜ୍ୟର ବେକାର ଯୁବତୀଯୁବକଙ୍କୁ ନିରାଶ କରିଛି। ରାଜ୍ୟ ଭିତରେ କାମଧନ୍ଦା ନ ପାଇ ୨୦ ଲକ୍ଷରୁ ଅଧିକ ଲୋକ ରାଜ୍ୟ ବାହାରେ ଥିବାବେଳେ ଭିତରେ ପ୍ରାୟ ୩୦ ଲକ୍ଷ ବେକାରଙ୍କ ପାଇଁ ନିଯୁକ୍ତିର କୌଣସି ସମ୍ଭାବନା ନାହିଁ। କୃଷକଙ୍କ ବିକାଶ ପାଇଁ ପ୍ରତି ବ୍ଲକ୍‌ରେ ଶୀତଳ ଭଣ୍ଡାରର ଆବଶ୍ୟକତା ଥିବାବେଳେ ବଜେଟ୍‌ରେ ଏଥିପାଇଁ କୌଣସି ବ୍ୟବସ୍ଥା ନାହିଁ।

**– ଆଶିଷ କାନୁନ୍‌ଗୋ, ସିପିଆଇ ରାଜ୍ୟ ସମ୍ପାଦକ**

## ବିକାଶ ଉପରେ ଧ୍ୟାନ ଦିଆଯାଇଛି



ବଜେଟରେ ରାଜ୍ୟର ଭିତ୍ତିଭୂମି କ୍ଷେତ୍ରର ବିକାଶ ସହିତ ଶିକ୍ଷା, କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ପର୍ଯ୍ୟଟନ ଓ ବିଭିନ୍ନ ଜନକଲ୍ୟାଣକାରୀ କ୍ଷେତ୍ର ଉପରେ ଅଗ୍ରାଧିକାର ଦିଆଯାଇଛି। ସେହିପରି ଯୋଜନାରେ ଅଧିକ ବ୍ୟୟବରାଦ ହୋଇଥିବାରୁ ଏସବୁର ରୂପାୟନ ସହଜ ହେବ। ସେହିପରି ବଜେଟରେ କ୍ରୀଡ଼ା, ଭିତ୍ତିଭୂମି, ମିଶନ ଶକ୍ତି, ଶିଳ୍ପ ବିକାଶ, ଜଳସେଚନ, ଉଦ୍ୟାନ କୃଷି, କାଳିଆ, ମୋ ସ୍କୁଲ ଅଭିଯାନ ଆଦି ଯୋଜନାରେ ଉଲ୍ଲେଖନୀୟ ବ୍ୟୟ ଅଟକଳ କରି ସରକାର ସବୁ କ୍ଷେତ୍ରର ବିକାଶ ଉପରେ ଧ୍ୟାନ ଦେଇଛନ୍ତି। ଏହା ଏକ ପ୍ରଗତିଶୀଳ, ନିଯୁକ୍ତି ସୃଷ୍ଟିକାରୀ ଓ ଲୋକାଭିମୁଖୀ ବଜେଟ।

**– ଡା. ରବି ରଞ୍ଜନ ସାହୁ, କଟକ**



# ଶିକ୍ଷା, ଦକ୍ଷତା ବିକାଶକୁ ଗୁରୁତ୍ୱ

ଚଳିତ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଶନିବାର ଆଗତ ପୂର୍ଣ୍ଣାଙ୍ଗ ବଜେଟରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ରକୁ ଗୁରୁତ୍ୱ ଦେଇଛନ୍ତି। ଏହି କ୍ଷେତ୍ର ପାଇଁ ମୋଟ ୨୭,୩୨୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ମୋ ସ୍କୁଲ ଅଭିଯାନ ଅଧୀନରେ ୬୪୬ କୋଟି ଟଙ୍କା, ୧୦୦ ଉତ୍କର୍ଷ ବିଦ୍ୟାଳୟର ସ୍ମାର୍ଟ କ୍ଲାସ୍‌ରୁମ୍ ପାଇଁ ୭୯ କୋଟି ଏବଂ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୪୨୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ଅନୁଦାନ ବାବଦକୁ ଅଣସରକାରୀ ଉଚ୍ଚ ବିଦ୍ୟାଳୟ ପାଇଁ ୧,୧୦୯ କୋଟି ଏବଂ ଅଣସରକାରୀ କଲେଜଗୁଡ଼ିକ ପାଇଁ ୧,୨୮୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସମଗ୍ର ଶିକ୍ଷା ଅଧୀନରେ ୩,୫୮୧ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଗୁଡ଼ିକର ଭିତ୍ତିଭୂମି ବିକାଶ ନିମନ୍ତେ ୧୬୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବିଶ୍ୱବ୍ୟାଙ୍କ ପ୍ରକଳ୍ପ ଅଧୀନରେ ରାଜ୍ୟରେ ଉଚ୍ଚ ଶିକ୍ଷା ସୁଦୃଢ଼ କରିବା ନିମନ୍ତେ ୨୫୮ କୋଟି ଏବଂ ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ (ରୁସା) ଅଧୀନରେ ୧୭୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଭୁବନେଶ୍ୱରରେ ବିଶ୍ୱ ଦକ୍ଷତା କେନ୍ଦ୍ର ଗଠନ ପାଇଁ ଏସୀୟ ବିକାଶ ବ୍ୟାଙ୍କ (ଏଡିବି) ସହାୟତାରେ ଓଡ଼ିଶା ଦକ୍ଷତା ବିକାଶ ଅଧୀନରେ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ବୈଷୟିକ ବିଦ୍ୟାଳୟ ଏବଂ ଇଞ୍ଜିନିୟରିଂ କଲେଜ, ଇଞ୍ଜିନିୟରିଂ ସ୍କୁଲ, ପଲିଟେକ୍‌ନିକ୍‌ର ଭିତ୍ତିଭୂମି ବିକାଶ ପାଇଁ ୨୦୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଆଇଟିଆଇ ଏବଂ ପଲିଟେକ୍‌ନିକ୍ ମାଧ୍ୟମରେ ଓଡ଼ିଶା ରାଜ୍ୟ ସ୍ୱୟଂ ନିଯୁକ୍ତି ମିଶନ ଏବଂ ଯୁବକମାନଙ୍କ ଦକ୍ଷତା ବିକାଶ ପାଇଁ ୨୧ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ପୁଞ୍ଜି ବିନିଯୋଗ ବୃଦ୍ଧି

୨୦୨୨-୨୩ ରାଜ୍ୟ ବଜେଟରେ ୩୮,୭୩୨ କୋଟି ଟଙ୍କାର ପୁଞ୍ଜି ବ୍ୟୟବରାଦ କରାଯାଇଛି। ଯାହାକି ଜିଏସ୍‌ଡିପିର ୫.୪ ପ୍ରତିଶତ। ବିଜୁ ଏକ୍ସପ୍ରେସ୍ ୱେ ଅଧୀନରେ ୩୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବାବେଳେ ରାଜ୍ୟ କ୍ୟାପିଟାଲ ପ୍ରକଳ୍ପ ଅଧୀନରେ ୧୭୮ କୋଟି, ପୁରୀରେ ମୌଳିକ ସୁବିଧା, ଐତିହ୍ୟ ଏବଂ ସ୍ଥାପତ୍ୟ ବିକାଶ (ଅବଢ଼ା) ଯୋଜନାରେ ୧,୩୨୫ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଏକାମ୍ର କ୍ଷେତ୍ର ସୁବିଧା ଏବଂ ସ୍ମାରକୀ ପୁନରୁଦ୍ଧାର କାର୍ଯ୍ୟ ଯୋଜନା (ଏକାମ୍ର) ଅଧୀନରେ ୨୦୦ କୋଟି, ମା' ସମଲେଶ୍ୱରୀ ମନ୍ଦିର କ୍ଷେତ୍ର ପରିଚାଳନା ଏବଂ ସ୍ଥାନୀୟ ଅର୍ଥନୀତି ପଦକ୍ଷେପ (ସାମ୍ଲେ) ଯୋଜନା ଅଧୀନରେ ୨୦୦



କୋଟି ଏବଂ ଐତିହ୍ୟ ସ୍ମାରକୀ ଓ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ସମନ୍ୱିତ ବିକାଶ ପାଇଁ ୧୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ବିଜୁ ସେତୁ ଯୋଜନା ଅଧୀନରେ ୧,୬୮୮ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍‌ଜିଏସ୍‌ୱାଇ) ଅଧୀନରେ ୧,୫୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୬୭୪ କୋଟି ଟଙ୍କା ପ୍ରଦାନ କରାଯାଇଛି। ଦୁର୍ଗମ ଅଞ୍ଚଳରେ ଅଣସଂଯୁକ୍ତ ଗ୍ରାମଗୁଡ଼ିକୁ ସଂଯୋଗ (ସିୟୁଭିଡିଏ) କରିବା ପାଇଁ ୧୫୦ କୋଟି ଟଙ୍କା ଏବଂ ରୋଡ୍ ଲିଙ୍କ୍ (ସିଏମ୍‌ଆର୍‌ଏଲ୍) ସଂଯୋଗ ପାଇଁ ୧୫୦ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ଖାଦ୍ୟ ନିରାପତ୍ତା

ଖାଦ୍ୟ ନିରାପତ୍ତା ଯୋଜନାରେ ୧ ଟଙ୍କାରେ କିଲେ ଚାଉଳ ଯୋଗାଇବା ଲାଗି ମୋଟ ୧,୦୨୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ରାଜ୍ୟର ନିଜସ୍ୱ ଖାଦ୍ୟ ନିରାପତ୍ତା ଯୋଜନା ମାଧ୍ୟମରେ ଜାତୀୟ ଖାଦ୍ୟ ନିରାପତ୍ତା ଯୋଜନାରୁ ବଞ୍ଚିତ ଅତିରିକ୍ତ ହିତାଧିକାରୀଙ୍କୁ ମାସକୁ ୫ କିଲୋ ଚାଉଳ ୧ ଟଙ୍କା ହିସାବରେ ଯୋଗାଇ ଦିଆଯାଉଛି। ଖରିଫ୍ ୨୦୨୨-୨୩ର ଧାନ ଫସଲ କ୍ଷେତ୍ରର ଗ୍ରାମ ଅନୁଯାୟୀ ପ୍ଲଟ ସ୍ତର ବିଶ୍ଳେଷଣ ନିମନ୍ତେ ୭୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।

### କ୍ରୀଡ଼ା ଓ ଯୁବ ସେବା ପାଇଁ ୯୧୧ କୋଟି

କ୍ରୀଡ଼ା କ୍ଷେତ୍ର ପାଇଁ ଚଳିତ ଆର୍ଥିକ ବର୍ଷରେ ମୋଟ ୯୧୧ କୋଟି ଟଙ୍କାର ବ୍ୟୟବରାଦ ରହିଛି। ଅନ୍ୟ କ୍ରୀଡ଼ା ଭିତ୍ତିଭୂମିର ବିକାଶ ଏବଂ ପରିଚାଳନା ପାଇଁ ୭୨୯ କୋଟି ଟଙ୍କା, କ୍ରୀଡ଼ା ଶିକ୍ଷାର ପ୍ରୋତ୍ସାହନ ପାଇଁ ୧୧୫ କୋଟି ଟଙ୍କା ଏବଂ ଖେଲୋ ଇଣ୍ଡିଆକୁ ରାଜ୍ୟର ସମର୍ଥନ ଲାଗି ୧୧ କୋଟି ଟଙ୍କା ପ୍ରଦାନ କରାଯାଇଛି।



## ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

ରାଜ୍ୟରେ ହସ୍ତତନ୍ତ, ହସ୍ତଶିଳ୍ପ, ସେରିକଲ୍‌ଚର ଏବଂ ବୟନ ଶିଳ୍ପ କ୍ଷେତ୍ର ପାଇଁ ୨୦୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ହସ୍ତଶିଳ୍ପର ପ୍ରୋତ୍ସାହନ ପାଇଁ ୩୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏପରିକି ହସ୍ତତନ୍ତ ଶିଳ୍ପର ପ୍ରୋତ୍ସାହନ ପାଇଁ ୬୪ କୋଟି ଏବଂ ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା ଲାଗି ୧୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ଜଙ୍ଗଲ ପରିବେଶ, ଜଳବାୟୁ ପରିବର୍ତ୍ତନ

୨୦୨୨-୨୩ ମସିହାରେ ଜଙ୍ଗଲ କ୍ଷେତ୍ର ପାଇଁ ୨,୨୧୭ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେଥିମଧ୍ୟରୁ କାମ୍ପା ପାଣ୍ଠି ଅଧୀନରେ ୧,୧୦୫ କୋଟି ଟଙ୍କା, ଜାଇକା ସହାୟତାରେ ଓଡ଼ିଶା ବନାଞ୍ଚଳ ବିକାଶ ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୧୩୨ କୋଟି ଟଙ୍କା ରହିଛି। ସବୁଜ ବଳୟ ପାଣ୍ଠି ଅଧୀନରେ ୫୩ କୋଟି, ସବୁଜ ଭାରତ ରାଷ୍ଟ୍ରୀୟ ମିଶନ ଅଧୀନରେ ୪୨ କୋଟି, ଅଗ୍ନି ନିର୍ବାପନ ନିମନ୍ତେ ୪୦ କୋଟି ଓ ବ୍ୟାଘ୍ର ପ୍ରକଳ୍ପ ପାଇଁ ୩୫ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ସାଧାରଣ ପ୍ରଶାସନ ଏବଂ ଆଇନ ପ୍ରଶାସନ

ଲୋକଙ୍କୁ ଉତ୍ତମ ନ୍ୟାୟ ପ୍ରଦାନ, ଆଭ୍ୟନ୍ତରୀଣ ନିରାପତ୍ତା, ଅପରାଧ ନିୟନ୍ତ୍ରଣ, ଅଗ୍ନି ବିପର୍ଯ୍ୟୟ ଏବଂ ନିୟନ୍ତ୍ରଣ ପରିଚାଳନା ଇତ୍ୟାଦି ପାଇଁ ୨୦୨୨-୨୩ ବର୍ଷରେ ୭,୫୫୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଉଚ୍ଚ ଏବଂ ଅଧସ୍ତନ ନ୍ୟାୟପାଳିକା ଦ୍ୱାରା ନ୍ୟାୟ ପ୍ରଦାନ ନିମନ୍ତେ ୧,୨୬୯ କୋଟି, ନ୍ୟାୟପାଳିକାର ଭିତ୍ତିଭୂମି ସୁବିଧା ବିକାଶ ପାଇଁ ୨୧୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ପୋଲିସ, ଅଗ୍ନିଶମ ଓ କାରାଗାର ସଂଗଠନର ଆବାସିକ ଓ ଅଣଆବାସିକ ଗୃହ ନିର୍ମାଣ ପାଇଁ ୩୬୦ କୋଟିର ବଜେଟ ପ୍ରସ୍ତୁତ କରାଯାଇଛି।

## ଗୃହ ନିର୍ମାଣ

ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ଗ୍ରାମୀଣ) ଏବଂ ବିଜୁ ପକ୍କା ଘର ଯୋଜନାର ସମନ୍ୱୟ ମାଧ୍ୟମରେ ଘର ନିର୍ମାଣ ପାଇଁ ୫,୯୦୬ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହରାଞ୍ଚଳ) ଏବଂ ଗୃହ ଯୋଜନା 'ଓଡ଼ିଶା ସହରାଞ୍ଚଳ ଗୃହ ନିର୍ମାଣ ମିଶନ' (ଆବାସ) ଅଧୀନରେ ବାସଗୃହ ନିର୍ମାଣ ପାଇଁ ୫୦୦ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି।

## ମିଶନ ଶକ୍ତି

୨୦୨୨-୨୩ ଆର୍ଥିକ ବର୍ଷରେ ମିଶନ ଶକ୍ତି କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଚଳିତ ବଜେଟରେ ୨,୦୦୦କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଜାତୀୟ ଗ୍ରାମୀଣ ଜୀବିକା ମିଶନ(ଏନ୍‌ଆର୍‌ଏଲ୍‌ଏମ୍) ଅଧୀନରେ ୧,୦୩୯ କୋଟି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ସେମାନଙ୍କ ମହାସଂଘକୁ ଆର୍ଥିକ ସହାୟତା ବାବଦ ୭୭୩ କୋଟି ଏବଂ ମିଶନ ଶକ୍ତି ଗୃହ ନିର୍ମାଣ ପାଇଁ ୧୭୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ମହିଳା,ଶିଶୁ ବିକାଶ ପାଇଁ ୩,୫୬୭ କୋଟି

ରାଜ୍ୟରେ ବିଭିନ୍ନ ମହିଳା ଓ ଶିଶୁ କୈନ୍ଦ୍ରିକ ନୀତି ଏବଂ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ମୋଟ ୩,୫୬୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମାତୃତ୍ୱ କାର୍ଯ୍ୟକ୍ରମ 'ମମତା ଯୋଜନା' ଅଧୀନରେ ୨୪୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଥିବାବେଳେ ୬ବର୍ଷରୁ କମ୍ ବୟସର ପିଲାମାନଙ୍କ ପୁଷ୍ଟିକର ଏବଂ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ପାଇଁ 'ସକ୍ଷମ' ଅଙ୍ଗନୱାଡ଼ି ଏବଂ ପୋଷଣ-୨.୦ ଅଧୀନରେ ୨,୩୯୭ କୋଟି, ଅତିରିକ୍ତ ପୋଷଣ କାର୍ଯ୍ୟକ୍ରମ(ଏସ୍‌ଏନ୍‌ପି)-ପୋଷଣ ୨.୦ ଅଧୀନରେ ୧,୧୧୩ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ଆଇସିଡିଏସ୍ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ସହାୟତା ଦିଗରେ ୪୧୬ କୋଟି ଟଙ୍କା ପ୍ରଦାନ କରାଯାଇଥିବାବେଳେ ପୁଷ୍ଟିର ମାନ ବୃଦ୍ଧି ପାଇଁ 'ସୋପାନ' ଯୋଜନା ଅଧୀନରେ ୮୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ମାଳତି ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଅଧୀନରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷା ଗ୍ରହଣ କରୁଥିବା ପିଲାମାନଙ୍କ ପାଇଁ ୟୁନିଫର୍ମ ଯୋଗାଣ ନିମନ୍ତେ ୭୮ କୋଟି ଏବଂ ବିଜୁ ଶିଶୁ ସୁରକ୍ଷା ଯୋଜନା ଅନ୍ତର୍ଗତ ଆର୍ଶୀବାଦ କାର୍ଯ୍ୟକ୍ରମ ପାଇଁ ୪୩ କୋଟି ଟଙ୍କା ପ୍ରଦାନ କରାଯାଇଛି।

## ଶ୍ରମ ନିଯୁକ୍ତି, ଜୀବିକା ଓ ମୌଳିକ ସେବା

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏ) ଅନ୍ତର୍ଗତ ମ୍ୟାଟେରିଆଲ୍ କମ୍ପୋନେଣ୍ଟ ପାଇଁ ୨,୦୦୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମଜୁରୀ ରୋଜଗାରର ଚାହିଦାକୁ ଦୃଷ୍ଟିରେ ରଖି ଠିକ୍ ସମୟରେ ଦେୟ ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ରିଭଲିଂ କର୍ପସ ପାଣ୍ଠିର ପରିମାଣକୁ ୫୦୦ କୋଟିରୁ ୧୦୦୦ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସଙ୍କଟ କାଳୀନ ଶ୍ରମିକ ପ୍ରବାସ ରୋକିବା ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌କୁ ରାଜ୍ୟ ସହାୟତା ଭାବରେ ୫୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସେହିପରି ମୌଳିକ ସେବାର ବ୍ୟବସ୍ଥା ପାଇଁ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ପ୍ରାୟ ୭,୨୦୦ କୋଟି ଟଙ୍କା ସ୍ଥାନାନ୍ତର ବ୍ୟବସ୍ଥା କରାଯାଇଛି।

## ନୂତନ ପଦକ୍ଷେପ

- ୧୦,୦୦୦ କୋଟି ଟଙ୍କାର ବଜେଟ ଷ୍ଟାବିଲାଇଜେଶନ ଫଣ୍ଡ।
- ନବଗଠିତ ମିଶନ ଶକ୍ତି ବିଭାଗ ପାଇଁ ୨,୦୦୦ କୋଟି
- ଏମ୍‌ଜିଏନ୍‌ଆରଇଜିଏସ୍ ରିଭଲ୍‌ଭିଂ ପାଣ୍ଠି ଆକାର ୧,୦୦୦ କୋଟିକୁ ବୃଦ୍ଧି।
- ସଙ୍କଟକାଳୀନ ଶ୍ରମିକ ପ୍ରବାସ ରୋକିବା ପାଇଁ ୫୦୦ କୋଟି।
- ଏସ୍‌ଆଇଡିବିଆଇ କ୍ଲଷ୍ଟର ବିକାଶ ପାଣ୍ଠି ସଫ୍ଟ ଲୋନ୍ ପାଇଁ ୨୭୦ କୋଟି।
- ୫-ଟି ହାଇସ୍କୁଲ ରୂପାନ୍ତରୀକରଣ ପାଇଁ ୧୦୦ କୋଟି।
- ଦୁର୍ଗମ ଅଞ୍ଚଳରେ ଗ୍ରାମ ସଂଯୋଗୀକରଣ ପାଇଁ ୧୫୦ କୋଟି।
- ସଡ଼କ ସଂଯୋଗୀକରଣ ପାଇଁ ୧୫୦ କୋଟି।
- ଟିଆର୍‌ଆଇପି ଅଧୀନରେ ସଡ଼କ ଉନ୍ନୟନ ପାଇଁ ୩୪୦ କୋଟି।
- ଚେକ୍‌ଡ୍ୟାମ୍/ବ୍ରିଜ୍-କମ୍-ୱିୟର୍ସ ନିର୍ମାଣ ପାଇଁ ୫୮ କୋଟି।
- ବୈଦ୍ୟୁତିକ ଯାନ ନୀତି କାର୍ଯ୍ୟକାରିତା ପାଇଁ ୫୦ କୋଟି ସବ୍‌ସିଡି।
- ମତ୍ସ୍ୟଚାଷ ଏବଂ ଭିତ୍ତିଭୂମି ପାଇଁ ୨୫ କୋଟି ସଫ୍ଟ ଲୋନ।
- କଫି ଚାରାରୋପଣ ଲାଗି ୧୦ କୋଟି ବ୍ୟୟବରାଦ।

## ବିଭାଗୱାରି ବଣ୍ଟନ

| ବିଭାଗ | କୋଟି ଟଙ୍କା ହିସାବରେ |
|---|---|
| ଗୃହ | ୬୪୧୦ |
| ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ | ୫୩୪ |
| ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା | ୧୫୧୧ |
| ଆଇନ | ୬୦୮ |
| ଅର୍ଥ | ୪୮୫୫୬ |
| ବାଣିଜ୍ୟ | ୧୮୪ |
| ନିର୍ମାଣ | ୮୩୮୩ |
| ଓଡ଼ିଶା ବିଧାନସଭା | ୧୮୮ |
| ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ | ୧୨୦୫ |
| ବିଦ୍ୟାଳୟ ଓ ଗଣଶିକ୍ଷା | ୨୦୬୩୬ |
| ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆବର୍ଗ କଲ୍ୟାଣ | ୪୦୯୨ |
| ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧୨୩୪୨ |
| ଗୃହ ନିର୍ମାଣ ଓ ପୌର ଉନ୍ନୟନ | ୭୨୫୮ |
| ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା | ୧୯୫ |
| କ୍ରୀଡ଼ା ଓ ଯୁବସେବା | ୯୧୧ |
| ଯୋଜନା ଓ ସଂଯୋଜନ | ୩୦୩୫ |
| ପଞ୍ଚାୟତିରାଜ ଓ ପାନୀୟ ଜଳ | ୨୧୭୪୧ |
| ସାଧାରଣ ଅଭିଯୋଗ ଓ ପେନ୍‌ସନ ପ୍ରଶାସନ | ୨ |
| ଶିଳ୍ପ | ୬୪୬ |
| ଜଳସମ୍ପଦ | ୧୦୦୪୫ |
| ପରିବହନ | ୧୧୯୨ |
| ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ | ୧୧୧୨ |
| କୃଷି ଓ କୃଷକ ସଶକ୍ତୀକରଣ | ୬୪୪୬ |
| ଇସ୍ପାତ ଓ ଖଣି | ୧୮୩ |
| ସୂଚନା ଓ ଲୋକସମ୍ପର୍କ | ୧୨୯ |
| ଅବକାରୀ | ୧୫୮ |
| ବିଜ୍ଞାନ ଓ ବୈଷୟିକ | ୧୮୭ |
| ଗ୍ରାମ୍ୟ ଉନ୍ନୟନ | ୬୯୬୭ |
| ସଂସଦୀୟ ବ୍ୟାପାର | ୮୪ |
| ଶକ୍ତି | ୩୪୮୨ |
| ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ | ୨୦୩ |
| ପର୍ଯ୍ୟଟନ | ୫୯୦ |
| ମତ୍ସ୍ୟ ଓ ପଶୁସମ୍ପଦ ଉନ୍ନୟନ | ୧୬୫୮ |
| ସମବାୟ | ୧୮୪୧ |
| ସାଧାରଣ ଉଦ୍ୟୋଗ | ୧୦ |
| ମହିଳା ଓ ଶିଶୁ କଲ୍ୟାଣ | ୩୫୬୭ |
| ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା | ୩୦୨ |
| ଉଚ୍ଚଶିକ୍ଷା | ୨୮୩୬ |
| ଦକ୍ଷତା ବୃଦ୍ଧି ଓ ବୈଷୟିକ ଶିକ୍ଷା | ୮୧୧ |
| ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | ୬୨୩ |
| ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ | ୩୭୦୬ |
| ବିପର୍ଯ୍ୟୟ ପରିଚାଳନା | ୩୨୬୨ |
| ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି | ୧୬୯ |
| ମିଶନ ଶକ୍ତି | ୨୦୦୦ |
| **ସର୍ବମୋଟ** | **୨,୦୦,୦୦୦** |



## ପର୍ଯ୍ୟଟନ

ଓଡ଼ିଶା ପର୍ଯ୍ୟଟନର ବିକାଶ ନିମନ୍ତେ ୨୦୨୨-୨୩ ଆର୍ଥିକ ବର୍ଷରେ ୫୯୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଓ ପରିଚାଳନା ପାଇଁ ୩୭୫ କୋଟି ଏବଂ ପ୍ରୋତ୍ସାହନ ଲାଗି ୧୫୦ କୋଟି ବ୍ୟବହୃତ କରାଯିବ। ପିଲିଗ୍ରିମ୍ ରିଜୁଭିନେଶନ ଆଣ୍ଡ ସ୍ପିରିଚୁଆଲ ଅଗ୍‌ମେଣ୍ଟେଶନ ଡ୍ରାଇଭ୍ (ପ୍ରସାଦ) ଯୋଜନା ଅଧୀନରେ ୩୯ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି।



## ଅନୁସୂଚିତ ଜାତି ଓ ଜନଜାତି, ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁଙ୍କ ବିକାଶ

ଅନୁସୂଚିତ ଜାତି ଓ ଜନଜାତିଙ୍କ ବିକାଶ ପାଇଁ ମୋଟ ୩୨,୫୯୬ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେଥିମଧ୍ୟରୁ ଆଦିବାସୀ ଉପ-ଉପାଦାନ ଅଧୀନରେ ୧୮,୪୭୪ କୋଟି ଏବଂ ଅନୁସୂଚିତ ଜାତି ସବ୍ କମ୍ପୋନେଣ୍ଟ ଅଧୀନରେ ୧୪,୧୨୨ କୋଟି ଟଙ୍କା ଖର୍ଚ୍ଚ କରାଯିବ। ଅନ୍ୱେଷା କାର୍ଯ୍ୟକ୍ରମ ସମେତ ବିଭିନ୍ନ ସାମାଜିକ କ୍ଷେତ୍ରର ବିକାଶ ଓ ପଦକ୍ଷେପ ପାଇଁ ୩୪୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଆକାଂକ୍ଷା ଯୋଜନାରେ ଜନଜାତି ଛାତ୍ରୀଛାତ୍ରମାନଙ୍କ ପାଇଁ ଛାତ୍ରୀନିବାସ ଏବଂ ସହରୀ ଛାତ୍ରାବାସ କମ୍ପ୍ଲେକ୍ସ ନିର୍ମାଣ ନିମନ୍ତେ ୫୩୮ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପ୍ରିମାଟ୍ରିକ ଓ ପୋଷ୍ଟ ମାଟ୍ରିକ ଛାତ୍ରବୃତ୍ତି ପାଇଁ ୬୪୨ କୋଟି ଏବଂ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମ ଯୋଜନା ଅଧୀନରେ ୨୬୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ସାମାଜିକ ସୁରକ୍ଷା

ସାମାଜିକ ନିରାପତ୍ତା ବ୍ୟବସ୍ଥା ଲାଗି ମୋଟ ୩,୭୦୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ମଧୁବାବୁ ପେନ୍‌ସନ ଯୋଜନା ଅଧୀନରେ ୨,୦୧୭ କୋଟି ଏବଂ ଜାତୀୟ ସାମାଜିକ ସହାୟତା ଯୋଜନା ଅଧୀନ ବୃଦ୍ଧାବୃଦ୍ଧ, ବିଧବା ଏବଂ ଦିବ୍ୟାଙ୍ଗ ହିତାଧିକାରୀଙ୍କ ଭତ୍ତା ପାଇଁ ୧,୩୩୦ କୋଟି ଟଙ୍କାର ପ୍ରସ୍ତାବ ରଖାଯାଇଛି। ସେହିପରି ଦିବ୍ୟାଙ୍ଗଙ୍କ କଲ୍ୟାଣ ନିମନ୍ତେ ୧୦୪ କୋଟି ଏବଂ ଜାତୀୟ ଦିବ୍ୟାଙ୍ଗ ଅଧୀନରେ ୧୮ କୋଟି ଟଙ୍କାର ପ୍ରସ୍ତାବ ରହିଛି।

## ପାନୀୟ ଜଳ ଓ ସହରୀ ସୁବିଧାର ବ୍ୟବସ୍ଥା

ବସୁଧା ଯୋଜନା ଅଧୀନରେ ଗ୍ରାମୀଣ ଓ ସହରୀ ଜଳ ଯୋଗାଣ ପାଇଁ ୨,୩୮୯ କୋଟି ଟଙ୍କା ବ୍ୟୟବରାଦ ରହିଛି। ଟ୍ୟାପ୍ ୱାଟର ସଂଯୋଗର ସର୍ବଭାରତୀୟ କଭରେଜ୍ ଲକ୍ଷ୍ୟ ପୂରଣ କରିବା ପାଇଁ ସମ୍ପୃକ୍ତି ଯୋଜନା ଏବଂ ଜଳ ଜୀବନ ମିଶନ ଅଧୀନରେ ୬,୦୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସହରାଞ୍ଚଳ ସ୍ୱେରେଜ୍ ଯୋଜନା ଅଧୀନରେ ୧୩୮ କୋଟି, ଓଡ଼ିଶା ସମନ୍ୱିତ ପରିମଳ ଉନ୍ନତି ପ୍ରକଳ୍ପ ଅଧୀନରେ ୩୩୪ କୋଟି ଏବଂ ସହରାଞ୍ଚଳ ପରିମଳ ଯୋଜନା ଅଧୀନରେ ୨୫୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସହରାଞ୍ଚଳ ଶାସନର ଉନ୍ନତି ପାଇଁ ୫୮୫ କୋଟି, ନୂତନ ସହର ବିକାଶ ଅଧୀନରେ ସହର ଯୋଜନା ପାଇଁ ୨୩୧ କୋଟି ଏବଂ ଜାଗା ମିଶନ (ରିଭଲ୍ଭିଂ ଫଣ୍ଡ) ଅଧୀନରେ ୧୦୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ସେହିପରି ସ୍ୱଚ୍ଛ ଭାରତ ଅଭିଯାନ ଅଧୀନରେ ୨୫୦ କୋଟି, ସ୍ମାର୍ଟସିଟି ଅଧୀନରେ ୨୦୦ କୋଟି, ପୁନରୁଦ୍ଧାର ଏବଂ ସହରୀ ପରିବର୍ତ୍ତନ ପାଇଁ ଅଟଳ ମିଶନ (ଅମୃତ) ଅଧୀନରେ ୬୦୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ୧୨,୬୨୪ କୋଟିର ଗୁଣାତ୍ମକ ସ୍ୱାସ୍ଥ୍ୟସେବା

ରାଜ୍ୟ ସରକାର ସମସ୍ତଙ୍କ ପାଇଁ ସୁଗମ ଓ ଗୁଣାତ୍ମକ ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଇ ଆସୁଛନ୍ତି। ଏହିକ୍ରମରେ ବଜେଟରେ ସାମଗ୍ରିକ ଭାବେ ସ୍ୱାସ୍ଥ୍ୟ କ୍ଷେତ୍ରରେ ଖର୍ଚ୍ଚ ନିମନ୍ତେ ୧୨,୬୨୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହା ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୩୮% ଅଧିକ। ଆର୍ଥିକ ଦୃଷ୍ଟିରୁ ଅସୁରକ୍ଷିତ ରାଜ୍ୟର ୯୬ ଲକ୍ଷରୁ ଅଧିକ ପରିବାରକୁ ମାଗଣା ଚିକିତ୍ସା ସୁବିଧା ଯୋଗାଇବା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ୨,୬୬୪କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣ ଏବଂ ସେବା ଯୋଗାଣ ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ ଅଧୀନରେ ୨୩୨୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ପରିବାର କଲ୍ୟାଣ ଯୋଜନା ଅଧୀନରେ ୫୧୪ କୋଟି ଏବଂ ସ୍ୱାସ୍ଥ୍ୟକ୍ଷେତ୍ରର ଆନୁଷଙ୍ଗିକ ସେବାକୁ ସୁଦୃଢ଼ କରିବା ନିମନ୍ତେ ୬୫୨କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ସେହିପରି ଜାତୀୟ ସ୍ୱାସ୍ଥ୍ୟ ମିଶନ ପାଇଁ ୨୧୫୬କୋଟି ଟଙ୍କା ପ୍ରଦାନ କରାଯାଇଛି। ସ୍ୱାସ୍ଥ୍ୟ ଓ ଚିକିତ୍ସା ଶିକ୍ଷା କ୍ଷେତ୍ରରେ ମାନବ ସମ୍ବଳ ବିକାଶ ପାଇଁ ୩୧୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।



## ଶକ୍ତି

ରାଜ୍ୟରେ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ପାଇଁ ୩,୪୮୨ କୋଟି ଟଙ୍କାର ଆବଣ୍ଟନ ପ୍ରସ୍ତାବ ରହିଛି। ଓଡ଼ିଶା ବିତରଣ ବ୍ୟବସ୍ଥା ମଜଭୁତ ପ୍ରକଳ୍ପ (ଓଡିଏସ୍‌ଏସ୍‌ପି) ଅଧୀନରେ ନୂତନ ୩୩/୧୧ କେଭି ସବ୍‌ଷ୍ଟେଶନ ପ୍ରତିଷ୍ଠା ପାଇଁ ୯୯୦ କୋଟି, ବିଜୁ ଗ୍ରାମ ଜ୍ୟୋତି ଯୋଜନା, ବିଜୁ ସହରାଞ୍ଚଳ ବିଦ୍ୟୁତୀକରଣ ଯୋଜନା ଏବଂ ସିଏସ୍‌ଏସ୍ ଯୋଜନା, ସୌଭାଗ୍ୟ ରାଜ୍ୟ ଅଂଶ ଅଧୀନରେ ୧୭୮ କୋଟି ଟଙ୍କାର ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ରାଜଧାନୀ ଅଞ୍ଚଳ ଶକ୍ତି ପ୍ରଣାଳୀର ଉନ୍ନତି ଅଧୀନରେ ନିରବଚ୍ଛିନ୍ନ ସ୍ଥିର ବିଦ୍ୟୁତ୍ ଯୋଗାଣ ପାଇଁ ୧୭୦ କୋଟି ଟଙ୍କାର ବ୍ୟବସ୍ଥା ରହିଛି।

# ୨୧,୧୬୬ କୋଟି ଟଙ୍କାର କୃଷି, ଆନୁଷଙ୍ଗିକ କାର୍ଯ୍ୟକ୍ରମ



ଭୁବନେଶ୍ୱର,୨୭(ବ୍ୟୁରୋ)

ରାଜ୍ୟ ସରକାର ୨୦୨୨-୨୩ ପୂର୍ଣ୍ଣାଙ୍ଗ ବଜେଟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର ପାଇଁ ମୋଟ ୨୧,୧୬୬ କୋଟି ଟଙ୍କାର ବ୍ୟବସ୍ଥା କରିଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଶନିବାର ବିଧାନସଭାରେ କୃଷି ବଜେଟ ଉପସ୍ଥାପନ କରି କହିଛନ୍ତି। ଖାଦ୍ୟ ଉତ୍ପାଦନ, ଚାଷୀଙ୍କ ରୋଜଗାର ଏବଂ କୃଷକଙ୍କ କଲ୍ୟାଣ ପାଇଁ ଉକ୍ତ ଟଙ୍କା ବ୍ୟୟ କରାଯିବ। ସେଥିମଧ୍ୟରେ ଚାଷୀମାନଙ୍କ ସାମଗ୍ରିକ କଲ୍ୟାଣ ନିମନ୍ତେ 'କାଳିଆ' ଯୋଜନାରେ ୧,୮୭୪ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସାର ଓ ବିହନ ପାଇଁ ସୁଧ ମୁକ୍ତ ଋଣ ବାବଦକୁ ୨୦୦ କୋଟି, ଶସ୍ୟ ଉତ୍ପାଦନ ପରିଚାଳନା ବାବଦକୁ ୬୮୮ କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଉଦ୍ୟାନ କୃଷି ବିକାଶ ଯୋଜନାରେ ୩୧୨କୋଟି ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ଓଡ଼ିଶା କୃଷି ଓ ବୈଷୟିକ ବିଦ୍ୟାଳୟକୁ ଗବେଷଣା ଏବଂ ଶିକ୍ଷା ନିମନ୍ତେ ୧୬୧କୋଟି ଟଙ୍କାର ଅନୁଦାନ ବ୍ୟବସ୍ଥା କରାଯାଇଛି। ପ୍ରାଣୀ ସମ୍ପଦ ସ୍ୱାସ୍ଥ୍ୟ, ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ୨୪୧ କୋଟି, ସଘନ ଏବଂ ଆଭ୍ୟନ୍ତରୀଣ ମତ୍ସ୍ୟ ଚାଷର ବିକାଶ ପାଇଁ ୧୮୨ କୋଟି, କୁକୁଡ଼ା ଚାଷ ପାଇଁ ୧୦୨ କୋଟି ଟଙ୍କା ବଜେଟରେ ବ୍ୟବସ୍ଥା ହୋଇଛି।

କୃଷକମାନଙ୍କୁ ସୁଧ ରିହାତି ବାବଦକୁ ୮୯୩ କୋଟି ଟଙ୍କା ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ପ୍ରିମିୟମ ସବ୍‌ସିଡି ବାବଦକୁ ୬୦୦କୋଟି ଟଙ୍କା ବଜେଟରେ ବ୍ୟବସ୍ଥା ହୋଇଛି। ସମବାୟ ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସହାୟତା ଦିଗରେ ୩୭ କୋଟି ଏବଂ ସମବାୟ ବ୍ୟାଙ୍କଗୁଡ଼ିକୁ ଅଂଶଧନ ସହାୟତା ବାବଦକୁ ୧୫୦ କୋଟି ଟଙ୍କା ଦିଆଯିବ।

ସରକାର 'ସମୃଦ୍ଧି-କୃଷି ନୀତି ୨୦୨୦' ଦ୍ୱାରା ବିଭିନ୍ନ ହସ୍ତକ୍ଷେପ ମାଧ୍ୟମରେ କୃଷି କ୍ଷେତ୍ର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଉଛନ୍ତି। ଫସଲ ବିବିଧତା, ବଜାର ସଂଯୋଗୀକରଣ ଏବଂ ବୈଷୟିକ ଜ୍ଞାନକୌଶଳ ଦ୍ୱାରା ଏହି କୃଷି ନୀତି ଚାଷୀଙ୍କ ଫସଲର ଉତ୍ତମ ମୂଲ୍ୟ ଯୋଗାଇଦେଇ ସେମାନଙ୍କ ଆୟରେ ଅଭିବୃଦ୍ଧିର ବାଟ ଫିଟାଇଛନ୍ତି।

ଓଡ଼ିଶା କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଗ୍ରାମୀଣ ବିକାଶରେ କୃଷି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ୨୦୨୧-୨୨ର ଆଗୁଆ ଆକଳନ ଅନୁଯାୟୀ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରର ଯୋଗଦାନ ଗ୍ରସ୍ ଷ୍ଟେଟ୍ ଭାଲ୍ୟୁ ଆଡେଡ୍(ଜିଏସ୍‌ଭିଏ)ର ପ୍ରାୟ ୨୦.୬ ପ୍ରତିଶତ। କୃଷି ଏବଂ ଆନୁଷଙ୍ଗିକ କାର୍ଯ୍ୟକ୍ରମ ହେଉଛି ସର୍ବାଧିକ ରୋଜଗାର ପ୍ରଦାନକାରୀ କ୍ଷେତ୍ର। ରାଜ୍ୟର ସାମାଜିକ ତଥା ଅର୍ଥନୈତିକ ବିକାଶରେ ଏହାର ଅବଦାନ ସବୁଠୁ ଅଧିକ। ତେଣୁ ରାଜ୍ୟ ସରକାର ଏହାକୁ ଗୁରୁତ୍ୱ ଦେଇ ୨୦୧୩-୧୪ ବର୍ଷରୁ ପୃଥକ୍ ଭାବେ କୃଷି ବଜେଟ୍ ଉପସ୍ଥାପନ କରିଆସୁଛନ୍ତି।

## କୃଷି ଋଣ



ରାଜ୍ୟ ସରକାର ନାବାର୍ଡ ସହଭାଗିତାରେ ଭାଗଚାଷୀ ବିଶେଷକରି ଭୂମିହୀନ କୃଷକମାନଙ୍କୁ ଋଣ ପ୍ରଦାନ ନିମନ୍ତେ 'ବଳରାମ' ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ୧ ଲକ୍ଷ ଜଏଣ୍ଟ ଲାଏବିଲିଟି ଗ୍ରୁପ୍‌ସ ମାଧ୍ୟମରେ ୫ ଲକ୍ଷ କୃଷକଙ୍କୁ ଅନ୍ତର୍ଭୁକ୍ତ କରିବାକୁ ଲକ୍ଷ୍ୟ ରହିଛି। କାଳିଆ ଯୋଜନା ଅଧୀନରେ ଚାଷୀମାନଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ କୃଷି ଋଣ ଉପଲବ୍ଧ କରାଯାଇଛି। ଏହାଛଡ଼ା ଚାଷୀମାନଙ୍କୁ ୫୦ ହଜାରରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ରାଶି ଶତକଡ଼ା ୨ ପ୍ରତିଶତ ରିହାତି ସୁଧରେ ଯୋଗାଇ ଦିଆଯାଉଛି। ଏଥିପାଇଁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଚାଷୀମାନଙ୍କ ନିମନ୍ତେ ସୁଧ ରିହାତି ଯୋଜନାରେ ୮୯୩ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ଦେଇଛନ୍ତି।

ସମବାୟ ସଂସ୍ଥାଗୁଡ଼ିକ ସମଗ୍ର ଦେଶରେ ପ୍ରଦାନ କରିଥିବା କୃଷି ଋଣର ଶତକଡ଼ା ୧୭ ଭାଗ ବ୍ୟୟବହନ କରୁଛନ୍ତି। କିନ୍ତୁ ଓଡ଼ିଶାରେ ଶତକଡ଼ା ୬୦ ଭାଗ ଋଣ କୃଷି ସମବାୟ ସଂସ୍ଥାଗୁଡ଼ିକ ମାଧ୍ୟମରେ ଚାଷୀଙ୍କୁ ଉପଲବ୍ଧ କରାଯାଉଛି। ଏଥିନିମନ୍ତେ ସମବାୟ ସଂସ୍ଥାଗୁଡ଼ିକୁ ଆର୍ଥିକ ସହାୟତା ଲାଗି ୩୭ କୋଟି ଟଙ୍କା ଏବଂ ସମବାୟ ବ୍ୟାଙ୍କଗୁଡ଼ିକୁ ସାଧାରଣ ଅଂଶ ସହାୟତା ପାଇଁ ଅର୍ଥମନ୍ତ୍ରୀ ୧୫୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ଦେଇଛନ୍ତି।

ରାଜ୍ୟରେ ଅଣଧାନ ଶସ୍ୟ କ୍ରୟ ନିମନ୍ତେ ଓଡ଼ିଶା ରାଜ୍ୟ ସମବାୟ ମାର୍କେଟିଂ ଫେଡେରେଶନ ଲିମିଟେଡ୍‌କୁ ୨୦୨୨-୨୩ରେ ୧୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ପ୍ରଦାନ କରାଯାଇଛି। ଏହା ସହ ସାର, ବିହନ କିଣା ପାଇଁ ସୁଧମୁକ୍ତ ଋଣ ପ୍ରଦାନ ବାବଦକୁ ଅର୍ଥମନ୍ତ୍ରୀ ୨୦୦ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ ରଖିଛନ୍ତି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓ ପୋକ ଜନିତ ଫସଲହାନି କ୍ଷେତ୍ରରେ ବୀମା ଅନ୍ତର୍ଭୁକ୍ତ ଚାଷୀମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ନିମନ୍ତେ 'ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା' କାର୍ଯ୍ୟକାରୀ ହେଉଛି। ୨୦୨୨-୨୩ ବର୍ଷରେ ଚାଷୀମାନଙ୍କୁ କ୍ଷତିପୂରଣ ପ୍ରଦାନ ନିମନ୍ତେ ୬୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ଅମଳ ପରବର୍ତ୍ତୀ ପରିଚାଳନା



ରାଜ୍ୟ ସରକାରଙ୍କ ଦ୍ୱାରା ଧାନ ତଥା ଖାଦ୍ୟ ଶସ୍ୟ ସଂଗ୍ରହ, ବଜାର ଦରକୁ ସୁନିୟନ୍ତ୍ରିତ କରିବା ସହ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ଜନସାଧାରଣଙ୍କ ନିକଟରେ ସୁଲଭ ମୂଲ୍ୟରେ ପିଡିଏସ୍ ମାଧ୍ୟମରେ ଖାଦ୍ୟଶସ୍ୟ ଉପଲବ୍ଧ କରାଯାଉଛି। ଧାନ ସଂଗ୍ରହର ମୂଲ୍ୟ ପି-ପାସ୍ ପୋର୍ଟାଲ ମାଧ୍ୟମରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର କୋର୍ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଜରିଆରେ କୃଷକମାନଙ୍କର ବ୍ୟାଙ୍କ ଖାତାରେ ସିଧାସଳଖ ଜମା କରାଯାଉଛି, ଯାହାକି ଦେଶରେ ଅନନ୍ୟ।

ଅଣଧାନ ଶସ୍ୟ ତଥା ମୁଗ, ବିରି, ହରଡ, ଚିନାବାଦାମ, ସୂର୍ଯ୍ୟମୁଖୀ ଇତ୍ୟାଦି ମୁଖ୍ୟ ଫସଲର ଉଚିତ୍ ମୂଲ୍ୟ ଚାଷୀମାନଙ୍କୁ ଯୋଗାଇବା ପାଇଁ ରାଜ୍ୟରେ ନାଫେଡ୍‌ର ସହଭାଗିତାରେ ପ୍ରାଇସ୍ ସପୋର୍ଟ ସିଷ୍ଟମ୍ ଆରମ୍ଭ ହୋଇଛି। ଡାଲି ଓ ତୈଳ ଜାତୀୟ ଶସ୍ୟ ସଂଗ୍ରହ ପାଇଁ ଚାଷୀମାନଙ୍କ ପଞ୍ଜୀକରଣ ନିମନ୍ତେ ଇ-ସମୃଦ୍ଧି ପୋର୍ଟାଲ୍ ଆରମ୍ଭ ହୋଇଛି।

୨୦୧୭ରେ ରାଜ୍ୟର ୧୫ ଜିଲାର ୮୫ ବ୍ଲକରେ ମିଲେଟ୍ (ମାଣ୍ଡିଆ ଓ ବାଜରା ଜାତୀୟ ଫସଲ) ଚାଷକୁ ପ୍ରୋତ୍ସାହନ ଦେବା ଆରମ୍ଭ ହୋଇଛି। ୨୦୨୨-୨୩ ଆର୍ଥିକ ବର୍ଷରେ ମିଲେଟ୍ ମିଶନ୍ ନିମନ୍ତେ ୩୬୨ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି।

## ମତ୍ସ୍ୟଚାଷ



ପର୍ଯ୍ୟାପ୍ତ ନିଯୁକ୍ତି ଏବଂ ସ୍ୱରୋଜଗାର ପ୍ରଦାନରେ ମତ୍ସ୍ୟଚାଷର ବିକାଶ ବେଶ୍ ଗୁରୁତ୍ୱପୂର୍ଣ୍ଣ। ମତ୍ସ୍ୟ ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ଲକ୍ଷ୍ୟରେ ସରକାର ମତ୍ସ୍ୟଚାଷକୁ ପ୍ରୋତ୍ସାହିତ କରୁଛନ୍ତି। ସଘନ ଓ ଆଭ୍ୟନ୍ତରୀଣ ମାତ୍ସ୍ୟଚାଷର ଉନ୍ନତି ନିମନ୍ତେ ବଜେଟ୍‌ରେ ୧୮୨ କୋଟି ବ୍ୟୟବରାଦ କରାଯାଇଛି। ମାଛଚାଷ ପାଇଁ ନୂଆ ପୋଖରୀ ଖୋଳା ଯୋଜନାରେ ୯୮ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଏହା ମାଧ୍ୟମରେ ୪ ହଜାରରୁ ଅଧିକ ମତ୍ସ୍ୟଚାଷୀଙ୍କୁ ଅତିରିକ୍ତ ଜଳାଶୟ ସୃଷ୍ଟିପାଇଁ ସହାୟତା ଦିଆଯିବ। ଏଥି ନିମନ୍ତେ ଚାଷୀମାନଙ୍କର ଦକ୍ଷତା ବିକାଶ, ପ୍ରଶିକ୍ଷଣ, ସଚେତନତା କାର୍ଯ୍ୟକ୍ରମ ପାଇଁ ୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଉଭୟ ସାମୁଦ୍ରିକ ଓ ଆଭ୍ୟନ୍ତରୀଣ ମତ୍ସ୍ୟଚାଷ କ୍ଷେତ୍ରରେ ଭିତ୍ତିଭୂମି ସୁବିଧା ସୃଷ୍ଟି ଏବଂ ମାଛ ଉତ୍ପାଦନ ବୃଦ୍ଧି ନିମନ୍ତେ ୨୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ସରକାରୀ ମତ୍ସ୍ୟ ଫାର୍ମର ବିକାଶ ଏବଂ ସହରାଞ୍ଚଳରେ ଆଧୁନିକ ମତ୍ସ୍ୟ ବଜାର ନିର୍ମାଣ ପାଇଁ ବଜେଟ୍‌ରେ ୧୦୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ୧୦ ହଜାର ଏକର ପରିମିତ ଗ୍ରାମ ପଞ୍ଚାୟତ ପୋଖରୀରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ମାଛଚାଷ ପାଇଁ ଇନ୍‌ପୁଟ୍ ସହାୟତା ବାବଦକୁ ୩୮ କୋଟି ଟଙ୍କାର ପ୍ରସ୍ତାବ ରହିଛି। ୨୦୨୨-୨୩ରେ ସାମୁଦ୍ରିକ ମତ୍ସ୍ୟଜୀବୀମାନଙ୍କୁ ମାଛ ଧରା ନିଷେଧ ଥିବା ସମୟରେ ବିକଳ୍ପ ଜୀବିକା ପ୍ରଦାନ ନିମନ୍ତେ ୨୧ କୋଟି ଟଙ୍କାର ବ୍ୟୟବରାଦ ରହିଛି। ନୀଳ ବିପ୍ଳବ ଯୋଜନା ଅଧୀନରେ ମତ୍ସ୍ୟଚାଷର ସମନ୍ୱିତ ଉନ୍ନୟନ ଓ ପରିଚାଳନା ନିମନ୍ତେ ୧୭୭ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

## ପ୍ରାଣୀ ଓ ଗୋପାଳନ



ପ୍ରାଣୀ ଓ ଗୋପାଳନ ଦ୍ୱାରା ମିଳୁଥିବା ରୋଜଗାରରେ କୃଷକମାନଙ୍କ ଜୀବନଧାରଣ ମାନରେ ଉନ୍ନତି ଆସିଥାଏ। ଏହି କ୍ଷେତ୍ର ଲକ୍ଷାଧିକ ଗ୍ରାମୀଣ ପରିବାରର ମୁଖ୍ୟ ରୋଜଗାର ପନ୍ଥା, ଯାହା ଫସଲହାନି ସମୟରେ ସୁରକ୍ଷା ପ୍ରଦାନ କରିଥାଏ। ୨୦୨୨-୨୩ରେ ନୂତନ ବ୍ରୟଲର ଫାର୍ମ, କ୍ରେଜ୍ ପଦ୍ଧତିରେ ଲେୟାର କୁକୁଡା ଫାର୍ମ, ବତକ ଫାର୍ମ, ଅଗଣାରେ କୁକୁଡା ପାଳନ ୟୁନିଟ୍ ଏବଂ ମିନି କୁକୁଡା ଖାଦ୍ୟ ୟୁନିଟ୍ ପ୍ରତିଷ୍ଠା ପାଇଁ ସହାୟତା ନିମନ୍ତେ ୧୦୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ୫୦୦ରୁ ଅଧିକ କୃଷକଙ୍କୁ ଛେଳି, ମେଣ୍ଢା ପାଳନର ଛୋଟ ୟୁନିଟ୍ ସ୍ଥାପନ ପାଇଁ ୨୦୨୨-୨୩ରେ ୩୭ କୋଟି ଟଙ୍କାର ବ୍ୟବସ୍ଥା ରହିଛି। ରାଷ୍ଟ୍ରୀୟ ପ୍ରାଣୀଧନ ବିକାଶ ଯୋଜନାରେ ଗୋପାଳନ ଉନ୍ନୟନ ଏବଂ ପ୍ରାଣୀଧନ ପରିଚାଳନା ପାଇଁ ୧୧୨ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି। ଉନ୍ନତମାନର ଦୁଗ୍ଧ ପ୍ରକ୍ରିୟାକରଣ ନିମନ୍ତେ ଓମ୍‌ଫେଡ୍ ମାଧ୍ୟମରେ ୫ ଲକ୍ଷ ଏଲ୍‌ପିଡି ବିଶିଷ୍ଟ ଡାଇରୀ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆର୍‌ଆଇଡିଏଫ୍ ସହାୟତାରେ ୨୮ କୋଟି ଟଙ୍କା ରଖାଯାଇଛି। ବୁଲା ଗୋରୁମାନଙ୍କର ଯତ୍ନ ନେବା ପାଇଁ ନୂତନ ଗୋଶାଳାକୁ ଆର୍ଥିକ ସହାୟତା ନିମନ୍ତେ ୧୫ କୋଟି ଟଙ୍କା ବଜେଟ୍‌ରେ ବ୍ୟବସ୍ଥା ହୋଇଛି।

## କାଳିଆ: ୧୮୭୪ କୋଟି

କାଳିଆ
କୃଷି କଲେ ଉନ୍ନତ ସକଳ ଉନ୍ନତି

ରାଜ୍ୟରେ କୃଷି ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଦାରିଦ୍ର୍ୟ ହ୍ରାସ ଲକ୍ଷ୍ୟ ନେଇ ୨୦୧୮-୧୯ରୁ ସରକାର 'କୃଷକ ଆସିଷ୍ଟାନ୍ସ ଫର୍ ଲାଇଭ୍‌ଲିହୁଡ୍ ଆଣ୍ଡ ଇନ୍‌କମ୍ ଆର୍ଗୁମେଣ୍ଟେଶନ୍' (କାଳିଆ) ଯୋଜନା ଆରମ୍ଭ କରିଥିଲେ। ଏହି ରୋଜଗାର ସହାୟତା ଯୋଜନାକୁ ଦେଶର ବିଭିନ୍ନ ମଞ୍ଚରେ ସ୍ୱୀକୃତି, ପ୍ରଶଂସା ମିଳିଛି। ରାଜ୍ୟର ପ୍ରାୟ ୩୮ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୮ ଲକ୍ଷ ଭୂମିହୀନ ଚାଷୀ ପରିବାରକୁ ଏହି ଯୋଜନାରେ ସହାୟତା ମିଳିସାରିଛି। ଏହି କ୍ରମରେ ୨୦୨୨-୨୩ ଆର୍ଥିକ ବର୍ଷ ନିମନ୍ତେ କାଳିଆ ଯୋଜନା ବାବଦକୁ ୧୮୭୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ଓୟୁଏଟି: ୧୬୧ କୋଟି

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି)କୁ ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ କରିବା ସହ ଗବେଷଣା କ୍ଷେତ୍ରରେ ବିଶ୍ୱସ୍ତରୀୟ ମାନଦଣ୍ଡ ସୃଷ୍ଟି କରିବା ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନ ରହିଛି। ଏଥିପାଇଁ ଆବଶ୍ୟକ କୃଷି ଗବେଷଣା, ଶିକ୍ଷା ଓ ଭିତ୍ତିଭୂମି ବିକାଶ ପାଇଁ ୧୬୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି, ଯାହା କି ୨୦୧୯-୨୦ ବର୍ଷଠାରୁ ୫ ଗୁଣ ଅଧିକ।

## ଉଦ୍ୟାନ କୃଷି: ୩୧୨ କୋଟି

ଶସ୍ୟ ଜାତୀୟ ଫସଲ ତୁଳନାରେ ଉଦ୍ୟାନ କୃଷି ହେକ୍ଟର ପିଛା ଅଧିକ ଅମଳ ପ୍ରଦାନ କରିଥାଏ। ଉଦ୍ୟାନ କୃଷି କ୍ଷେତ୍ରରେ ପ୍ରୋତ୍ସାହନ ଏବଂ ସାମଗ୍ରିକ ଅଭିବୃଦ୍ଧି ନିମନ୍ତେ 'ଉଦ୍ୟାନ କୃଷି ବିକାଶ କାର୍ଯ୍ୟକ୍ରମ' ଅଧୀନରେ ୩୧୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଜାତୀୟ ଉଦ୍ୟାନ କୃଷି ମାଧ୍ୟମରେ ଏହି କ୍ଷେତ୍ରର ଉତ୍ପାଦନ ବୃଦ୍ଧି ପୋଷଣ ନିରାପତ୍ତାରେ ଉନ୍ନତି ଏବଂ କୃଷକ ପରିବାରକୁ ଆୟ ସହାୟତା ଯୋଗାଇଦେବା ନିମନ୍ତେ ୧୨୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

## ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା

ରାଜ୍ୟରେ କୃଷି ଓ ଆନୁଷଙ୍ଗିକ ସାମଗ୍ରିକ ବିକାଶ ନିମନ୍ତେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୩୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ବ୍ୟବସାୟିକ କୃଷି ଉଦ୍ୟୋଗ ପ୍ରତିଷ୍ଠାନରେ ପୁଞ୍ଜି ବିନିଯୋଗ ଏବଂ କୃଷି ଯନ୍ତ୍ରପାତି ଓ ଡିଜେଲ୍ ପମ୍ପସେଟ୍‌ର ଚାହିଦା ବଢ଼ାଇବା ପାଇଁ ୪୩୨ କୋଟି ଟଙ୍କାର ରିହାତି ପ୍ରସ୍ତାବ କୃଷି ବଜେଟ୍‌ରେ ରହିଛି।

# ଜଳସେଚନ ବିକାଶକୁ ପ୍ରାଥମିକତା

କୃଷି ପାଇଁ ଜଳସେଚନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଉପାଦାନ। ତେଣୁ ଜଳସେଚନ ବିକାଶରେ ଦ୍ରୁତ ଅଗ୍ରଗତି ପାଇଁ ରାଜ୍ୟ ସରକାର ଦୂରଦୃଷ୍ଟିର ସହ କାର୍ଯ୍ୟ କରୁଥିବା ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବିଧାନସଭାରେ ଶନିବାର କୃଷି ବଜେଟ୍ ଉପସ୍ଥାପନ ବେଳେ କହିଛନ୍ତି। ମୌସୁମୀର ଅନିଶ୍ଚିତତାରୁ କୃଷିକୁ ସୁରକ୍ଷିତ ରଖିବା ପାଇଁ ଆଗାମୀ ବର୍ଷଗୁଡ଼ିକରେ ଜଳସେଚନ ବିକାଶ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା ରହିଛି। ୨୦୨୨-୨୩ ଆର୍ଥିକ ବର୍ଷରେ ଅତିରିକ୍ତ ୨ ଲକ୍ଷ ୮୦ ହଜାର ହେକ୍ଟର ଜମିକୁ ଜଳସେଚନ ସୁବିଧା ଯୋଗାଇ ଫସଲ ଉତ୍ପାଦନ ଓ ଉତ୍ପାଦକତାରେ ଉନ୍ନତି ଆଣିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି। ହେଲେ ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ସବୁଠାରୁ ବଡ଼ ଆହ୍ୱାନ। ଏହାଦ୍ୱାରା ବଢୁଥିବା ପ୍ରତିକୂଳ ପ୍ରଭାବକୁ ପ୍ରଶମନ କରିବା ସହ ଭୂପୃଷ୍ଠ ଜଳର ସଂରକ୍ଷଣ ଏବଂ ଜଳଧାରଣ କ୍ଷମତା ବୃଦ୍ଧି କରିବାକୁ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥି ନିମନ୍ତେ ୩୦ଟି 'ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର୍ସ(ଆଇଏସ୍‌ଏସ୍)' ନିର୍ମାଣ କରାଯାଉଛି। ୨୦୨୨-୨୩ରେ ୧୦୪୪ କୋଟି ଟଙ୍କା ବ୍ୟୟରେ ଆଉ ୧୬ଟି ଆଇଏସ୍‌ଏସ୍ ନିର୍ମାଣ ଯୋଜନା କରାଯାଇଛି।



ଏହା ବ୍ୟତୀତ ଅଧିକ ଅଞ୍ଚଳକୁ ଜଳସେଚିତ କରିବା ପାଇଁ ସାନ୍ଧୁଲ, କୁସୁମି, ସୋନୋ, ତୁରୀ-ଗୁଣ୍ଡାତରେ ନୂତନ ବୃହତ୍ ମଧ୍ୟମ ଜଳସେଚନ ପ୍ରକଳ୍ପ ହାତକୁ ନିଆଯାଇଛି। ୨୦୨୨-୨୩ରେ କୋରାପୁଟ ଜିଲାର ଝଞ୍ଜାବତୀ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାକୁ ଯୋଜନା ରଖାଯାଇଛି। ମହାନଦୀ-ଚିତ୍ରୋତ୍ପଳା ଦ୍ୱୀପ ଜଳସେଚନ(ଏମ୍‌ସିଆଇଆଇ) ଏବଂ ଦେଓ ପ୍ରକଳ୍ପ ଖୁବ୍‌ଶୀଘ୍ର ଜନସାଧାରଣଙ୍କ ପାଇଁ ଉତ୍ସର୍ଗୀକୃତ ହେବ ବୋଲି ଅର୍ଥମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନା(ପିଏମ୍‌କେଏସ୍‌ୱାଇ) ଅଧୀନରେ କାର୍ଯ୍ୟକାରୀ ହେଉଥିବା ଏଆଇବିପି ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ନିମନ୍ତେ ୨୪୯୩ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଜଳକ୍ଷେତ୍ର ଭିତ୍ତିଭୂମି ଉନ୍ନୟନ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏସ୍‌ଆଇଡିପି) ଅଧୀନରେ ନିର୍ମାଣାଧୀନ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ପାଇଁ ୧୦୨୨ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ବନ୍ୟା ନିୟନ୍ତ୍ରଣ ଏବଂ ଜଳନିଷ୍କାସନ କାର୍ଯ୍ୟ ନିମନ୍ତେ ୯୬୮ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

### ପାର୍ବତୀଗିରି ଉଠା ଜଳସେଚନ ପ୍ରକଳ୍ପ

ଏହି ପ୍ରକଳ୍ପର ଲକ୍ଷ୍ୟ ହେଉଛି ରାଜ୍ୟର ଡିପ ଜମିକୁ ଜଳସେଚନ ଯୋଗାଇଦେବା, ଯାହାକି ୨୦୧୩-୧୪ ବର୍ଷଠାରୁ କାର୍ଯ୍ୟକାରୀ ହୋଇଆସୁଛି। ରାଜ୍ୟ ସରକାର ଆସନ୍ତା ୫ ବର୍ଷ ମଧ୍ୟରେ ଏହି ଯୋଜନାରେ ୨ ଲକ୍ଷ ୬୩ ହଜାର ହେକ୍ଟର ଜମିକୁ ଜଳସେଚନ ଯୋଜନା ଲକ୍ଷ୍ୟ ରଖିଛନ୍ତି। ଏଥିନେଇ ବୃହତ ଉଠାଜଳସେଚନ ପାଇଁ ୧୦ ହଜାର ୭ ଶହ ୫୯ କୋଟି ଟଙ୍କା ବ୍ୟୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନା ଅଧୀନରେ ୨୦ ନିର୍ମାଣାଧୀନ ଯୋଜନାକୁ ସମ୍ପୂର୍ଣ୍ଣ କରିବା ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ୪୮୫ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ସେହିପରି ଅତିରିକ୍ତ ଜଳସେଚନ କ୍ଷମତା ସୃଷ୍ଟି ନିମନ୍ତେ ଜଳନିଧି ଯୋଜନା ପାଇଁ ଆର୍‌ଆଇଡିଏଫ୍ ସହାୟତାରେ ୨୩୪ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

### ଖନନ ହେବ ୧୨୫୦୦ ଗଭୀର ନଳକୂପ

ନଭୀର ନଳକୂପ ନିର୍ମାଣ ପାଇଁ ରାଜ୍ୟର କୃଷକମାନେ ଦାବି କରି ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ୨୦୨୨-୨୩ରେ ୪ ଶହ କୋଟି ଟଙ୍କା ବ୍ୟୟରେ ୧୨୫୦୦ ଗଭୀର ନଳକୂପ ଖନନ କରାଯିବ। ଏହା ବ୍ୟତୀତ ବିଜୁ କୃଷକ ବିକାଶ ଯୋଜନାରେ ୨୨ଶହ କୋଟି ଟଙ୍କା ବ୍ୟୟରେ ୧୫ଶହ ଗୋଷ୍ଠୀ ଉଠା ଜଳସେଚନ ପଏଣ୍ଟ ସ୍ଥାପନ କରାଯିବ।

### ଉଠା ଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର

ଆୟକଟ ପୁନରୁଦ୍ଧାର ପାଇଁ ରାଜ୍ୟ ସରକାର ଅଚଳ ଉଠାଜଳସେଚନ ପ୍ରକଳ୍ପର ପୁନରୁଦ୍ଧାର ଯୋଜନା ପ୍ରସ୍ତୁତ କରିଛନ୍ତି। ଏଯାବତ୍ ୭୦୬୧ଟି ପ୍ରକଳ୍ପ ପୁନରୁଦ୍ଧାର ହୋଇସାରିଛି। ୨୦୨୨-୨୩ରେ ୧୯୫ କୋଟି ଟଙ୍କା ବ୍ୟୟରେ ୧୦୦୦ ଉଠା ଜଳସେଚନ ପଏଣ୍ଟର ପୁନରୁଦ୍ଧାର ନିମନ୍ତେ ସରକାର ଲକ୍ଷ୍ୟ ରଖିଛନ୍ତି।



### ଜଳସେଚନ ବ୍ୟୟବରାଦର ମୁଖ୍ୟାଂଶ

- ପ୍ରଧାନମନ୍ତ୍ରୀ କୃଷି ସିଚାଇ ଯୋଜନାମାଧ୍ୟମରେ କାର୍ଯ୍ୟକାରୀ ହୋଇଥିବା ଅସମ୍ପୂର୍ଣ୍ଣ ଏଆଇବିପି ପ୍ରକଳ୍ପ ପାଇଁ ୨୪୯୩ କୋଟି ଟଙ୍କା
- ସମସ୍ତ ପ୍ରମୁଖ ନଦୀରେ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍ଚର୍ସ(ଆଇଏସ୍‌ଏସ୍) ନିର୍ମାଣ ନିମନ୍ତେ ୯୪୪କୋଟି ଟଙ୍କାର ପ୍ରସ୍ତାବ
- ରାଜ୍ୟ ଅନୁଦାନପ୍ରାପ୍ତ ଜଳ କ୍ଷେତ୍ର ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏସ୍‌ଆଇଡିପି) ଅଧୀନରେ ୧୦୨୨କୋଟି ଟଙ୍କା
- ବନ୍ୟା ନିୟନ୍ତ୍ରଣ, ଜଳ ନିଷ୍କାସନ କାର୍ଯ୍ୟ ପାଇଁ ୯୬୮କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବ
- ବିଜୁ କୃଷକ ବିକାଶ ଯୋଜନାରେ ଗୋଷ୍ଠୀ ଉଠା ଜଳସେଚନ ପଏଣ୍ଟ ସ୍ଥାପନ ପାଇଁ ୪୦୦ କୋଟି ଟଙ୍କା
- ଅଚଳ ଉଠା ଜଳସେଚନ ପଏଣ୍ଟର ପୁନରୁଦ୍ଧାର ପାଇଁ ୧୯୫ କୋଟି ଟଙ୍କା
- କେନାଲ ଲାଇନିଂ ଆଣ୍ଡ ସିଷ୍ଟମ୍ ପୁନର୍ବାସ କାର୍ଯ୍ୟକ୍ରମ ଅଧୀନରେ ୪୪୦କୋଟି ଟଙ୍କାର ଖର୍ଚ୍ଚ ପ୍ରସ୍ତାବ
- ନବକୃଷ୍ଣ ଚୌଧୁରୀ ସେଚ ଉନ୍ନୟନ ଯୋଜନାରେ ୫୦ କୋଟିର ବ୍ୟୟବରାଦ
- ଜଳର ସମାନ ବଣ୍ଟନ ନିମନ୍ତେ କମାଣ୍ଡ ଏରିଆ ଡେଭେଲପମେଣ୍ଟ ଆଣ୍ଡ ୱାଟର ମ୍ୟାନେଜମେଣ୍ଟ ଯୋଜନାରେ ୨୦୦ କୋଟି ଟଙ୍କାର ପ୍ରସ୍ତାବ


## ବର୍ଷାରେ ଭିଜିଲା ସାରା ଦେଶ

ନିର୍ଦ୍ଧାରିତ ସମୟର ୬ ଦିନ ପୂର୍ବରୁ ଦେଶରେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆସି ପହଞ୍ଚିଛି। ଏ ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ପକ୍ଷରୁ ସୂଚନା ଦିଆଯାଇଛି। ଶୁକ୍ରବାର ରାଜସ୍ଥାନ ଓ ଗୁଜରାଟରେ ବର୍ଷର ପ୍ରଥମ ବର୍ଷା ହୋଇଛି। ଜୁନ୍ ୧ର ତିନିଦିନ ପୂର୍ବରୁ ଅର୍ଥାତ୍ ମେ ୨୯ରେ ମୌସୁମୀ କେରଳ ଛୁଇଁଥିଲା। ଶନିବାର ଆବଶ୍ୟକତା ତୁଳନାରେ ୫ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି। ତେବେ ଜୁଲାଇ ମାସରେ ଦେଶରେ ସ୍ୱାଭାବିକ ବର୍ଷା ହେବ ବୋଲି ଆଇଏମ୍‌ଡି ପକ୍ଷରୁ କୁହାଯାଇଛି।

# ନୂପୁରଙ୍କୁ ସମର୍ଥନ: ଗଲା ଆଉ ଏକ ଜୀବନ

## ଉଦୟପୁର ପୂର୍ବରୁ ଅମରାବତୀ: ଔଷଧ ଦୋକାନୀଙ୍କୁ ହତ୍ୟା

- ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୬ ଗିରଫ
- ଏନ୍‌ଆଇଏକୁ ତଦନ୍ତ ଦାୟିତ୍ୱ


ମୃତକ ଉମେଶ ପ୍ରହ୍ଲାଦ୍ରୋ କୋହ୍ଲେ


ମୁଖ୍ୟ ଅଭିଯୁକ୍ତ ଇରଫାନ୍ ଖାନ୍

ନାଗପୁର, ୨।୭

ରାଜସ୍ଥାନର ଉଦୟପୁର ପରେ ମହାରାଷ୍ଟ୍ରର ଅମରାବତୀରୁ ସମାନ ଧରଣର ହତ୍ୟାକାଣ୍ଡ ସାମ୍ନାକୁ ଆସିଛି। ପ୍ରଫେଟ ମହମ୍ମଦଙ୍କ ଉପରେ ବିବାଦୀୟ ମନ୍ତବ୍ୟ ଦେଇ ଭାଜପାରୁ ନିଲମ୍ବିତ ହୋଇଥିବା ନୂପୁର ଶର୍ମାଙ୍କ ସପକ୍ଷରେ ପୋଷ୍ଟ ଶେୟାର କରିବା ଯୋଗୁ ଔଷଧ ଦୋକାନୀ ଉମେଶ ପ୍ରହ୍ଲାଦ୍ରୋ କୋହ୍ଲେଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ଏହି ଘଟଣା ଜୁନ୍ ୨୧ ତାରିଖର ହୋଇଥିବାବେଳେ ମୁଖ୍ୟ ଅଭିଯୁକ୍ତ ଇର୍‌ଫାନ୍ ଖାନ୍‌ଙ୍କ ସହ ୬ ଜଣଙ୍କୁ ମହାରାଷ୍ଟ୍ର ପୋଲିସ ଗିରଫ କରିଛି। ଆତଙ୍କବାଦୀ ଆକ୍ରମଣ ଦୃଷ୍ଟିରୁ ଏହାର ତଦନ୍ତ ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଶନିବାର ଦାୟିତ୍ୱ ଦେଇଛି। ଜୁନ୍ ୨୦ ରାତିରେ ମହାରାଷ୍ଟ୍ରରେ ସୃଷ୍ଟି ହୋଇଥିବା ରାଜନୈତିକ ସଙ୍କଟ ଉପରେ ସାରା ଦେଶର ନଜର ରହିଥିବାବେଳେ ଏହି ଘଟଣା ଉପରେ କାହାର ଧ୍ୟାନ ଯାଇ ନ ଥିଲା।

୫୪ ବର୍ଷୀୟ ଉମେଶ ଘଟଣା ଦିନ ରାତି ପ୍ରାୟ ୧୦ଟା ୧୫ରେ ତାଙ୍କ ଔଷଧ ଦୋକାନ ବନ୍ଦ କରି ବାଇକ୍ ଯୋଗେ ଘରକୁ ଫେରୁଥିଲେ। ଆଉ ଏକ ଗାଡ଼ିରେ ପୁଅ ସଙ୍କେତ(୨୭) ଏବଂ ସ୍ତ୍ରୀ ବୈଷ୍ଣବୀ ମଧ୍ୟ ଥିଲେ। ପ୍ରଭାତ ଚୌରୁ ଏମ୍‌ସିଏନ୍‌ଏଚ୍ ସ୍କୁଲ ନିକଟରେ ସେମାନେ ପହଞ୍ଚିବା ପରେ ଏକ ବାଇକ୍‌ରେ ଦୁଇ ଜଣ ଆସି ହଠାତ୍ ଉମେଶଙ୍କୁ ଅଟକାଇବା ସହ ଆକ୍ରମଣ କରିଥିଲେ। ଜଣେ ଅଭିଯୁକ୍ତ ଉମେଶ ବେକକୁ ଛୁରିରେ ଆକ୍ରମଣ କରିବା ଯୋଗୁ ସେ ଗୁରୁତର ହୋଇପଡ଼ିଥିଲେ। ସେହି ସମୟରେ ଆଉ ଜଣେ ଅଭିଯୁକ୍ତ ସେଠାରେ ପହଞ୍ଚି ଅନ୍ୟ ଦୁଇ ଜଣଙ୍କୁ ଧରି ବାଇକ୍‌ରେ ଫେରାର ହୋଇଯାଇଥିଲେ। ବାପାଙ୍କ ଉପରେ ଆକ୍ରମଣ ହେଉଥିବା ଦେଖି ପୁଅ ସଙ୍କେତ ସ୍ଥାନୀୟ ଲୋକଙ୍କୁ ସାହାଯ୍ୟ ମାଗିଥିଲେ। ଉମେଶଙ୍କୁ ସ୍ଥାନୀୟ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଇର୍‌ଫାନ୍‌ଙ୍କ ସମେତ ମୁଦସିର୍ ଅହମଦ୍(୨୨), ଶାହାରୁଖ ପଠାନ୍(୨୫), ଅବଦୁଲ୍ ତୌଫିକ୍(୨୪), ସୋଏବ୍ ଖାନ୍(୨୨) ଏବଂ ଅତିବ୍ ରଶିଦ୍(୨୨)ଙ୍କୁ ଗିରଫ କରିଛି। ସେମାନେ ସମସ୍ତେ ଅମରାବତୀର ବାସିନ୍ଦା। ସିସିଟିଭିରେ ଅଭିଯୁକ୍ତଙ୍କ ଫଟୋ କଏଦ ହୋଇଛି। ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଇର୍‌ଫାନ୍ ଏକ ଏନ୍‌ଜିଓ ମାଲିକ ବୋଲି ଜଣାପଡ଼ିଛି।

ପୋଲିସ ସୂଚନା ଅନୁସାରେ, ଉମେଶ ଭାଜପା ପୂର୍ବତନ ମୁଖପାତ୍ର ନୂପୁର ଶର୍ମାଙ୍କ ସପକ୍ଷରେ କେତେକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ କିଛି ପୋଷ୍ଟ ଶେୟାର କରିଥିଲେ। ସେହି ଗ୍ରୁପ୍‌ଗୁଡ଼ିକରେ କେତେଜଣ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିଙ୍କ ସମେତ ଉମେଶଙ୍କ ଦୋକାନର ଗ୍ରାହକ ମଧ୍ୟ ରହିଥିଲେ। ଇର୍‌ଫାନ ତାଙ୍କୁ ହତ୍ୟା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେ ୫ ଜଣଙ୍କୁ ଯୋଗାଡ଼ କରିଥିଲେ। ଏକ କାର୍‌ରେ ସେମାନଙ୍କୁ ସୁରକ୍ଷିତ ଭାବେ ଫେରାର କରାଇବା ସହ ୧୦ ହଜାର ଟଙ୍କା ଦେବାକୁ ମଧ୍ୟ ଇର୍‌ଫାନ୍ ପ୍ରତିଶ୍ରୁତି ଦେଇଥିଲେ। ନୂପୁର ଶର୍ମାଙ୍କ ସମର୍ଥନରେ ପୋଷ୍ଟ ପାଇଁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିଲେ ହେଁ ପ୍ରକୃତ କାରଣ ବିଷୟରେ ଅଧିକ ତଦନ୍ତ ଚାଲିଥିବା ଅମରାବତୀ ପୋଲିସ କମିଶନର ଆରତୀ ସିଂ କହିଛନ୍ତି। ପ୍ରକାଶଥାଉ କି, ଉଦୟପୁରର ଦରଜି କହ୍ନେୟାଲାଲ ତେଲି ନୂପୁର ଶର୍ମାଙ୍କ ସମର୍ଥନରେ କରିଥିବା ସୋସିଆଲ ମିଡିଆ ପୋଷ୍ଟକୁ କେନ୍ଦ୍ର କରି ଗତ ଜୁନ୍ ୨୮ରେ ଦୁଇ ଜଣ ତାଙ୍କ ମୁଣ୍ଡକାଟ କରିଥିଲେ। ଏହି ଘଟଣାରେ ମଧ୍ୟ ଏନ୍‌ଆଇଏ ତଦନ୍ତ କରୁଛି।

## ଘଣ୍ଟି ଘୋଡ଼ାଇଥିଲେ ପୋଲିସ କମିଶନର

### କାର୍ଯ୍ୟାନୁଷ୍ଠାନ ଦାବିରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବନୀତ୍ ରାଣା


ଏମ୍‌ପି ନବନୀତ୍ ରାଣା

ଅମରାବତୀ, ୨।୭

ଔଷଧ ଦୋକାନୀ ଉମେଶ ପ୍ରହ୍ଲାଦ୍ରୋ କୋହ୍ଲେଙ୍କ ବୀଭତ୍ସ ହତ୍ୟାକୁ ଅମରାବତୀ ପୋଲିସ କମିଶନର ଆରତୀ ସିଂ ଲୁଚାଇବାକୁ ଉଦ୍ୟମ କରିଥିଲେ ବୋଲି ସ୍ଥାନୀୟ ଏମ୍‌ପି ନବନୀତ ରାଣା ଅଭିଯୋଗ କରିଛନ୍ତି। ରାଜନୈତିକ ଚାପରେ ପଡ଼ି ଆରତୀ ଏ ନେଇ ଏକ ଡକାୟତି ମାମଲା ରୁଜୁ କରିଥିଲେ। କେତେଜଣ ତାଙ୍କୁ ଲୁଟ୍ କରିବାକୁ ଆସି ହତ୍ୟା କରିଥିବା ସେ ସାଧାରଣରେ ଜଣାଇଥିଲେ। ଅଭିଯୁକ୍ତଙ୍କୁ ଗିରଫ କରି ପୋଲିସ କମିଶନର ଘଟଣାକୁ ଚାପି ଦେବାକୁ ଚେଷ୍ଟା କରିଥିବା ନବନୀତ କହିଛନ୍ତି। ଏ ନେଇ ଅମରାବତୀ ଏମ୍‌ପି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଚିଠି ଲେଖିବା ସହ ଆରତୀ ସିଂଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଘଟଣାକୁ ସବୁଦିଗରୁ ତଦନ୍ତ କରାଯାଇ ସତ୍ୟ ସାମ୍ନାକୁ ଆଣିବାକୁ ନବନୀତ ଚିଠିରେ ନିବେଦନ କରିଛନ୍ତି।

## କୋର୍ଟରେ ହାଜରବେଳେ କହ୍ନେୟାଙ୍କ ହତ୍ୟା ଅଭିଯୁକ୍ତଙ୍କୁ ମାଡ଼

**ଜୟପୁର, ୨।୭:** ଉଦୟପୁର ଟେଲର କହ୍ନେୟାଲାଲ ତେଲିଙ୍କ ହତ୍ୟା ଅଭିଯୁକ୍ତଙ୍କୁ ଶନିବାର ଜୟପୁର କୋର୍ଟବାହାରେ ଲୋକେ ମାଡ଼ ମାରିଛନ୍ତି। ଅଭିଯୁକ୍ତଙ୍କ ମଧ୍ୟରୁ ୪ ଜଣଙ୍କୁ ଏନ୍‌ଆଇଏ କୋର୍ଟରେ ହାଜର କରାଇଥିଲା। ସେଠାରୁ ବାହାରିବାବେଳେ ବହୁସଂଖ୍ୟାରେ ଲୋକେ ରୁଣ୍ଡ ହୋଇ ପାକିସ୍ତାନ ବିରୋଧୀ ନାରା ଦେବା ସହ କହ୍ନେୟାଲାଲଙ୍କ ହତ୍ୟାକାରୀଙ୍କୁ ଫାଶୀ ଦେବାକୁ ନାରା ଦେଇଥିଲେ। ସେହି ସମୟରେ କେତେଜଣ ଅଭିଯୁକ୍ତଙ୍କୁ ମାଡ଼ ମାରିବା ସହ ଆକ୍ରମଣ ଉଦ୍ୟମ କରିଥିଲେ। ତେବେ ପୋଲିସ ସମସ୍ତ ଅଭିଯୁକ୍ତଙ୍କୁ ଭ୍ୟାନରେ ସୁରକ୍ଷିତ ଭାବେ ବସାଇ ନେଇଥିଲା। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କହ୍ନେୟାଲାଲଙ୍କ ହତ୍ୟା ଅଭିଯୁକ୍ତଙ୍କୁ ଏନ୍‌ଆଇଏ ରିମାଣ୍ଡରେ ଦେବାକୁ କୋର୍ଟ ଅନୁମତି ଦେଇଛନ୍ତି।

## ହତ୍ୟାକାରୀ ଭାଜପା ସଦସ୍ୟ: କଂଗ୍ରେସ

ଜୟପୁର, ୨।୭


ଭାଜପା ସଦସ୍ୟଙ୍କ ସହ ହତ୍ୟା ଅଭିଯୁକ୍ତ ରିୟାଜ୍ (ଡାହାଣ)

ରାଜସ୍ଥାନ ଉଦୟପୁରର ଦରଜି କହ୍ନେୟାଲାଲଙ୍କ ହତ୍ୟା ଅଭିଯୁକ୍ତ ରିୟାଜ୍ ଅଖ୍‌ତାରୀ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚାର ସଦସ୍ୟ ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ରାଜସ୍ଥାନରେ ବିରୋଧୀ ଭାଜପା ନେତା ଗୁଲାବଚାନ୍ଦ କଟାରିଆଙ୍କ ସହ ଅଭିଯୁକ୍ତ ରିଆଜ୍‌ଙ୍କ ଏକ ଫଟୋ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। ଏହି ଫଟୋଟି ୨୦୧୮ ମସିହାର ବୋଲି ଜଣାପଡ଼ିଛି। ଭାଜପା ସହ ଅଭିଯୁକ୍ତଙ୍କ ଲିଙ୍କ୍ ରହିବା ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ବରିଷ୍ଠ କଂଗ୍ରେସ ନେତା ପୱନ ଖେରା କହିଛନ୍ତି। ତେବେ ଭାଜପା ପକ୍ଷରୁ ଏହାକୁ ଖଣ୍ଡନ କରାଯାଇଛି। ରାଜସ୍ଥାନ ଭାଜପା ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଏମ୍. ସାଦିକ୍ ଖାନ୍ କହିଛନ୍ତି, ଭାଜପା ଦେଶର ସବୁଠାରୁ ବଡ଼ ଜାତୀୟ ଦଳ। ତେଣୁ ଅନେକ ବ୍ୟକ୍ତି ଦଳୀୟ ନେତାଙ୍କୁ ଭେଟି ତାଙ୍କ ସହ ଫଟୋ ଉଠାଇଥାନ୍ତି। ତା' ଅର୍ଥ ନୁହେଁ ଯେ ଫଟୋ ଉଠାଉଥିବା ପ୍ରତ୍ୟେକ ବ୍ୟକ୍ତି ଭାଜପାର ସଦସ୍ୟ। ଅଭିଯୁକ୍ତ କେବେ ବି ଦଳରେ ନ ଥିଲେ ବୋଲି ସାଦିକ୍ କହିଛନ୍ତି। ରାଜସ୍ଥାନରେ କଂଗ୍ରେସ ସରକାର ବିଫଳତା ଲୁଚାଇବା ପାଇଁ ଅନ୍ୟ ଉପରେ ଦୋଷ ଲଦି ଦେବାକୁ ଚାହୁଁଛି ବୋଲି ସେ ପାଲଟା ଅଭିଯୋଗ ଆଣିଛନ୍ତି।

FORM NO. 13
BEFORE THE DEBTS RECOVERY TRIBUNAL: CUTTACK: ODISHA
C-71, SECTOR-7, CDA, CUTTACK, ODISHA
O.A. NO. 250 / 2022

AXIS BANK LIMITED ...APPLICANT
-Vrs.-
The Puri District Co-operative Milk Producers Union Ltd. & others ...DEFENDANTS

To,
1. **The Puri District Co-operative Milk Producers Union Ltd.,** Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
2. **Dr. Sanjay Kumar Sahoo,** The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
3. **Mr. Susil Kumar Panda,** The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
4. **Tapas Kumar Das,** The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
5. **Sj. Aswini Kumar Pati** (President Dandamakundapur Dcs-cum-Pumul), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
6. **Dr. J.K. Pattanaik** (Dy. General Manager (P&I) (Omfed), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
7. **Dr. Manas Ranjan Mohapatra** (Chief District Veterinary, Officer, Khordha), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
8. **Mrs. Bijayalaxmi Mishra** (President Satasankha Dcs Cum-Vice President, Pumul), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
9. **Mr. Krushna Mohan Jena** (Bhingarapur Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
10. **Mrs. Kabita Das** (Mahadevbasta Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
11. **Mr. Kedarnath Pradhan** (Nadhana Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
12. **Ms. Gitanjali Behera** (Pariapatapur Wdcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
13. **Mrs. Nandini Behera** (Ganganarayanpur Wdcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
14. **Mr. Bharat Chandra Bhoi** (Villideuli Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
15. **Mrs. Manoranjan Sahoo** (Erabanga Wdcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
16. **Mrs. Pravasini Behera** (Ganeswarpur Wdcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
17. **Mr. Tofan Mallik** (Pipili Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
18. **Mr. Rabindra Sahoo** (Lankeswari Dcs, Balanga), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
19. **Mr. Nityananda Patra** (Gadaitapokhari Dcs), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
20. **Mr. Sukanta Kumar Jena** (Mahalaxmi Dcs, Gadachandapur), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
21. **Mr. Rabindra Swain,** Champeswar Dcs, Khamanga, The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007.
22. **Dr. S.K. Sahu** (General Manager Cum-Member Secretary), The Puri District Co-operative Milk Producers Union Ltd., Pumul Building, Cuttack Road, Near Kalpana Area, Bhubaneswar, Dist.: Khurda-751007 ...DEFENDANTS

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 250/2022** in the Court of the Debts of Recovery Tribunal at Cuttack for recovery of **Rs.1,18,61,743.52 (Rupees One Crore Eighteen Lakhs Sixty One Thousand Seven Hundred Forty Three and Fifty Two Paisa)** together with current and future interest, costs and other reliefs. The above mentioned Defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **26.07.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **7th day of June, 2022.**

Date: 07.06.2022
Sd/- (M.K. Patnaik)
REGISTRAR

## ମଣିପୁର ଭୂସ୍ଖଳନ: ମୃତ୍ୟୁ ସଂଖ୍ୟା ୨୭

**ଇମ୍ଫାଲ୍ ,୨।୭:** ମଣିପୁର ନୋନି ଜିଲା ଭୂସ୍ଖଳନ ସ୍ଥଳରୁ ଉଦ୍ଧାରକାରୀ ଦଳ ଶନିବାର ଆଉ ୮ ମୃତଦେହ ପାଇବା ପରେ ମୃତ୍ୟୁସଂଖ୍ୟା ୨୭ରେ ପହଞ୍ଚିଛି। ମୃତକଙ୍କ ମଧ୍ୟରୁ ୨୨ ଜଣ ସେନା ଯବାନ ବୋଲି ଜଣାପଡ଼ିଛି। ବର୍ତ୍ତମାନ ସୁଦ୍ଧା ୧୨ ଯବାନଙ୍କ ସହ ୪୦ ଜଣ ନିଖୋଜ ଅଛନ୍ତି। ଯବାନଙ୍କ ମୃତଦେହ ଭାରତୀୟ ବାୟୁ ସେନା ହେଲିକପ୍ଟର ଯୋଗେ ସେମାନଙ୍କ ପୈତୃକ ଗ୍ରାମକୁ ପଠାଇ ଦିଆଯାଇଛି।

## ୧୪ ଦିନିଆ ରିମାଣ୍ଡରେ ତୀସ୍ତା


ତୀସ୍ତା ସିତଲଭାଡ୍

**ଅହମଦାବାଦ, ୨।୭:** ୨୦୦୨ ଗୁଜରାଟ ଦଙ୍ଗା ସମ୍ପର୍କରେ ଜାଲ ପ୍ରମାଣ ଓ ମିଥ୍ୟା ତଥ୍ୟ ଦେବା ଅଭିଯୋଗରେ ଗିରଫ ହୋଇଥିବା ସାମାଜିକକର୍ମୀ ତୀସ୍ତା ସିତଲଭାଡ୍ ଏବଂ ପୂର୍ବତନ ପୋଲିସ ଡିଜି ଆର୍. ବି. ଶ୍ରୀକୁମାରଙ୍କୁ ୧୪ ଦିନିଆ ପୋଲିସ ରିମାଣ୍ଡ ପାଇଁ ସ୍ଥାନୀୟ କୋର୍ଟ ଅନୁମତି ଦେଇଛନ୍ତି। ଉଭୟଙ୍କୁ ମେଟ୍ରୋପଲିଟାନ୍ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଶନିବାର ହାଜର କରାଯାଇଥିଲା।

## ମୋତେ ପ୍ୟାରିସ ଯିବାକୁ ଦେଲେନି

### ଦିଲ୍ଲୀ ଏୟାରପୋର୍ଟ କର୍ତ୍ତୃପକ୍ଷଙ୍କ ବିରୋଧରେ ଅଭିଯୋଗ ଆଣିଲେ ପୁଲିଜର ବିଜେତା


ସନା ଇର୍ଶାଦ ମଟ୍ଟୋ

ଶ୍ରୀନଗର, ୨।୭

କଶ୍ମୀର ଫଟୋଜର୍ନାଲିଷ୍ଟ ତଥା ପୁଲିଜର ପୁରସ୍କାର ବିଜୟିନୀ ସନା ଇର୍ଶାଦ ମଟ୍ଟୋ ଶନିବାର ପ୍ୟାରିସ୍ ଅଭିମୁଖେ ବାହାରିଥିବାବେଳେ ତାଙ୍କୁ ଦିଲ୍ଲୀ ବିମାନବନ୍ଦର କର୍ତ୍ତୃପକ୍ଷ ଅଟକାଇଥିବା ଅଭିଯୋଗ କରିଛନ୍ତି। ଏକ ପୁସ୍ତକ ଉନ୍ମୋଚନ ଏବଂ ଫଟୋଗ୍ରାଫି ପ୍ରଦର୍ଶନ ପାଇଁ ସେ ବିମାନ ଯୋଗେ ଫ୍ରାନ୍ସ ଯିବାକୁ ଏୟାରପୋର୍ଟରେ ପହଞ୍ଚିବାପରେ ବିନା କୌଣସି କାରଣରେ ତାଙ୍କୁ ଅନୁମତି ଦିଆଯାଇ ନ ଥିବା ସନା କହିଛନ୍ତି। ତାଙ୍କ ନିକଟରେ ଭିଜା ସହ ଅନ୍ୟ ଆଇନଗତ ଡକ୍ୟୁମେଣ୍ଟ ଥିଲେ ମଧ୍ୟ ଇମିଗ୍ରେଶନ ଅଧିକାରୀ ତାହା ଦେଖି ନ ଥିଲେ। ଏଥିସହ ସେ ବିଦେଶ ଗସ୍ତ କରିପାରିବେ ନାହିଁ ବୋଲି ତାଙ୍କୁ କୁହାଯାଇଥିବା ସନା ଟୁଇଟ୍ କରିଛନ୍ତି। ସନାଙ୍କ ସମେତ କେତେଜଣ ଖବରଦାତାଙ୍କ ଉପରେ ବିଦେଶ ଗସ୍ତ ପାଇଁ କଟକଣା ଜାରି କରାଯାଇଥିବା ଜମ୍ମୁ-କଶ୍ମୀର ପୋଲିସ ସୂତ୍ରରୁ ଜଣାପଡ଼ିଛି। ଶ୍ରୀନଗର ବାସିନ୍ଦା ୨୮ ବର୍ଷୀୟ ସନା ଅନ୍ତର୍ଜାତୀୟ ୱେର ଏଜେନ୍ସି ରଏଟର୍ସ ପାଇଁ ଫଟୋଜର୍ନାଲିଷ୍ଟ ଭାବେ କାର୍ଯ୍ୟ କରନ୍ତି। ଭାରତରେ କୋଭିଡ୍‌ର ଦ୍ୱିତୀୟ ଲହରବେଳର ଫଟୋଗ୍ରାଫି ପାଇଁ ସେ ପୁଲିଜର ପୁରସ୍କାର-୨୦୨୨ ପାଇଥିଲେ।

## ଆଜି ବାଚସ୍ପତି ନିର୍ବାଚନ

### ଭାଜପାର ରାହୁଲଙ୍କ ବିରୋଧରେ ଶିବସେନାର ରଞ୍ଜନ

**ମୁମ୍ବାଇ,୨।୭:** ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ନିର୍ବାଚନ ରବିବାର ଅନୁଷ୍ଠିତ ହେବ। ଏଥିପାଇଁ ଶୁକ୍ରବାର ଭାଜପା ବିଧାୟକ ରାହୁଲ ନରୱେକର ନାମାଙ୍କନପତ୍ର ଦାଖଲ କରିଥିବାବେଳେ ଶନିବାର ଶିବସେନା ବିଧାୟକ ରଞ୍ଜନ ସାଲ୍‌ଭିଙ୍କୁ ମହା ବିକାଶ ଅଘାଡ଼ି (ଏମ୍‌ଭିଏ) ପକ୍ଷରୁ ପ୍ରାର୍ଥୀ କରାଯାଇଛି। ରାହୁଲ ପ୍ରଥମ ଥର ପାଇଁ ମୁମ୍ବାଇର କୋଲାବା ଆସନରୁ ବିଜୟୀ ହୋଇଥିବାବେଳେ ରଞ୍ଜନ ହେଉଛନ୍ତି ରାଜାପୁର ଏମ୍‌ଏଲ୍‌ଏ।

ଜୁଲାଇ ୩ ଓ ୪ ତାରିଖରେ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ବସିବ। ରବିବାର ବାଚସ୍ପତି ନିର୍ବାଚନ ହେବାକୁ ଥିବାବେଳେ ନୂଆ ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ସୋମବାର ଆସ୍ଥାଭୋଟର ସମ୍ମୁଖୀନ ହେବେ। କଂଗ୍ରେସ ନେତା ବାଲାସାହେବ ଥୋରାଟ୍ ବାଚସ୍ପତି ପ୍ରାର୍ଥୀ ହେବା ପାଇଁ ମନ ବଳାଇଥିଲେ। କିନ୍ତୁ ପରେ ଅଘାଡ଼ି ନେତା ବିଚାରବିମର୍ଶ କରି ରଞ୍ଜନ ସାଲ୍‌ଭିଙ୍କୁ ପ୍ରାର୍ଥୀ କରିଛନ୍ତି। ଗତବର୍ଷ ଫେବୃୟାରୀରେ ନାନା ପାଟୋଲେଙ୍କୁ ମହାରାଷ୍ଟ୍ର କଂଗ୍ରେସ ସଭାପତି ରୂପେ ନିଯୁକ୍ତ କରାଯିବା ପରେ ସେ ବାଚସ୍ପତି ପଦରୁ ଇସ୍ତଫା ଦେଇଥିଲେ।

ସାରା ବିଶ୍ୱରେ ଏଲ୍‌ଜିବିଟି ବର୍ଗଙ୍କ ପକ୍ଷରୁ 'ପ୍ରାଇଡ୍ ପରେଡ୍' ଆୟୋଜନ ହୋଇଛି। ବ୍ରିଟେନ ରାଜଧାନୀ ଲଣ୍ଡନରେ ୧୯୭୨ ମସିହାରେ ଏଲ୍‌ଜିବିଟିମାନେ ସମ୍ମାନ ସହ ବଞ୍ଚିବା ସୁଯୋଗ ଦାବିରେ ରାସ୍ତାକୁ ଓହ୍ଲାଇଥିଲେ। ଏହାର ୫୦ ବର୍ଷ ପୂର୍ତ୍ତି ଅବସରରେ ପୁଣିଥରେ ଅନୁରୂପ ସମାଗମ ଦେଖିବାକୁ ମିଳିଛି, ଯହିଁରେ ଲକ୍ଷାଧିକ ଏଲ୍‌ଜିବିଟି ଭାଗ ନେଇଥିଲେ। ହାଇଡ୍ ପାର୍କ କର୍ନରରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ହ୍ୱାଇଟ୍‌ହଲ୍ ପ୍ୟାଲେସରେ ସେମାନେ ପହଞ୍ଚିଥିଲେ। କୋଭିଡ୍ ମହାମାରୀ ପରେ ପ୍ରାଇଡ୍ ପରେଡ୍ ଉପରେ କଟକଣା ଜାରି କରାଯାଇଥିଲା। ସଂକ୍ରମଣ କମିବାରୁ ଏହି ଗୋଷ୍ଠୀର ବ୍ୟକ୍ତିମାନେ ହର୍ଷ ଉଲ୍ଲାସରେ ସେଲିବ୍ରେଶନ କରିଛନ୍ତି। ତଥାପି ମଙ୍କିପକ୍ସ ଲକ୍ଷଣ ଥିବା ଲୋକେ ଏଥିରେ ଭାଗ ନିଅନ୍ତୁ ନାହିଁ ବୋଲି ବ୍ରିଟେନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।



## ପରିବାରର ୫ ଜଣଙ୍କ ଆତ୍ମହତ୍ୟା

ଥିରୁଭାନନ୍ତପୁରମ୍,୨।୭

ଅର୍ଥାଭାବ କାରଣରୁ ଥିରୁଭାନନ୍ତପୁରମର ଆଟ୍ଟିଙ୍ଗାଲରେ ଗୋଟିଏ ପରିବାରର ୫ ଜଣ ସଦସ୍ୟ ଆତ୍ମହତ୍ୟା କରିଛନ୍ତି। ମନିକୁଟ୍ଟାନ, ତାଙ୍କ ସ୍ତ୍ରୀ , ଦୁଇ ପିଲାଙ୍କ ସମେତ ତାଙ୍କ ମାଉସୀ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମନିକୁଟ୍ଟାନ ଗଳାରେ ରଶି ଲଗାଇ ଆତ୍ମହତ୍ୟା କରିଥିବାବେଳେ ଅନ୍ୟ ସଦସ୍ୟ ବିଷ ପିଇଥିବା କୁହାଯାଉଛି।

## ଅମୃତା 'ଇଣ୍ଡିଆନ୍ ଅଫ୍ ଦ ୱାର୍ଲ୍ଡ'

### ପୁରସ୍କାର ପାଇଁ ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କଲେ ଫଡ୍‌ନବିସ୍‌ଙ୍କ ସ୍ତ୍ରୀ



ଲଣ୍ଡନ, ୨।୭

ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସଙ୍କ ସ୍ତ୍ରୀ ଅମୃତା ଫଡ୍‌ନବିସଙ୍କୁ ବ୍ରିଟେନ ପାର୍ଲାମେଣ୍ଟରେ 'ଇଣ୍ଡିଆନ୍ ଅଫ୍ ଦ ୱାର୍ଲ୍ଡ' ପୁରସ୍କାର ପ୍ରଦାନ କରାଯାଇଛି। ବ୍ରିଟିଶ ପାର୍ଲାମେଣ୍ଟରେ ଭାରତ-ବ୍ରିଟେନ ସମ୍ପର୍କ ଉପରେ ବକ୍ତବ୍ୟ ରଖିବା ସମ୍ମାନର କଥା ବୋଲି କଥା ବୋଲି ସାମାଜିକକର୍ମୀ ଅମୃତା କହିବା ସହ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଶଂସା କରିଛନ୍ତି। ମୋଦିଙ୍କ ଉଦ୍ୟମ ଯୋଗୁ ଭାରତ-ବ୍ରିଟେନ୍ ସମ୍ପର୍କ ମଜଭୁତ ହୋଇପାରିଛି ବୋଲି ସେ କହିଛନ୍ତି। ଅମୃତା ଜଣେ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହୋଇଥିବାବେଳେ ଅବହେଳିତ ବର୍ଗର ଲୋକଙ୍କୁ ସହାୟତା ପାଇଁ 'ଦିବ୍ୟାଜ୍ ଫାଉଣ୍ଡେଶନ' ନାମରେ ଏକ ଏନ୍‌ଜିଓ ଚଳାଉଛନ୍ତି।

ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତାମାନେ ସେମାନଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ**କୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ ।

| ପୁରୀ ଶାଖା / ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶି ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ ସୂର୍ଯ୍ୟକାନ୍ତ ଦାଶ, ପିତା: ଦୁର୍ଗା ଚରଣ ଦାଶ, ୨) ଶ୍ରୀମତୀ ସବିତା ଦାଶ, ସ୍ୱାମୀ: ଶ୍ରୀ ସୂର୍ଯ୍ୟକାନ୍ତ ଦାଶ, ଉଭୟଙ୍କ ଠିକଣା- ସା/ପୋ.: ଗୋପିନାଥପୁର, ନୂଆସାହି, ପୁରୀ-୭୫୨୦୦୧ | ୩୧.୦୧.୨୦୨୨ ସୁଦ୍ଧା ଟ.୪,୩୧,୫୯୦.୨୦+ ସେବାବଦ ସୁଧ ଏବଂ ଅନ୍ୟାନ୍ୟ ଖର୍ଚ୍ଚ | ୧୦.୦୩.୨୦୨୨ / ୨୮.୦୬.୨୦୨୨ | ଶ୍ରୀ ସୂର୍ଯ୍ୟକାନ୍ତ ଦାଶଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା : ଗୋପିନାଥପୁର ଓରଫ୍ ରାଉତରାପୁର, ଥାନା: ପୁରୀ, ତହସିଲ/ଜିଲ୍ଲା: ପୁରୀ, ଖାତା ନଂ.: ୧୬୫/୭୦୨, ପ୍ଲଟ୍ ନଂ.: ୩୮୦/୧୪୪୩, କ୍ଷେତ୍ର: ଏକର ୦.୦୨.୫ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅର୍ଜୁନ ମଲ୍ଲିକ, ଦକ୍ଷିଣ: ଲୋକନାଥ ମହାପାତ୍ର, ପୂର୍ବ: ଅହଲ୍ୟା ଦେଈ, ପଶ୍ଚିମ: ରାସ୍ତା |

ସ୍ଥାନ: ଭୁବନେଶ୍ୱର
ତାରିଖ : ୦୨.୦୭.୨୦୨୨
କ୍ଷମତାପ୍ରାପ୍ତ ଅଧିକାରୀ
ୟୁକୋ ବ୍ୟାଙ୍କ

**ଅର୍ଥ ସାଜିଛି ବାଧକ ଯକ୍ଷ୍ମା ରୋଗୀ ବ୍ରଜଙ୍କୁ ମିଳୁନି ସରକାରୀ ସହାୟତା**

ଦଶମନ୍ତପୁର, (ଡ଼ି.ଏନ.ଏ.)- ଦଶମନ୍ତପୁର ବ୍ଲକ ସଦର ମହକୁମା ପଞ୍ଚାୟତ ଦଶମନ୍ତପୁର କଂସାରି ସାହିର ବ୍ରଜ କଂସାରୀ ଜଣେ ଯକ୍ଷ୍ମାରୋଗୀ। ଅର୍ଥାଭାବରୁ ଚିକିତ୍ସିତ ହୋଇପାରୁନାହାନ୍ତି। ଶାରୀରିକ ଦୁର୍ବଳତା ଯୋଗୁ ପୂର୍ବ ଭଳି କାମ କରିପାରୁନାହାନ୍ତି। ସ୍ତ୍ରୀ ଦୁଇ ସନ୍ତାନଙ୍କୁ ନେଇ ତାଙ୍କ ପରିବାର। ପ୍ରତେହ ଦିନ ମଜୁରିଆ ଭାବେ ସ୍ତ୍ରୀ କାମ କରନ୍ତି। ସେଥିରୁ ଯାହା ରୋଜଗାର ହୁଏ ସେଥିରେ କଷ୍ଟରେ ପରିବାର ଚଳୁଛି। ୪ବର୍ଷ ହେଲା ଏହି ରୋଗର ଶିକାର ହୋଇଥିବା ବ୍ରଜ ଅନେକ ଥର ପ୍ରଶାସନିକ ଅଧିକାରୀମାନଙ୍କୁ ଜଣାଇ ନିରାଶ ହୋଇଛନ୍ତି। ତାଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ବସ୍ ଧକ୍କାରେ ୨ ଗୋରୁ ମୃତ, ଗୋଟିଏ ଗୁରୁତର

ଏମ୍‌ଭି ୭୯,୨।୭(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ବ୍ଲକ କୁନନପାଲି ଗ୍ରାମ ଛକଠାରେ ଶନିବାର ଭୋର ସମୟରେ ଏକ ବସ୍ ଧକ୍କାରେ ୨ଟି ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋଟିଏ ଗୁରୁତର ହୋଇଛି। ଗୋରୁ ରାସ୍ତାରେ ଶୋଇଥିବା ବେଳେ ହାଇଦ୍ରାବାଦରୁ ଫେରୁଥିବା ଏକ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ୨ଟି ଗୋରୁଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ଗୋଟିଏ ବାଛୁରୀ ଗୁରୁତର ହୋଇଥିଲା। ରାସ୍ତାରେ ଦୀର୍ଘ ସମୟ ଧରି ମୃତ ଗୋରୁ ପଡିରହିଥିବା ଦେଖିବାକୁ ମିଳିଥିଲା। ପ୍ରଶାସନ ପକ୍ଷରୁ କୌଣସି ପକ୍ଷେପ ନିଆଯାଇ ନ ଥିଲା। ତେବେ ଏହି ଗୋରୁଗୁଡିକ କାହାର ତାହା ଜଣାପଡ଼ି ନାହିଁ।

### ଅଜଣା ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଜୟପୁର, ୨।୭ (ନି.ପ୍ର.)-ଅଜଣା ଗାଡ଼ି ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ମୃତକ ହେଉଛନ୍ତି ଜୟନଗରର ସୁବାସ ଚନ୍ଦ୍ର ନାୟକ। ଜୟନଗରର ସହଦେବ ପାଢୀ ଓ ସୁବାସ ଏକ ବାଇକ୍ ଯୋଗେ ଆସୁଥିବା ବେଳେ ବିଷେଇପୁଟ ଛକ ନିକଟରେ ସେମାନଙ୍କୁ ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଏଥିରେ ସୁବାସ(୭୮)ଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ସହଦେବ ଆହତ ହୋଇଛନ୍ତି। ଏନେଇ ସଦର ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଈଶ୍ୱର ତାଣ୍ଡି କହିଛନ୍ତି।

### ବ୍ୟବସାୟୀଙ୍କ ଆତ୍ମହତ୍ୟା


ଦାମନଯୋଡି:୨।୭ (ଡିଏନଏ)- ସୁନାବେଡ଼ା ଥାନା ଅନ୍ତର୍ଗତ ଭେଜାପୁଟର ଜଣେ ବ୍ୟବସାୟୀ ଶୁକ୍ରବାର ସନ୍ଧ୍ୟାରେ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ତାଙ୍କ ନାମ ରଞ୍ଜିତ କୁମାର ସାହୁ (୪୨)। ସେ ଦୀର୍ଘ ବର୍ଷ ଧରି ଭେଜାପୁଟ ବଜାରରେ କ୍ଷୀର,ଦହି, ଛତୁ ଆଦି ବ୍ୟବସାୟ କରି ଆସୁଥିଲେ। ଗତକାଲି ସନ୍ଧ୍ୟାରେ ସେ ନିଜ ଘରେ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡିନାହିଁ। ଶନିବାର ସୁନାବେଡ଼ା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ ପରେ ଶବ ମୃତଦେହ ବ୍ୟବଚ୍ଛେଦ ପାଇଁ କୋରାପୁଟ ପଠାଇଛି। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ବଜ୍ରପାତରେ ୩ ଗୁରୁତର

ପାପଡ଼ାହାଣ୍ଡି,୨।୭,(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକର ପୃଥକ୍ ସ୍ଥାନରେ ଶନିବାର ବଜ୍ରପାତରେ ୩ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପାତ୍ରୀ ପଞ୍ଚାୟତ ଜବାଗୁଡ଼ା ଗ୍ରାମର ରବି ଚନ୍ଦ୍ର ଜାନି(୯), ତୁମ୍ବର୍ଲା ପଞ୍ଚାୟତ ଗୋବର୍ଲା ଗ୍ରାମର ବୁଟି ପୂଜାରୀ ଏବଂ ଦୀର୍ଯ୍ୟ ନାୟକ।ସୂଚନା ଅନୁଯାୟୀ, ବର୍ଷା ଯୋଗୁ ଖାଲୁଆ ଜମିରେ ପାଣି ଜମି ରହିଛି। ରବି ଜମିକୁ ଗାଧୋଇବାକୁ ଯାଇଥିବାବେଳେ ବଜ୍ରପାତରେ ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସେହିପରି ତୁମ୍ବର୍ଲା ପଞ୍ଚାୟତ ଗୋବର୍ଲା ଗ୍ରାମରେ ବୁଟି ଓ ଦୀର୍ଯ୍ୟ ଜମିରେ ଚାଷ କାମ କରୁଥିବାବେଳେ ବର୍ଷା ଯୋଗୁ ଗୋଟିଏ ଛତା ତଳେ ଦୁହେଁ ଛିଡ଼ା ହୋଇଥିଲେ। ଏହି ସମୟରେ ବଜ୍ରପାତ ଯୋଗୁ ଉଭୟେ ଅଚେତ ହୋଇପଡ଼ିଥିଲେ। ସେମାନଙ୍କୁ ମଧ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

### ୬ ଟ୍ରାନ୍ସଫର୍ମର ଚୋର ଗିରଫ

ପାପଡାହାଣ୍ଡି,୨।୭(ଡି.ଏନ.ଏ.)- ରାତାରାତି ଗାଁ ଗାଁ ବୁଲି ଚୋରି ହେଉଥିଲା ବିଦ୍ୟୁତ୍ ଟ୍ରାନ୍ସଫର। ଅନ୍ଧକାରରେ ରାତି କଟାଉଥିଲେ ଗ୍ରାମବାସୀ। ଶେଷରେ ପାପଡାହାଣ୍ଡି ପୋଲିସ ବ୍ଲକର ବିଭିନ୍ନ




ସ୍ଥାନରେ ହୋଇଥିବା ଟ୍ରାନ୍ସଫର୍ମର ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଏଥିରେ ସମ୍ପୃକ୍ତ ୬ ଜଣଙ୍କୁ କଳାହାଣ୍ଡି ଜିଲାର ବିଭିନ୍ନ ସ୍ଥାନରୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ସମସ୍ତେ ଛତିଶଗଡ ଅଞ୍ଚଳର ବୋଲି ଜଣାପଡଛି। ପାପଡାହାଣ୍ଡି ଥାନା ଅଧିକାରୀ ମୀରା ନାୟକଙ୍କ ତତ୍ତ୍ୱାବଧାନରେ ଏହାର ତଦନ୍ତ ଚାଲିଥିଲା। କେସ୍ ନମ୍ବର ୯୭/୨୨। ଅଭିଯୁକ୍ତମାନଙ୍କଠାରୁ ଚୋରି ସାମଗ୍ରୀ ଜବତ ହୋଇଛି।





କୋରାପୁଟ ଶାବର ଶ୍ରୀକ୍ଷେତ୍ର ଓ ଦାମନଯୋଡିରେ ଶ୍ରୀଜୀଉଙ୍କ ମସ୍ୟ ଅବତାର ।

# ଯାତ୍ରାର ଦ୍ୱିତୀୟ ଦିନରେ ଜୟପୁରରେ ଟଣାଗଲା ରଥ

**ଜୟପୁର, ୨।୭( ନି.ପ୍ର.)**

କୋରାପୁଟ ଜିଲା ଜୟପୁର ଐତିହାସିକ ରଥଯାତ୍ରାରେ କଡ଼ା ସୁରକ୍ଷା ବଳୟରେ ଶନିବାର ପାରମ୍ପରିକ ରୀତିରେ ରଥଟଣା ଯାଇଥିଲା। ରାଜ୍ୟରେ ଶୁକ୍ରବାର ରଥଯାତ୍ରାରେ ରଥଟଣା ହୋଇଥିବା ବେଳେ ଜୟପୁରରେ ତା' ପରଦିନ ହୋଇଥାଏ । ଶୁକ୍ରବାର ତିନିଠାକୁର ପହଣ୍ଡିରେ ରଥାରୂଢ଼ ହୋଇଥିଲେ। ଶନିବାର ଅପରାହ୍ଣ ସାଢେ ୩ଟାରେ ରଜାନହରଠାରୁ ରଥଟଣା ଯାଇ ବାଙ୍କମଠାରେ ହୋଇଥିବା ମାଉସୀମା' ଘରେ ପହଞ୍ଚିଛି। ଏଥିପାଇଁ ବାଜା, ଘଣ୍ଟରେ ବଡ଼ଦାଣ୍ଡ ମୁଖରିତ ହୋଇଉଠିଥିଲା। ବାଙ୍କମଠାରେ ତିନିଠାକୁର ଦଶ ଅବତାରରେ ଦଶଦିନ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇ ୬ ପ୍ଲାଟୁନ ପୋଲିସ ସହ ୪୦ ଜଣ ଅଫିସର ମୁତୟନ ହୋଇଥିଲେ। ରଥଟଣା ସମୟରେ ବିଧାୟକ ତାରା ପ୍ରସାଦ ବାହିନୀପତି, ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ତହସିଲଦାର ପ୍ରଧାନ ଚୁଲି ଆମ୍ମା, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳ, ସଦର ଥାନା ଅଧିକାରୀ ଈଶ୍ୱର ତାଣ୍ଡି, ମହିଳା ଥାନା ଅଧିକାରୀ ମମତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।



ଶ୍ରଦ୍ଧାଳୁମାନେ ଗୁଣ୍ଡିଚା ମନ୍ଦିରକୁ ରଥ ଟାଣି ନେଉଛନ୍ତି ।

# ରୋଟାରି କ୍ଲବ ପକ୍ଷରୁ ଜାତୀୟ ଡାକ୍ତର ଦିବସ ପାଳିତ

**ମାଲକାନଗିରି, ୨।୭(ଡି.ଏନ୍.ଏ.)**

ମାଲକାନଗିରି ଜିଲା ରୋଟାରି କ୍ଲବ ପକ୍ଷରୁ ଶୁକ୍ରବାର ଜାତୀୟ ଡାକ୍ତର ଦିବସ ମୁଖ୍ୟ ଡାକ୍ତରଖାନା ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। କ୍ଲବ ସଭାପତି ଏ. ଈଶ୍ୱର ରାଓ ଅଧକ୍ଷତାରେ କରିଥିଲେ। ଏଥିରେ ମୁଖ୍ୟ ଅତିଥି ରୂପେ ଜିଲା ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ,ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଚିକିତ୍ସା ଅଧିକାରୀ ଶିବରାମ ମହାରଣା, ଡ. ସନ୍ତୋଷ ମିଶ୍ର, ଡ. ପ୍ରଫୁଲ୍ଲ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଡ. ନନ୍ଦ ମାଲକାନଗିରି ଜିଲାରେ କୋଭିଡ୍ ମହାମାରୀ ସମୟରେ ଡାକ୍ତରମାନେ କିପରି ନିଜ ଜୀବନକୁ ବିପନ୍ନକରି ରୋଗୀସେବା କରୁଥିଲେ ଏବଂ ଜିଲା ସ୍ୱାସ୍ଥ୍ୟସେବାରେ କିପରି ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡାକ୍ତରମାନଙ୍କ ସେବାକୁ ମନେପକାଇବା ଏବଂ ରୋଗୀ ସେବାରେ ଉତ୍ସାହିତକରି ସେମାନଙ୍କ ମାନସିକ ସ୍ଥିତିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ଦିବସ ଦେଶର ପ୍ରସିଦ୍ଧ ଚିକିତ୍ସକ ଡ. ବିଧାନ ଚନ୍ଦ୍ର ରାୟଙ୍କ ଉଦ୍ଦେଶ୍ୟରେ ପାଳନ କରାଯାଉଛି। ରୋଟାରିଆନ୍ ସୁରେନ୍ଦ୍ର ପାଢ଼ୀ, କ୍ଲବ ସମ୍ପାଦକ ଶ୍ୟାମବାବୁ ଦୋରା, ଲବ ସାହୁ, ଗନୁ ସୋମାନୀ ଉପସ୍ଥିତ ଥିଲେ। ଦୁର୍ଯ୍ୟୋଧନ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଡାକ୍ତର ଓ ଅନ୍ୟମାନେ ।

## ଘର ଉପରେ ଗଛ ପଡି ୨ବଖରା ନଷ୍ଟ

**ପଡିଆ,୨।୭(ଡି.ଏନ.ଏ.)**

କାଲଧାପଲ୍ଲି ପଞ୍ଚାୟତ କମାରଗୁଡା ଗ୍ରାମର ଗ୍ରାମର କେସେ ପଡିଆମୀଙ୍କ ଘର ନିକଟରେ ଥିବା ଏକ ତେନ୍ତୁଳି ଗଛ ଶନିବାର ଅପରାହ୍ଣ ୩ଟାରେ ହଠାତ ଭାଙ୍ଗି ପଡିଥିଲା ଏଥିରେ ପଡିଆମୀଙ୍କ ଦୁଇ ବଖରା ଆଜବେଷ୍ଟ ଘର ସମ୍ପୂର୍ଣ ଭାଙ୍ଗିଯାଇଛି। ସେତେବେଳେ ପରବାର ଲୋକେ କେହି ଘରେ ନ ଥିବାରୁ ଆସନ୍ନ ବିପଦରୁ ସେମାନେ ବର୍ତ୍ତି ଯାଇଛନ୍ତି। ଖବରପାଇ ପଡିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ଘର ଉପରୁ ଗଛଟିକୁ କାଟି ସଫା କରିଥିଲେ। ଅଗ୍ନିଶମ ଅଧିକାରୀ ବୀରେନ୍ଦ୍ର ସିଂ, ପ୍ରକାଶ ନାୟକ, ସୁଶାନ୍ତ ସାହୁ, ଭଗବାନ ଭୂନିଆଁ, ବିନୋଦ ବେହେରା, ପ୍ରଶାନ୍ତ ମାଝୀ ଏଥିରେ ସାମିଲ ହୋଇଥିଲେ। ପଡିଆମୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି।

# ତାରବାଡରେ ବାଇକ୍ ପିଟି ହୋଇ ୨ମୃତ

**ମାଲକାନଗିରି /କୋରୁକୋଣ୍ଡା, ୨।୭(ଡି.ଏନ.ଏ.)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ବାଲିମେଳା-ଜୟପୁର ମୁଖ୍ୟ ରାସ୍ତାର ଚିତପାରି-୩ ଗ୍ରାମ ନିକଟରେ ଶନିବାର ଏକ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଫଳରେ ଏଥିରେ ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କୋରୁକୋଣ୍ଡା ବ୍ଲକ ନାକାମାମୁଡ଼ି ପଞ୍ଚାୟତ ପିପଲପଦର ଗ୍ରାମର ସମରା ଶିଶାଙ୍କ ପୁଅ ଦୀପକ(୧୭) ଓ ଅନମ୍ୟଜରେ ହେଲେ ଚିତ୍ରକୋଣ୍ଡା ବ୍ଲକ ପଣସପୁଟ ପଞ୍ଚାୟତ ଡଙ୍ଗରପଦର ଗ୍ରାମର ବଳଭଦ୍ର ଖିଲଙ୍କ ପୁଅ ଡମ୍ବୁରୁ(୧୬) ପ୍ରକାଶ ଯେ, ଦୀପକ ଓ ଡମ୍ବୁରୁ ଗୋଟିଏ ବାଇକ୍ ଯୋଗେ ଶୁକ୍ରବାର ଚିତପାରି-୩ ଗ୍ରାମ ପଞ୍ଚାୟତର ସଦାଶିବପୁର ଗ୍ରାମକୁ ନିଜ ସମ୍ପର୍କୀୟ ଘରକୁ ଆସିଥିଲେ। ସେଠାରୁ ବିଳମ୍ବିତ ରାତିରେ ବାଲିମେଳା ଆଡକୁ ଆସୁଥିବା ସମୟରେ ଜୟପୁର-ବାଲିମେଳା ମୁଖ୍ୟ ରାସ୍ତା ଚିତପାରି-୩ ଗ୍ରାମ ନିକଟରେ ବାଇକକ ଭାରସ୍ୟମ ହରାଇ ରାସ୍ତା ପାର୍ଶ୍ୱରେ ଥିବା ତାର ବାଡ଼ରେ ପିଟି ହୋଇ ଯାଇଥିଲେ। ଫଳରେ ଉଭୟେ ଗୁରୁତର ହୋଇପଡିଥିଲେ। ଖବର ପାଇ ଓର୍କେଲ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ବାଲିମେଳା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଏ ନେଇ ଓର୍କେଲ ପୋଲିସ ୧୨୪/୨୨ ଏକ ମାମଲା ରୁଜୁ କରି ମୃତଦେହକୁ ଜବତ କରି ମାଲକାନଗିରିକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଏହି ଖବର ପାଇବା ପରେ ମୃତକଙ୍କ ପରିବାର ଲୋକେ ଓ ଗ୍ରାମବାସୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିଥିଲେ।

# ବିବାଦୀୟ କୋଟିଆରେ ଗଡିଲା ରଥ



ରଥଟଣାରେ ସାମିଲ ହୋଇଥିବା ଶ୍ରଦ୍ଧାଳୁ ।

**ପଟ୍ଟାଙ୍ଗୀ,୨।୭(ଡି.ଏନ.ଏ.)**

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ଅନ୍ତର୍ଗତ ତଥା ପଡୋଶୀ ଆନ୍ଧ୍ର ରାଜ୍ୟ ସୀମାକୁ ଲାଗିଥିବା କୋଟିଆ ପଞ୍ଚାୟତରେ ଶନିବାର ପାଳିତ ହୋଇଛି ରଥଯାତ୍ରା। ଶୁକ୍ରବାରଠାରୁ ପହଣ୍ଡିରେ ରଥକୁ ବିଜେ କରି ରଥାରୁଢ ହୋଇଥିଲେ ତିନି ଠାକୁର। ଶାବର ଶ୍ରୀ କ୍ଷେତ୍ର ଜଗନ୍ନାଥ ମନ୍ଦିର ପୂଜକ ପ୍ରଶାନ୍ତ ପଣ୍ଡା, ମୁଖ୍ୟ ପୂଜକ ମୁରୁରି ତାଡିଙ୍ଗି ଶ୍ରୀଜୀଉଙ୍କ ରୀତିନୀତି ସମ୍ପନ୍ନ କରିବା ପରେ ରଥଟଣା ହୋଇଥିଲା। କୋଟିଆ ପଞ୍ଚାୟତ ସଦର ମହକୁମାର ଅଙ୍ଗନୱାଡ଼ି କେନ୍ଦ୍ରରେ ହୋଇଥିବା ଅସ୍ଥାୟୀ ଗୁଣ୍ଡିଚା ମନ୍ଦିରରେ ରଥ ପହଞ୍ଚିଥିଲା। ଏହି ସମୟରେ ଏଡିଏମ ରାମେଶ୍ୱର ପ୍ରଧାନ, ଏଡିଏମ (ରାଜସ୍ୱ) ରାଜେନ୍ଦ୍ର ମାଝୀ ଏବଂ ସୁନାବେଡା ଏସଡିପିଓ ମନୋଜ ବେହେରା, ମନ୍ଦିର କମିଟି ଆବାହକ ଭବାନୀ ଶଙ୍କର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ତଦାରଖ କରିଥିଲେ। ରଥ ଉପରେ ପୂର୍ବତନ ପଞ୍ଚାୟତ ନିର୍ବାହୀ ଅଧିକାରୀ ତିଳକ ଖେମୁଡୁ ଛେରାପହଁରା କରିଥିଲେ। ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ମନ୍ଦିର ପରିଚାଳନା କମିଟି ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ବ୍ଲକ ଅଧକ୍ଷ କଳ୍ପନା ପାଙ୍ଗୀ, ଜୋନ- ୧ ଜିଲା ପରିଷଦ ସଭ୍ୟା ଟିକାଇ ଗେମେଲ, ଜୋନ-୨ ସଭ୍ୟ ଲଇଚନ ଗେମେଲ,ବିଡ଼ିଓ ସୌମ୍ୟ ସାର୍ଥକ ମିଶ୍ର, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ , କୋଟିଆ ଥାନା ଅଧିକାରୀ ଅଶ୍ୱିନୀ ପଟ୍ଟନାୟକ, ଏପିଓ ସୌମେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରଥଟଣା ବେଳେ ଉପସ୍ଥିତ ଥିଲେ।

# ଗ୍ରାମବାସୀଙ୍କ ନାଲକୋ ଖଣି ରାସ୍ତା ଅବରୋଧ

**ଦାମନଯୋଡି,୨।୭( ଡି.ଏନ.ଏ.)**

କୋରାପୁଟ ବ୍ଲକ ଲିଟିଗୁଡା ପଞ୍ଚାୟତ ଅନ୍ତର୍ଗତ କାରଡିଗୁଡା ଗ୍ରାମବାସୀ ଶନିବାର ମିଳିତ ଭାବେ ନାଲକୋ ଖଣି ରାସ୍ତା ଅବରୋଧ କରିଥିବା ଜଣାପଡିଛି। ପଞ୍ଚପଟ୍ଟମାଳି ପାହାଡ଼ରୁ ଏକ ଝରଣା ବୋହି କାରିଡିଗୁଡା ଗ୍ରାମକୁ ଯାଉଛି। ଏହି ଝରଣା ପାଣି ଉପରେ ଗ୍ରାମବାସୀ ନିର୍ଭର କରନ୍ତି। ବର୍ତ୍ତମାନ ମୈତ୍ରୀ କମ୍ପାନୀ ନାଲକୋର ଖଣି ଖନନ କାମ ଆରମ୍ଭ କରିବା ଦ୍ୱାରା ଝରଣାରେ ମାଟି ପାଣି ବୋହିଥିଲା। ଫଳରେ ଗ୍ରାମବାସୀ ପାଣି ବ୍ୟବହାର କରିପାରିଲେ ନାହିଁ। ଏହାର ପ୍ରତିବାଦରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ନାଲକୋ ଅଧିକାରୀ, ପୋଲିସ ପ୍ରଶାସନ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିଥିଲେ। ରବିବାରଠାରୁ ଆଉ ଝରଣାରେ ମାଟି ପାଣି ନ ଆସିବା ନେଇ ବ୍ୟବସ୍ଥା କରାଯିବା ବୋଲି ପ୍ରତଶ୍ରୁତି ମିଳିବା ପରେ ରାସ୍ତା ଅବରୋଧ ହଟିଥିଲା।

## ସ୍କୁଲରୁ ଶିକ୍ଷା ଉପକରଣ ଚୋରି

**ତେନ୍ତୁଲିଖୁଣ୍ଟି,୨।୭(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ଖାତିଗୁଡ଼ା ସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟରୁ ଶୁକ୍ରବାର ରାତିରେ ଚୋରି ହୋଇଛି। ବିଦ୍ୟାଳୟର କମ୍ପ୍ୟୁଟର ରୁମ୍‌ରୁ ପ୍ରିଣ୍ଟର ଏବଂ ଆମ୍ପ୍ଲିଫାୟର ଚୋରି ହୋଇଥିବା ଖାତିଗୁଡ଼ା ଥାନାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିଯୋଗ କରିଛନ୍ତି। ଥାନା ଅଧିକାରୀ ପ୍ରମୋଦ ନାୟକ ତଦନ୍ତ ଚଳାଇଛନ୍ତି। ଅଭିଯୁକ୍ତଙ୍କୁ ଶୀଘ୍ର ଧରାଯିବ ବୋଲି ସେ କହିଛନ୍ତି।

# ସଡ଼କ ଦୁର୍ଘଟଣାରେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ

**ନନ୍ଦାହାଣ୍ଡି/ତେନ୍ତୁଲିଖୁଣ୍ଟି୨।୭,(ଡି.ଏନ.ଏ.)**

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅନ୍ତର୍ଗତ କେଶରୀଗୁଡ଼ା-ପଡାଲଗୁଡ଼ା ମଧ୍ୟବର୍ତ୍ତି ରାସ୍ତାରେ ସଡ଼କ ଦୁର୍ଘଟଣାରେ ଶନିବାର ଜଣେ ପୋଲିସ କର୍ମଚାରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରେନ୍ତୁଲିଖୁଣ୍ଟି ବ୍ଲକ ପୁଜାରିଗୁଡ଼ା ଗ୍ରାମର ଭଗବାନ ଭତରା(୫୩)। ସେ ତେନ୍ତୁଲିଖୁଣ୍ଟି ଥାନାରେ ହାବିଲଦାର ରୂପେ କାର୍ଯ୍ୟ କରୁଥିଲେ। କିଛିଦିନ ତଳେ ତାଙ୍କର କୋରାପୁଟ ଜିଲା ମୁଖ୍ୟାଳୟକୁ ବଦଳି ହୋଇଛି।

ଘଟଣାରୁ ପ୍ରକାଶ, ବାବୁଲି ଟ୍ରାଭେଲ୍ସ ନାମକ ଘରୋଇ ଯାତ୍ରୀବାହି ବସ୍( ଓଡି ୨୪ ୧୫୮୫) ଅପରାହ୍ଣ ସାଢ଼େ ୩ଟାବେଳେ ନବରଙ୍ଗପୁରରୁ ଇନ୍ଦ୍ରାବତୀ ଯାଉଥିଲା। ଭଗବାନ ଏହି ସମୟରେ ନିଜ କାମରେ ବାଇକ୍ ଯୋଗେ ନବରଙ୍ଗପୁର ଯାଉଥିବାବେଳେ କେଶରୀଗୁଡ଼ା-ପଡାଲଗୁଡ଼ା ରାସ୍ତାରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଭଗବାନ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ପାଇଁ ଯୋଗାଯୋଗ କରି ବିଫଳ ହେବା ପରେ ଏକ କାର୍ ଯୋଗେ ଗୁରୁତର ଭଗବାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଭଗବାନଙ୍କୁ କୋରାପୁଟ ଜିଲା ମୁଖ୍ୟାଳୟକୁ ବଦଳି ହୋଇଥିଲା। କାର୍ଯ୍ୟାଳୟ ରେ ବଦଳି ହୋଇଥିବା ବେଳେ ମୃତ୍ୟୁ ବେଳକୁ ୫୩ ବର୍ଷ ହୋଇଥିଲା । ନିଜ ଘର ତେନ୍ତୁଲିଖୁଣ୍ଟି ବ୍ଲକ ପୂଜାରୀ ଗୁଡ଼ା ବୋଲି ଜଣାପଡିଛି।

# ଟ୍ରକ୍ ଧକ୍କାରେ ଡଙ୍ଗରିଆ ଯୁବକ ମୃତ

**ବିଷମକଟକ,୨।୭(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ବିଷମକଟକ ଥାନା ଅଧୀନ ଚାଙ୍ଗରାଗୁଡ଼ା ପଞ୍ଚାୟତ ଛକ ନିକଟରେ ଶନିବାର ଏକ ଟ୍ରକ୍-ବାଇକ୍ ମଧ୍ୟରେ ମୁହାଁମୁହିଁ ଦୁର୍ଘଟଣାରେ ଜଣେ ଡଙ୍ଗରିଆ ଯୁବକଙ୍କ ମୃତ୍ୟୁ ଘଟିବା ସହ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଡାଲିଆକୁଜି ପଞ୍ଚାୟତ କଡିଗୁମ ଗ୍ରାମର ଆଦି ନିସିକାଙ୍କ ପୁଅ ବସ୍କ ନିସିକା(୨୨)। ଗୁରୁତର ଯୁବକ ହେଲେ ଚାଙ୍ଗରାଗୁଡ଼ା ପଞ୍ଚାୟତ କେରାଣ୍ଡିଗୁଡ଼ା ଗାଁର କୃଷ୍ଣ କୁଶୁଲ୍ୟା(୩୦)। ଘଟଣାରୁ ପ୍ରକାଶ, ବସ୍କ ବାଇକ୍(ଓଡି-୧୮ ଏଚ୍ ୧୩୩୭)ଯୋଗେ ଯାତ୍ରା ଦେଖିବା ପାଇଁ ବିଷମକଟକ ଅଭିମୁଖେ ଯାଇ ଘରକୁ ଫେରୁଥିଲେ। ଏହି ସମୟରେ ଏକ ଟ୍ରକ୍ ତାଙ୍କୁ ଚାଙ୍ଗରାଗୁଡ଼ା ନିକଟରେ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଗୁରୁତର କୃଷ୍ଣଙ୍କ ବିଷମକଟକ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସା ଚାଲିଛି। ବିଷମକଟକ ଥାନା ପୋଲିସ ପହଞ୍ଚି ବସ୍କଙ୍କ ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି। ସେହିପରି ସମସ୍ତ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରାଯାଉଛି।

## ଜିଲାରେ ଲଘୁଚାପ ବର୍ଷା ଜାରି

**କୋରାପୁଟ,୨।୭(ସ୍ୱ.ପ୍ର.)**

କୋରାପୁଟ ଜିଲାରେ ଲଘୁଚାପଜନିତ ଝିପି ଝିପି ବର୍ଷା ଜାରି ରହିଛି। ତେବେ ଶନିବାର ଜିଲାରେ ୧୪୫ ମିମି ବର୍ଷା ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ କୁହାଯାଇଛି। ସେହିପରି ଜିଲାର ତେଲେଙ୍ଗିର ଜଳ ଭଣ୍ଡାରରେ ବର୍ତ୍ତମାନ ଜଳସ୍ତର ୬୨୩ .୧୦ ମିଟର ଥିବାବେଳେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୬୨୯.୭୪ ମିଟର ରହିଛି।

# ନୀଳାଦ୍ରି ଭାଜପା ଯୁବମୋର୍ଚ୍ଚାର ନୂତନ ସଭାପତି

**ରାୟଗଡ଼ା ଅଫିସ,୨।୭**

ରାୟଗଡ଼ା ଜିଲା ଭାଜପା ଯୁବମୋର୍ଚ୍ଚାର ନୂତନ ସଭାପତି ରୂପେ ନୀଳାଦ୍ରି ବିହାରୀ ପାତ୍ରଙ୍କୁ ଚୟନ କରାଯାଇଛି। ରାଜ୍ୟ ସଭାପତି, ସଙ୍ଗଠନର ସମ୍ପାଦକ ମାନସ ମହାନ୍ତିଙ୍କ ସହ ଆଲୋଚନା ପରେ ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଇରାସିସ୍ ଆଚାର୍ଯ୍ୟଙ୍କ ଅନୁମୋଦନକ୍ରମେ ନୀଳାଦ୍ରିଙ୍କୁ ଏହି ଦାୟିତ୍ୱ ଦିଆଯାଇଥିବା ରାୟଗଡ଼ା ଜିଲା ଭାଜପା ସଭାପତିଶିବ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏଥିପୂର୍ବରୁ ଶ୍ୟାମ କୁମାର ଦାସ ଯୁବମୋର୍ଚ୍ଚା ସଭାପତି ଥିଲେ। ନୂତନ ସଭାପତିଙ୍କ ନେତୃତ୍ୱରେ ଯୁବମୋର୍ଚ୍ଚା ଅଧିକ ସୁଦୃଢ଼ ହେବ ବୋଲି ଦଳ ଆଶା ରଖିଥିବା କୁହାଯାଇଛି। ନୂତନ ସଭାପତିଙ୍କୁ ଦଳୀୟ କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି। ୬ ତାରିଖରେ କାଶିପୁର ବ୍ଲକରେ ଦଳର କାର୍ଯ୍ୟକାରିଣୀ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି ।



ରାୟଗଡ଼ାଠାରେ ଶ୍ରୀଜୀଉଙ୍କ ମସ୍ୟ ଅବତାର ।



ବିଷମକଟକଠାରେ ତିନିଠାକୁରଙ୍କୁ କଚ୍ଛପ ବେଶ ।



ନବରଙ୍ଗପୁର ଜିଲା ଉମରକୋଟଠାରେ କଚ୍ଛପ ଅବତାରରେ ଶ୍ରୀ ଜୀଉ ।

# ପୌର କାର୍ଯ୍ୟାଳୟରେ ଯୋଗଦେଲେ ମୁଖ୍ୟ ସହାୟକ

**ଉମରକୋଟ,୨।୭(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଉମରକୋଟ ପୌର କାର୍ଯ୍ୟାଳୟରେ ମୁଖ୍ୟ ସହାୟକ ରୂପେ କେ. ନାଗେଶ୍ୱର ରାଓ ଦାୟିତ୍ୱ ଗ୍ରହଣ କରିଛନ୍ତି। ଦୀର୍ଘଦିନ ହେଲା ଏହି ପଦବୀ ଖାଲି ପଡ଼ିଥିଲା। ଫଳରେ ଅଫିସ କାର୍ଯ୍ୟ ସମ୍ପାଦନରେ ସମସ୍ୟା ହେଉଥିଲା। ନୂତନ ମୁଖ୍ୟ ସହାୟକ ଯୋଗଦେବାପରେ ଅଫିସ କାର୍ଯ୍ୟ ସୁଚାରୁ ରୂପେ ଚାଲିବ ବୋଲି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝି କହିଛନ୍ତି। ନାଗେଶ୍ୱର ଏଥିପୂର୍ବରୁ ନବରଙ୍ଗପୁର ପୌର କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ଦୀର୍ଘ ୨୫ ବର୍ଷ ଧରି ନବରଙ୍ଗପୁରରେ କାର୍ଯ୍ୟକରି ସେ ନିଜ କାର୍ଯ୍ୟଦକ୍ଷତା ପାଇଁ ପରିଚିତ ଥିଲେ। ଉମରକୋଟ ପୌର କାର୍ଯ୍ୟାଳୟରେ ମୁଖ୍ୟ ସହାୟକ ପଦବୀ ପୂରଣ ହେବାପରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଖୁସିବ୍ୟକ୍ତ କରିଛନ୍ତି।



# ଦୁର୍ବଳ ମୌସୁମୀ, ଚିନ୍ତାରେ ଧାନ ଚାଷୀ

**ନବରଙ୍ଗପୁର,୨।୭(ବି.ପ୍ର.)-**

ଚଳିତ ବର୍ଷ ଦୁର୍ବଳ ମୌସୁମୀ ଓ ବର୍ଷାର ଅଭାବ ଯୋଗୁ ନବରଙ୍ଗପୁର ଜିଲାରେ ଧାନ ଚାଷ କାର୍ଯ୍ୟ ଆଗେଇ ପାରୁନି। ଚାଷୀ ତଳି ପକାଇ ବର୍ଷାକୁ ଚାହିଁ ବସିଛନ୍ତି। ପୂର୍ବ ବର୍ଷ ତୁଳନାରେ ଜୁନ୍ ମାସ ସୁଦ୍ଧା ଯେତିକି ବର୍ଷା ହେବା ଆବଶ୍ୟକ ଚଳିତ ବର୍ଷ ସେହି ଅନୁପାତରେ ବର୍ଷା ହୋଇନାହିଁ। ଜୁନ୍ ଶେଷ ସପ୍ତାହରେ ଜିଲାରେ ରୁଆ ବେଉଷା କାର୍ଯ୍ୟ ଚାଲୁଥିବାବେଳେ ଚଳିତ ବର୍ଷ ତାହା ଦେଖିବାକୁ ମିଳୁନାହିଁ। ଅଣ ଜଳସେଚିତ ଜିଲାରେ ବର୍ଷାର ଅଭାବ ରହିଲେ ଚାଷୀଙ୍କ ଆର୍ଥିକ ସ୍ଥିତି ଉପରେ ଚାପ ନିଶ୍ଚୟ ପଡ଼ିବ।

ଜୁନ୍ ସୁଦ୍ଧା ୨୦୧୯ରେ ୨୧୬ ମି.ମି., ୨୦୨୦ରେ ୨୧୪ ମି.ମି., ୨୦୨୦ରେ ୨୧୦ ମି.ମି. ଏବଂ ୨୦୨୨ରେ ଜୁନ୍ ସୁଦ୍ଧା ୧୩୨ ମି.ମି. ବର୍ଷା ହୋଇଛି। ଏହିଅନୁପାତକୁ ଆଧାର କଲେ ନବରଙ୍ଗପୁର ଜିଲାରେ ଚଳିତ ବର୍ଷ ଅତିକମ୍ ହୋଇଛି। ଜମି ଗୁଡ଼ିକ ଭିଜା ଅବସ୍ଥାରେ ରହିଥିବାବେଳେ କାଦୁଅ ହୋଇ ପାରୁନାହିଁ। ଧାନ ରୁଆ ଓ ବେଉଷା ପାଇଁ ଜମିରେ ଅନ୍ୟୁନ ଦୁଇ ଇଞ୍ଚ ପାଣି ଆବଶ୍ୟକ। ତେବେ ମକା, ଆଖୁ, ପରିବା, ମାଣ୍ଡିଆ, ଡାଲି ଓ ତୈଳ ଜାତୀୟ ଚାଷ ପାଇଁ ପାଣିପାଗ ଅନୁକୂଳ ରହିଛି । ବିଶେଷକରି

**ପୂର୍ବ ବର୍ଷ ଅପେକ୍ଷା ହୋଇଛି କମ୍ ବର୍ଷା**

ଏବେ ଧାନଚାଷୀ ଚିନ୍ତାରେ ରହିଛନ୍ତି। ଜିଲାରେ ଚଳିତ ବର୍ଷ ଧାନ, ମକା, ଆଖୁ, ଡାଲି ଓ ତୈଳ ଜାତୀୟ , ମାଣ୍ଡିଆ , ପରିବା ଓ ଅନ୍ୟାନ୍ୟ କିସମକୁ ନେଇ ୨ ଲକ୍ଷ ୧ ହଜାର ୪୨୧ ହେକ୍ଟର ଜମିରେ ଖରିଫ ଚାଷ ହେବ । ତେବେ ଅଣଧାନ ଚାଷ ବୃଦ୍ଧି କରାଯିବାକୁ ସରକାର ପକ୍ଷରୁ ନିର୍ଦ୍ଦେଶ ରହିଥିବା ସୂଚନା ମିଳିଛି । ଚଳିତ ବର୍ଷ ଧାନ ୯୫ ହଜାର ହେକ୍ଟର, ଡାଲି ଜାତୀୟ ୧୧ହଜାର ୫୦୦, ତୈଳ ଜାତୀୟ ୧ ହଜାର, ପରିବା ୧୬ ହଜାର ୮୬୪, ଆଖୁ ୫ହଜାର ହେକ୍ଟର ଜମିରେ ଚାଷ କରାଯିବ। ମିଲେଟ ମିଶନ ମାଧ୍ୟମରେ ନବରଙ୍ଗପୁର, ପାପଡ଼ାହାଣ୍ଡି ,କୋଷାଗୁମୁଡ଼ା, ଉମରକୋଟ ଓ ଝରିଗାଁରେ ଗତ ବର୍ଷ ମାଣ୍ଡିଆ ଚାଷ ପାଇଁ ପ୍ରୋସାହିତ କରାଯାଇଥିଲା। ଚଳିତ ବର୍ଷ ନନ୍ଦାହାଣ୍ଡି, ତେନ୍ତୁଲିଖୁଣ୍ଟି, ଡାବୁଗାଁ ଓ ରାଇଘର ବ୍ଲକରେ ମଧ ମାଣ୍ଡିଆ ଚାଷ କରାଯିବ। ଗତ ବର୍ଷ ୨ ହଜାର ୩୬୯ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରାଯାଇଥିବାବେଳେ ଚଳିତ ବର୍ଷ କିନ୍ତୁ କୌଣସି ଟାର୍ଗେଟ ଆସିନାହିଁ।

# ମୋ ସରକାର ଭାଙ୍ଗିକି ଦେଖାଅ

## କେନ୍ଦ୍ରକୁ କେସିଆର୍‌ଙ୍କ ଖୋଲା ଚ୍ୟାଲେଞ୍ଜ

ହାଇଦ୍ରାବାଦ,୨।୭

ହାଇଦ୍ରାବାଦରେ କେନ୍ଦ୍ରମନ୍ତ୍ରୀମାନେ ଡେରା ପକାଇଛନ୍ତି। ସେମାନେ କହୁଛନ୍ତି, ମହାରାଷ୍ଟ୍ର ପରେ ଏବେ ତେଲଙ୍ଗାନା ପାଳି। ଠିକ୍ ଅଛି, ଆମ ସରକାର ଭାଙ୍ଗିକି ଦେଖାନ୍ତୁ। ମୁଁ ମଧ୍ୟ ଅପେକ୍ଷା କରିଛି। ତୁମେ ମୋ ସରକାର ଭାଙ୍ଗିଲେ ମୁଁ ମୁକ୍ତ ହୋଇଯିବି ଏବଂ ଦିଲ୍ଲୀରେ ତୁମ ସରକାର ଭାଙ୍ଗିଦେବି ବୋଲି ଶନିବାର ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) କେନ୍ଦ୍ର ସରକାରଙ୍କୁ ଖୋଲା ଚ୍ୟାଲେଞ୍ଜ କରିଛନ୍ତି। 'ଏବେ ତୁମ ପାଳି' ବୋଲି ବେଙ୍ଗାଲୁରୁର ଭାଜପା ଏମ୍‌ପି ତେଜସ୍ୱୀ ସୂର୍ଯ୍ୟାଙ୍କ ଟୁଇଟ୍‌ର ଜବାବରେ କେସିଆର୍ ଏପରି ମନ୍ତବ୍ୟ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାଜପାର ଜାତୀୟ କାର୍ଯ୍ୟକାରିଣୀରେ ଯୋଗଦେବା ପାଇଁ ଶନିବାର ହାଇଦ୍ରାବାଦ ଗସ୍ତରେ ଥିବାବେଳେ କେସିଆର୍ ତାଙ୍କୁ ବେଗମ୍‌ପେଟ୍ ବିମାନବନ୍ଦରକୁ ସ୍ୱାଗତ କରିବାକୁ ଯାଇ ନାହାନ୍ତି। ଅନ୍ୟପକ୍ଷେ ବିରୋଧୀ ଦଳଗୁଡ଼ିକର ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ହାଇଦ୍ରାବାଦ ଏୟାରପୋର୍ଟରୁ କେସିଆର୍ ପାଛୋଟି ନେଇଥିଲେ। ଯଶୱନ୍ତଙ୍କ ପାଇଁ ଟିଆର୍‌ଏସ୍ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କେସିଆର୍ କହିଥିଲେ, ସଙ୍କଟ ହିଁ ବିପ୍ଳବ ପାଇଁ ବାଟ ଦେଖାଇଥାଏ। ତେଲଙ୍ଗାନାବାସୀ ନିଜ ପରିଚୟ ପାଇଁ ୬୦ ବର୍ଷ ଲଢ଼େଇ କରିଛନ୍ତି। ଆବଶ୍ୟକ ହେଲେ ଆମେ ଆଉ ଗୋଟିଏ ଯୁଦ୍ଧ ଲଢ଼ିବୁ। ଆମ ବିଧାନସଭାରେ ୧୧୯ ଆସନ ରହିଛି। ଟିଆର୍‌ଏସ୍ ଏବଂ ସହଯୋଗୀ ଦଳଗୁଡ଼ିକର ତିନି–ଚତୁର୍ଥାଂଶ ସଂଖ୍ୟାଗରିଷ୍ଠତା ଅଛି। ଆମ ସଂଖ୍ୟା ବଢ଼ିଚାଲିଛି। ଟିଆର୍‌ଏସ୍‌ର ୧୦୩ ବିଧାୟକ ଥିବାବେଳେ ସହଯୋଗୀ ଦଳର ୭ ଏମ୍‌ଏଲ୍‌ଏ ଅଛନ୍ତି। ଦମ୍ଭ ଥିଲେ ଆମ ସରକାର ଭାଙ୍ଗିକି ଦେଖାଅ ବୋଲି କେସିଆର୍ କହିଛନ୍ତି। ଏହାର ଜବାବରେ କେନ୍ଦ୍ରମନ୍ତ୍ରୀ ଜି. କିଷନ ରେଡ୍ଡୀ କହିଥିଲେ, ସେମାନଙ୍କ ସରକାର ଭାଙ୍ଗିଯିବ ବୋଲି ଟିଆର୍‌ଏସ୍ ଭୟଭୀତ। ମୁଖ୍ୟମନ୍ତ୍ରୀଙ୍କ ପୁଅ ମୁଖ୍ୟମନ୍ତ୍ରୀ ହୋଇପାରିଲେ ନାହିଁ। ଭାଜପାର ଶକ୍ତି ବଢ଼ୁଛି। ଏଥିପାଇଁ କେସିଆର୍ ହତାଶ ହୋଇ ଏପରି ମନ୍ତବ୍ୟ ଦେଉଛନ୍ତି।



ହାଇଦ୍ରାବାଦରେ ଟିଆର୍‌ଏସ୍ ପକ୍ଷରୁ ବିରୋଧୀଙ୍କ ରାଷ୍ଟ୍ରପତି ପ୍ରାର୍ଥୀ ଯଶୱନ୍ତ ସିହ୍ନାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ।

# ଚାଷୀ, ବେକାରି ସମସ୍ୟା: କଂଗ୍ରେସ

ଭୁବନେଶ୍ୱର,୨।୭(ବ୍ୟୁରୋ)

ବିଧାନସଭା ମୌସୁମୀ ଅଧିବେଶନ ଶନିବାରଠାରୁ ଆରମ୍ଭ ହୋଇଥିବା ବେଳେ କଂଗ୍ରେସ ବିଧାୟକ ଦଳ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏଥିରେ କେଉଁ ସବୁ ପ୍ରସଙ୍ଗକୁ ନେଇ ଦଳର ବିଧାୟକମାନେ ସରକାରଙ୍କୁ ଘେରିବେ ସେନେଇ ବିଧିବଦ୍ଧ ଭାବେ ଆଲୋଚନା କରିଛନ୍ତି। ମୁଖ୍ୟତଃ ଚାଷୀ ଓ ବେକାରି ସମସ୍ୟା କଥା ଉଠାଇ ବିଧାୟକମାନେ ଗୃହରେ ସରକାରଙ୍କୁ ଟାର୍ଗେଟ କରିବେ ବୋଲି ସ୍ଥିର କରିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ସମେତ ଅନ୍ୟ ବିଧାୟକମାନେ ଉପସ୍ଥିତ ଥିଲେ। ତେବେ ବୈଠକ ପରେ ବିଧାୟକ ସନ୍ତୋଷ ସିଂ ସାଲୁଜା କହିଛନ୍ତି, ରବିଧାନ ଉଠାଇବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଫଳରେ ଚାଷୀମାନେ ଧାନ ବିକ୍ରି କରିପାରିନାହାନ୍ତି। ଚାଷୀଙ୍କୁ ଖରିଫ ଚାଷ ବୀମା ରାଶି ମଧ୍ୟ ଏପର୍ଯ୍ୟନ୍ତ ମିଳିପାରି ନାହିଁ। ପ୍ରତିଦିନ ରାଜ୍ୟରେ ଏକାଧିକ ଆପରାଧିକ ଘଟଣା ସାମ୍ନାକୁ ଆସିବାରେ ଲାଗିଛି। ମମିତା ମେହେର ଘଟଣାର ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କୁ ଜାମିନ ମିଳିବା ସବୁଠାରୁ ଆଶ୍ଚର୍ଯ୍ୟଜନକ ଘଟଣା ।

# ବିଜୁଳି, ଚାଷ ସମସ୍ୟାକୁ ପ୍ରସଙ୍ଗ କରିବ ଭାଜପା

## ବିଧାୟକ ଦଳ ବୈଠକ

ଭୁବନେଶ୍ୱର,୨।୭(ବ୍ୟୁରୋ): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅଣାୟତ୍ତ। ଚାଷ, ବିଜୁଳି ସମସ୍ୟା, ଜଳସେଚନ, ହାତୀ ମୃତ୍ୟୁ, ବେକାରି, ଦାଦନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସମସ୍ୟା କଥା କହିଲେ ନ ସରେ। ଶିଶୁ ମୃତ୍ୟୁହାର ରୋକିବା ସମେତ ରାଜ୍ୟ ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଛନ୍ତ। ଦାରିଦ୍ର୍ୟ କ୍ଷେତ୍ରରେ ଓଡ଼ିଶା ୩ୟ ନମ୍ବରରେ ରହିଛି। ହେଲେ ୨୨ ବର୍ଷ ଶାସନରେ ରହି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଭଣ୍ଡାଇ ଚାଲିଛନ୍ତି ବୋଲି ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ମୌସୁମୀ ଅଧିବେଶନ ଶନିବାର ଠାରୁ ଆରମ୍ଭ ହୋଇଥିବା ବେଳେ ଭାଜପା ବିଧାୟକ ଦଳ ବୈଠକ ମୋହନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ଏଥିରେ ସରକାରଙ୍କ ବିଭିନ୍ନ ପ୍ରସଙ୍ଗର ବିଫଳତା ନେଇ ଭାଜପା ଆଲୋଚନା କରିଛି। ବୈଠକରେ ଆଲୋଚନା ଅନୁସାରେ ମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତରେ ଯାଇ ପୁଞ୍ଜିର ବିକାଶ କରିବେ ବୋଲି ରାଜ୍ୟବାସୀଙ୍କୁ ଯେଉଁ କାହାଣୀ ଶୁଣାଇଛନ୍ତି ତାହାକୁ ନେଇ ବିଧାନସଭାରେ ପ୍ରଶ୍ନ ଉଠାଯିବ।

# ବିରୋଧୀଙ୍କୁ ମୁକାବିଲା ପାଇଁ ସରକାର ପ୍ରସ୍ତୁତ

ଭୁବନେଶ୍ୱର,୨।୭(ବ୍ୟୁରୋ): ବିଧାନସଭାରେ ବିରୋଧୀ ଦଳ ଭାଜପା ଓ କଂଗ୍ରେସ ପକ୍ଷରୁ ଯେଉଁ ପ୍ରସଙ୍ଗ ଉଠାଯିବ, ତାହା ଉପରେ ଆଲୋଚନା କରିବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବାବେଳେ ବିଜେଡିର ବିଧାୟକ ଦଳ ବୈଠକ ବସି ରଣନୀତି ଚୂଡ଼ାନ୍ତ ହୋଇଛି। ବିଧାନସଭାର ୫୪ ନଂ. ପ୍ରକୋଷ୍ଠରେ ଅନୁଷ୍ଠିତ ବିଜେଡି ବିଧାୟକ ଦଳ ବୈଠକରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ବିଧାନସଭାରେ ପୂର୍ଣ୍ଣାଙ୍ଗ ବଜେଟ୍ ଆଗତ ହେଉଥିବାରୁ ସମସ୍ତ ବିଧାୟକଙ୍କ ସହଯୋଗ ଲୋଡ଼ାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ବିଦେଶ ଗସ୍ତ ଓ ପୁଞ୍ଜିପତିଙ୍କ ସହ ବୈଠକକୁ ନେଇ ଆଲୋଚନା ହୋଇଥିଲା। ବୈଠକ ପରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ କହିଛନ୍ତି, ବିଧାନସଭା ପରିଚାଳନା ପାଇଁ ସବୁଥର ଭଳି ରଣନୀତି ପ୍ରସ୍ତୁତ କରାଯାଇଛି। କେନ୍ଦ୍ର ଅବହେଳା ସବୁବେଳେ ରହିଆସିଛି। ଯେତେ କହିଲେ ବି କେନ୍ଦ୍ର ଶୁଣୁନି। ଏ ପ୍ରସଙ୍ଗ ଗୃହରେ ବାରମ୍ବାର ଉଠାଯାଇଛି। ଏଥର ବି ଉଠିବ। ବିରୋଧୀ ଦଳ ଯେକୌଣସି ପ୍ରସଙ୍ଗ ଉଠାଇଲେ ବି ତାକୁ ସମ୍ମୁଖୀନ ହେବାକୁ ଏବଂ ପ୍ରଶ୍ନର ଉତ୍ତର ଦେବାକୁ ଆମେ ପ୍ରସ୍ତୁତ ଅଛୁ। ଏହି ବୈଠକରେ ବିଜେଡିର ପ୍ରାୟ ସମସ୍ତ ବିଧାୟକ ସାମିଲ ହୋଇଥିଲେ।

# ଉତ୍ତର ପରେ ଦକ୍ଷିଣକୁ ନଜର

## ହାଇଦ୍ରାବାଦରେ ଭାଜପାର ଜାତୀୟ କାର୍ଯ୍ୟକାରିଣୀ

ହାଇଦ୍ରାବାଦ,୨।୭

୨୦୨୩ରେ ତେଲଙ୍ଗାନା ବିଧାନସଭା ଭୋଟ ଓ ଏହାର ବର୍ଷକ ପରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ। ଉତ୍ତର ଭାରତୀୟ ରାଜ୍ୟଗୁଡ଼ିକରେ ଭାଜପା କ୍ଷମତାସୀନ ଥିବାବେଳେ ଦକ୍ଷିଣ ଭାରତରେ କର୍ଣ୍ଣାଟକକୁ ଛାଡ଼ିଦେଲେ ଅନ୍ୟ କୌଣସି ରାଜ୍ୟରେ ସରକାର ଗଢ଼ିବା ଦିଗରେ ଆଗକୁ ବଢ଼ିପାରି ନାହିଁ। ଏଥିପାଇଁ ତେଲଙ୍ଗାନା ରାଜଧାନୀ ହାଇଦ୍ରାବାଦରେ ଦୀର୍ଘ ୧୮ ବର୍ଷ ପରେ ଏହାର ଜାତୀୟ କାର୍ଯ୍ୟକାରିଣୀ ବୈଠକ ଆୟୋଜନ କରିଛି ଗୈରିକ ଦଳ। କେବଳ ତେଲଙ୍ଗାନା ନୁହେଁ ଆନ୍ଧ୍ର ପ୍ରଦେଶ, କେରଳ ଓ ତାମିଲନାଡୁରେ ମଧ୍ୟ ସାଙ୍ଗଠନିକ ସ୍ଥିତି ମଜଭୁତ କରିବା ପାଇଁ ଭାଜପା ନିର୍ବାଚନୀ ଚକ୍ରବ୍ୟୂହ ରଚିବାକୁ ପ୍ରସ୍ତୁତି ଚଳାଇଛି। ଏହାକୁ ମୋଦିଙ୍କ ମିଶନ ସାଉଥ୍ ଆଖ୍ୟା ଦିଆଯାଇଛି। ହାଇଦ୍ରାବାଦର ଇଣ୍ଟର ନ୍ୟାଶନାଲ କନ୍‌ଭେନ୍‌ଶନ ସେଣ୍ଟରରେ ଆୟୋଜିତ ଜାତୀୟ କାର୍ଯ୍ୟକାରିଣୀରେ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଅଧ୍ୟକ୍ଷତା କରୁଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ସମେତ ୧୯ଟି ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ–ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟ ବରିଷ୍ଠ ନେତାମାନେ ଯୋଗଦେଉଛନ୍ତି। ତେଲଙ୍ଗାନାରେ କେ.ଚନ୍ଦ୍ରଶେଖର ରାଓଙ୍କ ଟିଆର୍‌ଏସ୍ ସରକାରର ଏକ ବିକଳ୍ପ ଭାବେ ନିଜକୁ ଗଢ଼ି ତୋଳିବା ପାଇଁ ଭାଜପା ଯଥାସାଧ୍ୟ ଉଦ୍ୟମ ଜାରି ରଖିଛି। ତେଣୁ ଏହି ନେତାମାନେ ରାଜ୍ୟର ୧୧୯ ବିଧାନସଭା ନିର୍ବାଚନମଣ୍ଡଳୀରେ ରବିବାର ବିଶାଳ ରାଲି କରିବେ ବୋଲି ରାଜ୍ୟ ଭାଜପା ପକ୍ଷରୁ ସୂଚନା ଦିଆଯାଇଛି। ହାଇଦ୍ରାବାଦରେ ଶୁକ୍ରବାର ନଡ୍ଡା ଏକ ବଡ଼ ରୋଡ୍ ଶୋ' କରିଥିଲେ। ରବିବାର ପ୍ରଧାନମନ୍ତ୍ରୀ ମୋଦି ପରେଡ୍ ଗ୍ରାଉଣ୍ଡରେ ୧୦ ଲକ୍ଷ ଲୋକଙ୍କୁ ନେଇ ଏକ ସଭାକୁ ସମ୍ବୋଧନ କରିବେ।

୨୦୨୪ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଭାଜପା ପକ୍ଷରୁ ଶନିବାର 'ହର ଘର ତ୍ରିରଙ୍ଗା' ସମେତ କେତେକ ନୂଆ କାର୍ଯ୍ୟକ୍ରମ ଘୋଷଣା କରାଯାଇଛି। ଲୋକଙ୍କୁ ଏକାଠି କରିବା ଏବଂ ହିତାଧିକାରୀମାନଙ୍କ ନିକଟରେ ସରକାରୀ ଯୋଜନାଗୁଡ଼ିକର ସୁବିଧା ପହଞ୍ଚାଇବା ପାଇଁ ହାଇଦ୍ରାବାଦରେ ଚାଲିଥିବା ତିନିଦିନିଆ ଜାତୀୟ କାର୍ଯ୍ୟକାରିଣୀରେ ଭାଜପା ନିଷ୍ପତ୍ତି ନେଇଛି। ବୁଥ୍ ସ୍ତରରେ ସଙ୍ଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଦୁଇଟି ସଂକଳ୍ପନାମା ଅଣାଯାଇଛି। ସେଥିରୁ ଗୋଟିଏ ରାଜନୈତିକ ଓ ଅନ୍ୟଟି ଗରିବଙ୍କ ଆର୍ଥିକ ସ୍ଥିତି ସୁଧାରିବା ପାଇଁ ଉଦ୍ଦିଷ୍ଟ ବୋଲି ଭାଜପା ରାଷ୍ଟ୍ରୀୟ ଉପାଧ୍ୟକ୍ଷା ବସୁନ୍ଧରା ରାଜେ ସିନ୍ଧିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।


## OFFICE OF THE COLLECTOR AND DISTRICT MAGISTRATE, BALANGIR
### (SPORTS SECTION)

**No. 150** **Date: 30.06.2022**

No. TT-12: Sealed tenders are invited from registered Firms/ Co-operative Agencies/Authorised Suppliers for supply of Game Shoes, Warm-up Shoes, Football, Volleyball, putting the Shot, Discuss, Javalin, Football Net, Volleyball Net, Track Suits, Sorts, T-Shirts, Volleyball Knee Caps, Kit Bags, Physiotherapy equipments, fist-aid equipments and other game equipments etc. for the inmates of Sports Hostel, Balangir, the details of tender document along with term and conditions can be obtained from our office website **http://Balangir.nic.in** or at the District Sports Office, Balangir from 02.07.2022 onwards during working days on payment of Rs.2000/- (Non-refundable) in shape of Bank Draft in favour of Collector, Balangir. The tender paper should reach in the District Sports Office, Balangir on or before 29.07.2022 by Registered Post/Speed Post and the same will be opened on date 30.07.2022 at 3.30 P.M. in the Old Conference Hall of ADM, Balangir in presence of the parties or their authorised representatives. The undersigned/ authority reserves the right to reject or cancel the tender without assigning any reason thereof.

**Sd./- Collector & District Magistrate, Balangir**

OIPR-29016/11/0001/2223

## GOVERNMENT OF ODISHA
## OFFICE OF THE HEALTH & F.W. DEPARTMENT
## OFFICE OF THE SUPERINTENDENT
## VSS INSTITUTE OF MEDICAL SCIENCES & RESEARCH, BURLA (SAMBALPUR), ODISHA - 768017

E-mail: vimsarsuptd@gmail.com

**No. 8789/VIMSAR** **Dated: 30.06.2022**

### TENDER CALL NOTICE

No. E-274: Sealed tenders are invited in two bids system by the undersigned from the Registered Firms/Authorized Dealers having GST holders for supply of Consumables & others to this Institution for use in the Bio Medical Waste Management Plant & different places of the Hospital during the year 2022-23 so as to reach of Office of the Superintendent, VSS Institute of Medical Sciences & Research, Burla on or before Dt.29.07.2022 upto 5.30 P.M. through Regd. Post/Speed Post/Couriers only and this will be opened on Dt.31.07.2022 at 12.30 P.M.

The detailed list of items along with terms and conditions of this Tender Call Notice can be obtained from the Office of the Superintendent, VSS Institute of Medical Sciences & Research, Burla during office hours and can be downloaded from the website **www.sambalpur.nic.in** from its date of publication.

**Sd./- Superintendent**
**VSS Inst. of Med. Sc. & Research, Burla**

OIPR-10187/11/0005/2223

## କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ
### କୋଣାର୍କ, ପୁରୀ

ପତ୍ରାଙ୍କ ସଂଖ୍ୟା ୨୩୯୮/ତାରିଖ: ୩୦।୬।୨୦୨୨

### ନିଲାମ ଇସ୍ତାହାର

No.C-686:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପରିଷଦଙ୍କ ତରଫରୁ ଚଳିତ ଆର୍ଥିକବର୍ଷ ୨୦୨୨–୨୦୨୩ ପାଇଁ ପରିଷଦର ବିଭିନ୍ନ ସମ୍ପତ୍ତି ନିଲାମ ଓ ଫି ଆଦାୟ କରିବା ପାଇଁ ଜଉମୁଦ ନିଲାମ କରାଯିବ । ସେଗୁଡ଼ିକ ହେଲା:–

(୧) କ୍ରମିକ ସଂ. ୧ରୁ ୧୫, ୨୦, ୨୧, ୨୬ ଓ ୨୯ – ତା.୧୨.୦୭.୨୦୨୨ରିଖଠାରୁ ତା.୩୧.୦୩.୨୦୨୫ରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ (ଦୁଇବର୍ଷ ନଅ ମାସ)

(୨) କ୍ରମିକସଂ.୧୬ରୁ୧୯,୨୨,୨୩,୨୪,୨୫,୨୭ଓ୨୮–ତା.୧୨.୦୭.୨୦୨୨ରିଖଠାରୁ ତା.୩୧.୦୩.୨୦୨୩ରିଖ ମଧ୍ୟରାତ୍ର ପର୍ଯ୍ୟନ୍ତ (ନଅ ମାସ)

ଉକ୍ତ ନିଲାମରେ ଅଂଶଗ୍ରହଣ କରିବା ନିମନ୍ତେ ନିର୍ଦ୍ଧାରିତ ଫର୍ମ ତା.୦୨.୦୭.୨୦୨୨ରିଖଠାରୁ ତା.୧୧.୦୭.୨୦୨୨ରିଖ ଅପରାହ୍ନ ୩ ଘଟିକା ମଧ୍ୟରେ କାର୍ଯ୍ୟାଳୟରେ ଦେୟଯୁକ୍ତ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବା ଅନୁଷ୍ଠାନ ଉପରୋକ୍ତ ସମୟ ମଧ୍ୟରେ ଟେଣ୍ଡର ଫର୍ମ କ୍ରୟ କରି ତା.୦୨.୦୭.୨୦୨୨ରିଖଠାରୁ ତା.୧୧.୦୭.୨୦୨୨ରିଖ ଅପରାହ୍ନ ୩ ଘଟିକା ମଧ୍ୟରେ ପରିଷଦ କାର୍ଯ୍ୟାଳୟରେ ଥିବା ସୂଚିତ ନିଲାମ ବାକ୍ସରେ ଜଉମୁଦ ଯୁକ୍ତ ଟେଣ୍ଡର ଫର୍ମ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାଗଜ ଯଥା ଫଟୋ ପରିଚୟପତ୍ର ଏବଂ ଆଧାର କାର୍ଡର ଅବିକଳ ନକଲ ଦାଖଲ ଦେଇ ଟେଣ୍ଡରରେ ଭାଗ ନେଇପାରିବେ । ଉକ୍ତ ନିଲାମ ତା.୧୧.୦୭.୨୦୨୨ରିଖ ଅପରାହ୍ନ ଘ.୪.୦୦ ମି.ରେ ନିର୍ବାହୀ ଅଧିକାରୀଙ୍କ ପ୍ରକୋଷ୍ଠରେ ସର୍ବସମ୍ମୁଖରେ ଖୋଲାଯିବ । ନିଲାମ ସମ୍ପର୍କିତ ସମସ୍ତ ସର୍ତ୍ତାବଳୀ ଟେଣ୍ଡର ଫର୍ମରେ ସୂଚିତ କରାଯାଇଅଛି । ଟେଣ୍ଡର ଫର୍ମ କାର୍ଯ୍ୟାଳୟରେ କେବଳ ସରକାରୀ କାର୍ଯ୍ୟଦିବସରେ ଦେୟଯୁକ୍ତ ପ୍ରାପ୍ତ ସମ୍ଭବ । ସର୍ବୋଚ୍ଚ ନିଲାମଧାରୀ ନିଲାମ ରାଶି ସହିତ ୨% ଇ.ଏମ୍.ଡି. ରାଶି ଜମା କରିବେ ।

**ସ୍ୱା./- ନିର୍ବାହୀ ଅଧିକାରୀ**
**କୋଣାର୍କ ବିଜ୍ଞାପିତ ଅଞ୍ଚଳ ପରିଷଦ**

OIPR-13174/11/0001/2223

## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

At: Ambapua, P.O.- Engineering School, Near Income Tax Office, Berhampur - 760011
(E-mail: serwbpr2004@yahoo.com, Tel/Fax: 0680-2404287)

No. e-tender//2639//RWC//BAM Dated: 30.06.2022

### 2nd Corrigendum to Bid Identification No. Online Tender/19-2022-23/BPR

No. O-569: The partial modification of bridge work (Balance work) vide above identification has been made as follows:

| | | | |
|---|---|---|---|
| 1 | Date of availability of tender | : | 05.07.2022 to 19.07.2022 upto 3.00 P.M. instead of 30.06.2022 to 14.07.2022 upto 3.00 P.M. |
| 2 | Last date & time of seeking tender clarification | : | 16.07.2022 at 2.00 P.M. instead of 12.07.2022 at 2.00 P.M. |
| 3 | Date of Opening of Technical Bid | : | 20.07.2022 at 11.00 A.M. instead of 11.07.2022 at 11.00 A.M. |
| 4 | Date of Opening of Financial Bid | : | Will be intimated later on |

2)

| Sl. No. | Name of the Work | Approx. Estimated Cost (Exclusive of GST (in Rs.) (As per Earlier) | Approx. Estimated Cost (Exclusive of GST) (in Rs.) (Now Replaced) | Class of Contractor (As per Earlier) | Class of Contractor (Now Replaced) |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of H.L. Bridge over river Dhanei at 1.500 Km on Sunarijhola to Bolasara Road in the district of Ganjam under BSY. (Span 2 × 25.35m) (Balance Work) | Rs.3,80,73,000/- | Rs.3,35,17,000/- | "A" Class or "Special" Class | "A" Class or "Special" Class |
| 2 | Construction of Bridge over Ghodahada on Boripadar to Pentha Road in the District of Ganjam under BSY. (Span 4 × 30.63m) (Balance Work) | Rs.3,12,30,000/- | Rs.2,05,93,000/- | "A" Class or "Special" Class | "B" Class or "A" Class |
| 3 | Construction of H.L. Bridge over Ghodahada on Jalamara to Palaspur Road in the District of Ganjam under BSY. (Span 5 × 30.63m) (Balance Work) | Rs.2,83,04,000/- | Rs.1,97,14,000/- | "B" Class or "A" Class | "B" Class or "A" Class |

All other contents will remain unchanged.

OIPR-25071/11/0036/2223 **Sd./- Chief Construction Engineer, R.W. Circle, Berhampur**

## NANDANKANAN
## NANDANKANAN ZOOLOGICAL PARK

TENDER NOTICE No. **34** of 2022 Date: **02.07.2022**

No. MM-86:- Deputy Director, Nandankanan Zoological Park invites sealed tender in prescribed form from interested individuals/ firms/ entrepreneurs for **following tender** of Nandankanan Zoological Park for the year, 2022-23.

| Sl. No. | Name of the Tender | Last date for submission of sealed tender | Opening of the sealed tender | Paper Cost inclusive of GST-18% |
|---|---|---|---|---|
| 1 | Outsourcing of Boating Facility | 5.00 P.M. of 25.07.2022 | 11.30 A.M. of 26.07.2022 | ₹7,080/- |

Detailed terms and conditions along with the tender papers will be available in the website of Nandankanan Zoological Park (www.nandankanan.org) from **02.07.2022**. The downloaded tender papers must be accompanied with a Bank Draft/Demand Draft as mentioned against the above tender drawn in favour of "Deputy Director, Nandankanan Zoological Park" in any Nationalized Bank payable at Bhubaneswar.

OIPR-08070/11/0013/2223 **Sd./- Deputy Director, Nandankanan Zoological Park**

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 11519/IND-II-PH-1021 ତାରିଖ 2.7.2022

No. CAD-1007

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ମାଇଁ ହୋମ୍ ଇଣ୍ଡଷ୍ଟ୍ରିଜ୍ ପ୍ରାଇଭେଟ୍ ଲିମିଟେଡ୍, ଯାଜପୁର ଜିଲ୍ଲା, ଦର୍ପଣ ତହସିଲ ଅନ୍ତର୍ଗତ ବଇରୀ ଗ୍ରାମରେ ୨୫.୫୯ ହେକ୍ଟର ପରିମିତ ଅଞ୍ଚଳରେ ବାର୍ଷିକ ୩.୦ ମେଟ୍ରିକ୍ ଟନ୍ (ପ୍ରଥମ ପର୍ଯ୍ୟାୟରେ ବାର୍ଷିକ ୧.୫ ମେଟ୍ରିକ୍ ଟନ୍ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ବାର୍ଷିକ ୧.୫ ମେଟ୍ରିକ୍ ଟନ୍) କ୍ଷମତା ବିଶିଷ୍ଟ ଏକ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ୍ ସ୍ଥାପନା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।

(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।

(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।

(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ **ତା୦୫।୦୮।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ ଯାଜପୁର ଜିଲ୍ଲା, ଦର୍ପଣ ତହସିଲ ଅନ୍ତର୍ଗତ ବଇରୀ ଗ୍ରାମର ଜଗନ୍ନାଥ ମନ୍ଦିର ପଡ଼ିଆ (ଖାତା ନଂ. ୧୨୯୮, ପ୍ଲଟ୍ ନଂ. ୪୨୨୮)**ଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଯାଜପୁର**।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଯାଜପୁର**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଯାଜପୁର**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର–୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **କଳିଙ୍ଗନଗର**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **କଳିଙ୍ଗନଗର**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

OIPR-08012/11/0132/2223 ସ୍ୱା./–ସଦସ୍ୟ ସଚିବ

## HOUSING AND URBAN DEVELOPMENT DEPARTMENT
## OFFICE OF THE BARGARH MUNICIPAL COUNCIL, BARGARH

At/P.O./Dist.: Bargarh, PIN - 768028

No. C-684

### Invitation for Bids
### BID IDENTIFICATION No. 5/BGH-MUN/2022-23

| | | | |
|---|---|---|---|
| 1 | Nature of Work | : | Civil Work |
| 2 | No. of Work | : | 37 Nos. |
| 3 | Amount put to tender (in lakh) | : | As per DTCN |
| 4 | Bid Cost | : | As per DTCN |
| 5 | Class of Contractor | : | "D" & "C" |
| 6 | Availability of Bids document in website | : | From 11.00 hrs. Dt.04.07.2022 to 17.30 hrs. Dt.15.07.2022 |
| 7 | Date of Opening of Bid | : | Dt.17.07.2022 11.00 hrs. |

The bidder have to participate in ONLINE bidding only. Further details can be seen from the website i.e. **http://tenderodisha.gov.in** and Bargarh Municipality website i.e. **http://www.bargarhmunicipality.in**. Any Addendum/Corrigendum/Cancellation of tender can also be seen only in the said website.

**Sd./- Executive Officer**
**Bargarh Municipality**

OIPR-13103/11/0013/2223

## ODISHA LIFT IRRIGATION CORPORATION LIMITED
(A Government of Odisha Undertaking)
## OFFICE OF THE EXECUTIVE ENGINEER, L.I. DIVISION, ROURKELA

e-mail ID: eeolicrourkela@gmail.com

### NATIONAL COMPETITIVE BIDDING THROUGH e-Procurement

No. CAD-997

**Identification No. EEOLICRKL-08/22-23 Dt.07.09.2021**

| | | | |
|---|---|---|---|
| 01 | Name of Work | : | Revival of 10 Nos. defunct LIPs and installation and energisation of 1 No. New LIP in different Block of Sundargarh Dist. under State Plan/RIDF Grant. |
| 02 | Estimated Cost | : | Rs.13.40 lakhs to 24.10 lakhs |
| 03 | Period of Completion | : | 90 days |
| 04 | Date & time of availability of bid document in the portal | : | From 10.00 hrs. of 18.07.2022 to 17.00 hrs. of 27.07.2022 |
| 05 | Date & time of opening of bids | : | 11.00 hrs. of 28.07.2022 |
| 06 | Name and address of the Officer Inviting Bid | : | Executive Engineer, L.I. Division, Rourkela |

Further details can be seen from the website **www.tendersorissa.gov.in**.

**Sd./- Executive Engineer**
**L.I. Division, Rourkela**

OIPR-32332/11/0004/2223

## REGULATED MARKET COMMITTEE, BARGARH

TCN No. 658/Date 30.06.2022

### Invitation for Bids (IFB)
### e-Procurment Notice No. 02 of 2022-23

No.H-

| Sl. No. | Item | Details |
|---|---|---|
| 1 | The A.D.M. Bargarh-cum-Chariman, RMC Bargarh invites percentage rate bids in Double cover system in ONLINE MODE only for work as detailed below: | |
| 2 | Nature of the work | Construction of building type works. |
| 3 | No of work | 02 Nos. |
| 4 | Bid Cost | Rs.10000.00 online transfer |
| 5 | Value of Tender | Rs.232.70 lakhs to Rs.243.11 lakhs |
| 6 | Class of Contractor | B & A Class |
| 7 | Availability of BID Documents in the website | Dt.4.7.22 to 21.7.22 |
| 8 | Last date/time of Receipt of bids in the portal | Dt.21.7.22 up to 5.00 P.M. |
| 9 | Date of opening of bid | Dt.22.7.22 at 11.00 A.M. |
| 10 | The Bidders have to participate in ONLINE bidding only. Further details can be seen from the website: https://tendersorissa.gov.in. Any addendum/Corrigendum/Cancellation of the Tender etc. can also be seen in the website: https://tendersorissa.gov.in | |

**Sd./- ADM-cum-Chairman**
**RMC, Bargarh**

OIPR-39039/11/0003/2223

## COLLECTORATE: BALANGIR
### (Civil Supplies Section)

Advertisement No. 3826 Dated 30.06.2022

### ADVERTISEMENT FOR CONTRACTUAL ENGAGEMENT

No.H- :- In pursuance of Letter No.13704 Dt.20.09.21 & No.7725 dated 25.05.2022 of Food Supplies & Consumer Welfare Department, Government of Odisha, Bhubaneswar, application forms are hereby invited from prospective eligible and experienced candidates for contractual engagement for the post of "TECHNICAL SUPPORT STAFF" for District Project Management Unit (DPMU), Balangir under Integrated Management of Public Distribution (IM-PDS) Scheme.

Information in details including job description, eligibility criteria & general instructions for submission of application(s) may be seen in District Website www.balangir.nic.in.

The application shall be submitted through Speed Post/ Registered Post only addressed to the **"Chief Civil Supplies Officer, District Civil Supplies Office, Balangir, At- Balangir, PO/Dist- Balangir (Odisha), PIN-767001"**

**Closing date for submission of complete application in all respect is 15th July, 2022, applications submitted beyond the date line shall not be entertained.**

**Sd./- Collector, Balangir**

OIPR-24130/11/0003/2223

## ଭାରତକୁ ବିଶ୍ୱ ବ୍ୟାଙ୍କର ସହାୟତା

**ନୂଆଦିଲ୍ଲୀ:** ବିଶ୍ୱ ବ୍ୟାଙ୍କ ଭାରତର ଅର୍ଥନୀତିରେ ସୁଧାର ପାଇଁ ଋଣ ଆକାରରେ ୧.୭୫ ବିଲିୟନ ଡଲାରର ସହାୟତା ଘୋଷଣା କରିଛି। ଏହି ଅର୍ଥ ପ୍ରଧାନମନ୍ତ୍ରୀଙ୍କ ଆୟୁଷ୍ମାନ ଭାରତ ଯୋଜନା ଏବଂ ବେସରକାରୀ କ୍ଷେତ୍ରରେ ନିବେଶ ପାଇଁ ଖର୍ଚ୍ଚ କରାଯିବ ବୋଲି କୁହାଯାଇଛି। ଦେଶର ଅର୍ଥନୀତି ବୃଦ୍ଧି କରିବାରେ ଏହା ବେଶ୍ ସହାୟକ ହେବ। ସେହିଭଳି ବିଶ୍ୱ ବ୍ୟାଙ୍କର ବୋର୍ଡ ଅଫ୍ ଏକ୍ଜିକ୍ୟୁଟିଭ୍ ଡାଇରେକ୍ଟର ୧୦୦୦ ଡଲାରର ସହାୟତାଭିତ୍ତିକ ଋଣକୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହା ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବେଶ୍ ସହାୟକ ହେବ ବୋଲି ଆଶା କରାଯାଉଛି।

# ଖପୁରିଆ ଶିଳ୍ପାଞ୍ଚଳରେ ଜନ୍ ଡିଅରର ବୃହତ୍ ଆଉଟଲେଟ




କଟକ,୨।୭

ଦେଶର ପ୍ରମୁଖ ଟ୍ରାକ୍ଟର ନିର୍ମାତା 'ଜନ୍ ଡିଅର'ର ସ୍ୱୀକୃତିପ୍ରାପ୍ତ ଡିଲର ପ୍ରଗତି ଟ୍ରେଡର୍ସ ପକ୍ଷରୁ ସ୍ଥାନୀୟ ଖପୁରିଆ ଶିଳ୍ପାଞ୍ଚଳରେ ଏହାର ଏକ ବୃହତ୍ ଆଉଟଲେଟ ନିକଟରେ ଶୁଭାରମ୍ଭ ହୋଇଯାଇଛି। ଚଳିତ ବର୍ଷର ମୌସୁମୀ ପୂର୍ବରୁ ପ୍ରଗତି ଟେର୍ଡସ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜନ୍ ଡିଅରର ଜାତୀୟ ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଶୈଳେନ୍ଦ୍ର ଜଗତାପ ମୁଖ୍ୟ ଅତିଥି ଭାବେ ଯୋଗଦେଇ୧୫ଜଣ ଉପଭୋକ୍ତାଙ୍କୁ ନୂତନ ଟ୍ରାକ୍ଟର ଚାବି ହସ୍ତାନ୍ତର କରିଥିଲେ। ଏହି ପରିପ୍ରେକ୍ଷୀରେ ସେ କହିଥିଲେ, କମ୍ପାନୀ କୃଷି ଏବଂ କୃଷକମାନଙ୍କ ପାଇଁ ସମର୍ପିତ । ଏପରିକି କୃଷକଙ୍କ ଆବଶ୍ୟକତା ପୂରଣ ଦିଗରେ କମ୍ପାନୀ କାର୍ଯ୍ୟ କରୁଛି ବୋଲି ସେ ଉପସ୍ଥିତ କୃଷକ ଓ ଟ୍ରାକ୍ଟର ମାଲିକମାନଙ୍କୁ ଅବଗତ କରାଇଥିଲେ। ଉକ୍ତ ଉତ୍ସବରେ କମ୍ପାନିର ଆଞ୍ଚଳିକ ପ୍ରବନ୍ଧକ (ଇଷ୍ଟ ଜୋନ୍) ଅନୁଜ ପଲ୍, ଏରିଆ ମ୍ୟାନେଜର ସକିଲ ଖାନ, ପ୍ରଗତି ଟ୍ରେଡର୍ସର ସ୍ୱତ୍ୱାଧିକାରୀ (ଅଂଶୀଦାର) ପ୍ରଣୟ କୁମାର ପଶାୟତ ଏବଂ ତପନ କୁମାର ଦାସଙ୍କ ସମେତ ଉଭୟ ସଂସ୍ଥାର ବହୁ କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

**ପ୍ରଗତି ଟେର୍ଡସ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଓଡ଼ିଶା ଗସ୍ତରେ ଆସିଥିବା ଜନ୍ ଡିଅରର ଜାତୀୟ ମୁଖ୍ୟ ତଥା ପରିଚାଳନା ନିର୍ଦ୍ଦେଶକ ଶୈଳେନ୍ଦ୍ର ଜଗତାପଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତ୍‌କାର.....**


ଶୈଳେନ୍ଦ୍ର ଜଗତାପ

**➡ଜନ୍ ଡିଅରର ଆଭିମୁଖ୍ୟ କ'ଣ ରହିଛି?**
ଜନ୍ ଡିଅର ହେଉଛି ଏକ ବିଶ୍ୱସ୍ତରୀୟ ଆମେରିକାନ୍ କମ୍ପାନୀ। ଏହା ମୁଖ୍ୟତଃ କୃଷି ଏବଂ କୃଷି ସମ୍ବନ୍ଧୀୟ ବିଭିନ୍ନ ସାମଗ୍ରୀ ନିର୍ମାଣ କରିଥାଏ। ବିଶେଷକରି କୃଷି ଓ କୃଷକଙ୍କ ଆବଶ୍ୟକତା ପୂରଣକୁ ଆଖି ଆଗରେ ରଖି କମ୍ପାନୀ ଆବଶ୍ୟକ ଉପକରଣ ପ୍ରସ୍ତୁତ କରୁଛି। ସେହିଭଳି ବନୀକରଣ, ନିର୍ମାଣ ଓ ରାସ୍ତା କାର୍ଯ୍ୟ ପାଇଁ ଆବଶ୍ୟକ ଉପକରଣ ଜନ୍ ଡିୟର ତିଆରି କରିଥାଏ। ୧୯୩୭ରେ କମ୍ପାନୀର ଶୁଭାରମ୍ଭ ସହ ଆବଶ୍ୟକ କାର୍ଯ୍ୟ ଆରମ୍ଭ କରିଥିଲା। ସେବେଠାରୁ କୃଷି ଓ କୃଷକମାନଙ୍କ ସହ କମ୍ପାନୀ କାର୍ଯ୍ୟ କରୁଛି। ପ୍ରଥମେ ଲଙ୍ଗଳ ତା'ପରେ କମ୍ପାନୀର ଅନ୍ୟ ସମସ୍ତ ଉପକରଣ ଉପଲବ୍ଧ ହୋଇଥିଲା।

**➡କମ୍ପାନୀର ମୌଳିକତା କ'ଣ ରହିଛି?**
ଭାରତ ହେଉଛି ଏକ କୃଷି ପ୍ରଧାନ ଦେଶ। କମ୍ପାନୀ ବିଶେଷକରି କୃଷି ଓ କୃଷକଙ୍କ ମୂଲ୍ୟବୋଧ ଉପରେ ବିଶ୍ୱାସ କରିଥାଏ। ଏହା ପ୍ରଥମତଃ ପ୍ରତିବଦ୍ଧତା, ନୂତନ ସାମଗ୍ରୀ ଉଦ୍ଭାବନ (ଇନୋଭେସନ୍) ଓ କୃଷକମାନେ କିଭଳି କମ୍ ଖର୍ଚ୍ଚରେ ଅଧିକ ଉତ୍ପାଦନ କରିପାରିବେ ସେ ନେଇ ମଧ୍ୟ କମ୍ପାନୀ କାର୍ଯ୍ୟ କରୁଛି।

**➡ଭାରତରେ କମ୍ପାନୀ କିପରି ପ୍ରଚାର ଓ ପ୍ରସାରଲାଭ କଲା?**
୧୯୯୭ରେ କମ୍ପାନୀ ଭାରତୀୟ ବ୍ୟବସାୟରେ ପାଦଦେବା ସହ ଚୁକ୍ତିବଦ୍ଧ ହୋଇଥିଲେ। ଏପରିକି କମ୍ପାନୀର ଆବଶ୍ୟକୀୟ ପଦକ୍ଷେପ ଓ କାର୍ଯ୍ୟ ଶେଷ ସହ ୨୦୦୦ରେ ଗାଡ଼ି ବିକ୍ରୟ ଆରମ୍ଭ ହୋଇଥିଲା। କମ୍ପାନୀର ଗୁଣାତ୍ମକ ପ୍ରଡକ୍ଟ ଓ ବିକ୍ରି ପରର ସେବା ଓ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର ସ୍ୱୀକୃତି ଆମକୁ ବଜାର ଲିଡର କରାଇଛି। ବିଭିନ୍ନ ମାଧ୍ୟମରେ ଆମର ପ୍ରଚାର ଓ ପ୍ରସାର ହେଉଛି। ବିଶେଷକରି କୃଷକଙ୍କ ପ୍ରିୟ ଟ୍ରାକ୍ଟର ହୋଇପାରିଛି।

**➡ଭାରତ ସମେତ ବିଦେଶରେ ଏହାର ଚାହିଦା କିଭଳି ରହିଛି ?**
ଭାରତର ସବୁ ରାଜ୍ୟରେ ଏହାର ଡିଲର ପଏଣ୍ଟ ରହିଛି। ଏହା ଜରିଆରେ କମ୍ପାନୀ ଚାଷୀମାନଙ୍କ ନିକଟତର ହୋଇପାରିଛି। ଏପରିକି ଭାରତରେ ନିର୍ମିତ ଟ୍ରାକ୍ଟରଗୁଡ଼ିକ କେବଳ ଆଭ୍ୟନ୍ତରୀଣ ନୁହେଁ ବରଂ ୧୨୮ଦେଶକୁ ରପ୍ତାନି ହୋଇଥାଏ। ବିଗତ ୧୬ବର୍ଷ ଧରି ଆମକୁ ବୃହତ୍ ରପ୍ତାନିକାରୀ ଭାବେ ମଧ୍ୟ ପୁରସ୍କାର ମିଳିଛି। ଏପରିକି ୟୁରୋପ, ୟୁଏସ୍, ବ୍ରାଜିଲ୍, ଆର୍ଜେଣ୍ଟିନା, ଆଫ୍ରିକା, ସାଉଥ୍ ଏସିଆ ଭଳି ବିଦେଶୀ ରାଷ୍ଟ୍ର ପକ୍ଷରୁ ସ୍ୱୀକୃତି ଓ ସମ୍ମାନ ମିଳିଛି। ଜନ୍ ଡିଅର ଟ୍ରାକ୍ଟର ସାରା ବିଶ୍ୱର କୃଷି ପ୍ରମୁଖ ଦେଶଗୁଡ଼ିକରେ ଉପଲବ୍ଧ ହୋଇପାରିଛି।

**➡ଭାରତରେ କେଉଁ କେଉଁ ସ୍ଥାନରେ ଏହାର ନିର୍ମାଣ କାର୍ଯ୍ୟ ହୋଇଥାଏ?**
ଭାରତରେ ପ୍ରଥମେ ଜନ୍ ଡିଅରର ପୁରୁଣା କାରଖାନା ପୁଣେଠାରେ ରହିଥିଲା। ସେହିଠାରୁ ମୁଖ୍ୟତଃ କମ୍ପାନୀ ନିର୍ମିତ ଟ୍ରାକ୍ଟରଗୁଡ଼ିକ ଅନ୍ୟ ଆଡ଼କୁ ରପ୍ତାନି ହୋଇଥାଏ। କିଛି କିଛି ମଧ୍ୟ ଭାରତରେ ବିକ୍ରି ହୋଇଥାଏ। ଏହା ପରେ ମଧ୍ୟପ୍ରଦେଶର ଇନ୍ଦୋର ନିକଟବର୍ତ୍ତୀ ଦେବାସଠାରେ ନିର୍ମିତ କାରଖାନରେ ଉତ୍ପାଦିତ ଟ୍ରାକ୍ଟରଗୁଡ଼ିକ ଭାରତରେ ବିକ୍ରି ହୋଇଥାଏ।

**➡ଓଡ଼ିଶାରେ କମ୍ପାନୀର ବିକ୍ରୟ ନେଟ୍‌ୱର୍କ ବିଷୟରେ କ'ଣ କହିବେ?**
ଓଡ଼ିଶା ହେଉଛି କମ୍ପାନୀର ଏକ ପ୍ରମୁଖ ବଜାର। ଏପରିକି ରାଜ୍ୟର ସମସ୍ତ ଜିଲାରେ କମ୍ପାନୀର ଡିଲର ପଏଣ୍ଟ ସହ ଉପସ୍ଥିତି ଜାହିର କରୁଛି। ଜନ୍ ଡିଅରର ସ୍ୱତନ୍ତ୍ରତା ହେଉଛି ଆମେ ଅତ୍ୟାଧୁନିକ ଜ୍ଞାନକୌଶଳରେ ନୂଆ ନୂଆ ପ୍ରଡକ୍ଟ ଗ୍ରାହକଙ୍କୁ ସୁବିଧାରେ ଯୋଗାଇ ଦେଇଥାଉ।

**➡କମ୍ପାନୀ ବିକ୍ରିପର ସେବା କିଭଳି ପ୍ରଦାନ କରିଥାନ୍ତି?**
ରାଜ୍ୟରେ ଜନ୍ ଡିଅରର ଯେତିକି ଡିଲର ପଏଣ୍ଟ ରହିଛି ସେସବୁ ସ୍ଥାନୀୟ ଜନସଂଖ୍ୟା ଅନୁସାରେ ଶାଖା ଖୋଲା ଚାଲିଛି। ପ୍ରତ୍ୟେକ ଶାଖାରେ ୩ଟି ସେବା ଯଥା-ବିକ୍ରୟ, ଯନ୍ତ୍ରାଂଶ ଓ ମରାମତି ସମ୍ପର୍କିତ ସେବା ଯୋଗାଇ ଦିଆଯାଉଛି। କମ୍ପାନୀର ଗୁଣବତ୍ତା ଅନ୍ୟଠାରୁ ଉନ୍ନତ ରହିଛି। ଏପରିକି ଏହାର ସମସ୍ତ ଗାଡ଼ି ଉପରେ ୫ବର୍ଷର ୱାରେଣ୍ଟି ଦିଆଯାଇଥାଏ। ଆମର ପ୍ରତ୍ୟେକ ଶାଖାରେ ଉପଯୁକ୍ତ ପ୍ରଶିକ୍ଷଣପ୍ରାପ୍ତ ମେକାନିକ୍‌ମାନଙ୍କ ଦ୍ୱାରା ଯଥାବିଧ ସେବା ଯୋଗାଇ ଦିଆଯାଇଥାଏ। ଜନ୍ ଡିଅର ଗ୍ରାହକମାନଙ୍କ ସନ୍ତୁଷ୍ଟିକୁ ପ୍ରମୁଖ ପ୍ରାଧାନ୍ୟ ଦେଇଥାଏ।

**➡କୋଭିଡ୍ ମହାମାରୀ କମ୍ପାନୀ ଉପରେ କିଭଳି ପ୍ରଭାବ ପକାଇଥିଲା?**
କୋଭିଡ୍ ମହାମାରୀ ସାରା ଦେଶକୁ କବଳିତ କରି ରଖିଥିଲା। ବିଶେଷକରି କୃଷକମାନଙ୍କ ନିରବଚ୍ଛିନ୍ନ ସେବା ଯୋଗୁ ସାରା ଦେଶରେ ଖାଦ୍ୟାଭାବ ଦେଖା ଦେଇନାହିଁ। ସେହିଭଳି କମ୍ପାନୀ କର୍ମଚାରୀ ମଧ୍ୟ ଗ୍ରାହକଙ୍କୁ ଆବଶ୍ୟକୀୟ ସେବା ଓ ସହଯୋଗ କରିଛନ୍ତି। ସର୍ବୋପରି କୋଭିଡ୍ ନୀତି ନିୟମ ପାଳନକରି ଆମେ କାର୍ଯ୍ୟ କରୁଥିଲୁ। ସରକାରଙ୍କର ଏ ଦିଗରେ ଯଥେଷ୍ଟ ସହାୟତା ଥିଲା। ସେହିପରି କର୍ମଚାରୀଙ୍କ ସୁରକ୍ଷାକୁ କମ୍ପାନୀ ଗୁରୁତ୍ୱ ଦେବା ସହ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିଥିଲା।

# ଡ.ରମେଶଙ୍କୁ ବିଓବିର ନୂତନ ଦାୟିତ୍ୱ

ଭୁବନେଶ୍ୱର,୨।୭



ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ନୂତନ କରି ଗଠିତ ହୋଇଥିବା ପାଟଣା ଜୋନ୍ ଅନ୍ତର୍ଗତ ନେଟ୍‌ୱର୍କ-୧ କାର୍ଯ୍ୟାଳୟ, ଭୁବନେଶ୍ୱରର ନୂତନ ଉପ-ମହାପ୍ରବନ୍ଧକ ଭାବେ ଡ. ରମେଶ କୁମାର ମହାନ୍ତି ନିକଟରେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଓଡ଼ିଶା ଓ ଝାଡ଼ଖଣ୍ଡର ୫ଟି କ୍ଷେତ୍ରୀୟ କାର୍ଯ୍ୟାଳୟର ୨୯୩ ଶାଖା ଏହି ନେଟ୍‌ୱର୍କ ଅଧୀନରେ କାର୍ଯ୍ୟ କରିବ, ଯେଉଁଥିରୁ ୩ଟି କ୍ଷେତ୍ର ଓଡ଼ିଶା ଅଧୀନରେ ଏବଂ ୨ କ୍ଷେତ୍ର ଝାଡ଼ଖଣ୍ଡ ଅଧୀନରେ କାର୍ଯ୍ୟ କରିବ। ଏହା ପୂର୍ବରୁ ଏହି କାର୍ଯ୍ୟାଳୟଟି ଜାମଶେଦପୁରରୁ ସାମୟିକ ଭାବେ କାର୍ଯ୍ୟ କରୁଥିଲା। ଡ. ମହାନ୍ତି ଏହା ପୂର୍ବରୁ ଛତିଶଗଡ଼ର ଦୁର୍ଗ କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ। ସେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଓଡ଼ିଶା ତଥା ଝାଡ଼ଖଣ୍ଡର ଋଣକ୍ଷେତ୍ରରେ ଉନ୍ନତି ଆଣିବା ନିମନ୍ତେ କ୍ଷୁଦ୍ର ଋଣ ସହ ସ୍ୱୟଂ ସହାୟକ ଗୋଷ୍ଠୀ, କୃଷି, ଖୁଚୁରା ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ଉପରେ ଅଧିକ ଗୁରୁତ୍ୱ ଦେବେ ବୋଲି ମତବ୍ୟକ୍ତ କରିଛନ୍ତି। ମହାନ୍ତି ମଧ୍ୟ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ବିଶେଷ ଧ୍ୟାନ ଦେବେ, ଯେଉଁଥିରୁ ସେମାନେ ଉପକୃତ ହୋଇପାରିବେ।

# ୟାଟସ୍‌ର ୧୬ତମ ସଂସ୍କରଣ ଶୁଭାରମ୍ଭ

ଭୁବନେଶ୍ୱର,୨।୭

ଟାଟା ଷ୍ଟିଲ୍ ଓ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟାରିୟମ୍ ସହଭାଗିତାରେ ଆୟୋଜିତ ହେଉଥିବା ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ (ୟାଟସ୍) ର ୧୬ତମ ସଂସ୍କରଣ ନିକଟରେ ଶୁଭାରମ୍ଭ ହୋଇଯାଇଛି। ବିଶେଷକରି ଅନ୍ତରୀକ୍ଷ ବିଜ୍ଞାନ କ୍ଷେତ୍ରରେ ଓଡ଼ିଶାର ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ପ୍ରତିଭା ଚିହ୍ନଟ ଓ ସେମାନଙ୍କୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟରେ ୟାଟସ୍‌ର ଆୟୋଜନ କରାଯାଉଛି। ଚଳିତ ବର୍ଷ ହାଇବ୍ରିଡ୍ ମୋଡ୍‌ରେ ଏହାର ଆୟୋଜନ କରାଯାଉଛି, ଯେଉଁଥିରେ ଛାତ୍ରୀଛାତ୍ରମାନେ ନିଜ ବିଦ୍ୟାଳୟରେ କିମ୍ବା ଭର୍ଚୁଆଲି ୟାଟସ୍ ୱେବସାଇଟ୍ ଜରିଆରେ ଅଂଶଗ୍ରହଣ କରିପାରିବେ।

# ୧୫ ସୁଦ୍ଧା ଏଲ୍‌ଆଇସିର ଆଇଇଭି ଘୋଷଣା

ନୂଆଦିଲ୍ଲୀ,୨।୭

ଚଳିତ ବର୍ଷ ଜୁଲାଇ ୧୫ ସୁଦ୍ଧା ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ତା'ର ଇଣ୍ଡିଆନ ଏମ୍ବେଡେଡ୍ ଭାଲ୍ୟୁ (ଆଇଇଭି) ସମ୍ପର୍କରେ ଘୋଷଣା କରିପାରେ ବୋଲି ସୂଚନା ମିଳିଛି। ଏପରିକି ୨୦୨୨ ମାର୍ଚ୍ଚ ୩୧ରୁ ନିଗମ ଉକ୍ତ ପ୍ରକ୍ରିୟା ଆରମ୍ଭ କରିଥିଲା। ଏହା ଜୁଲାଇ ୧୫ ସୁଦ୍ଧା ଶେଷ ହୋଇଯିବ ବୋଲି ଆକଳନ କରାଯାଉଛି। ଅପରପକ୍ଷରେ ନିଗମର ଉକ୍ତ ପ୍ରକ୍ରିୟା ଶେଷ ହେବା ପାଇଁ ଆଉ କିଛି ସମୟ ଲାଗିବ ବୋଲି ଏଲ୍‌ଆଇସି ଷ୍ଟକ୍ ବଜାରକୁ ଫାଇଲିଂ ସମୟରେ ଅବଗତ କରାଇଛି। ସେହିଭଳି ଉକ୍ତ ପ୍ରକ୍ରିୟା ଶେଷ ହେବା ସହ କିଛି ଆନୁଷଙ୍ଗିକ ମଞ୍ଜୁରୀ ମିଳିବା ପରେ ଏହାକୁ ସାର୍ବଜନୀନ କରାଯିବ। ସେହିପରି ଅନ୍ତର୍ଜାତୀୟ ଆକ୍ଚୁରିଆଲ ଫାର୍ମ ମିଲିମ୍ୟାନ ଆଡଭାଇଜରର ସୂଚନା ମୁତାବକ ୨୦୨୧ ସେପ୍ଟେମ୍ବର ୩୦ରେ ଏଲ୍‌ଆଇସିର ଏମ୍ବେଡେଡ୍ ଭାଲ୍ୟୁ ୫.୪ ଲକ୍ଷ କୋଟି ରହିଥିଲା। ସୂଚନାଯୋଗ୍ୟ, ଅଂଶୀଦାରଙ୍କ ପାଇଁ ଧାର୍ଯ୍ୟ ନିଗମର ମୋଟ ମୂଲ୍ୟକୁ ଏମ୍ବେଡେଡ୍ ଭାଲ୍ୟୁ (ଇଭି) ବୋଲି ବିଚାର କରାଯାଏ।

# ଭାରତ ଆସିବନି ଗ୍ରେଟ୍ ୱାଲ୍ ମୋଟର୍ସ

ନୂଆଦିଲ୍ଲୀ,୨।୭

ଭାରତରେ ୧୦୦କୋଟି ଡଲାର ନିବେଶ କରିବାକୁ ଚାଇନା ଅଟୋମୋବାଇଲ କମ୍ପାନୀ 'ଗ୍ରେଟ୍ ୱାଲ୍ ମୋଟର୍ସ' ଯୋଜନା କରିଥିଲା। ଏପରିକି ଦୀର୍ଘ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ପରେ ମଧ୍ୟ ଉକ୍ତ କମ୍ପାନୀର ଯୋଜନାକୁ ଭାରତ ସରକାର ମଞ୍ଜୁର କରି ନ ଥିଲେ। ଫଳରେ କମ୍ପାନୀ ବାଧ ହୋଇ ଭାରତ ଆସିବା ଯୋଜନାକୁ ବନ୍ଦ କରିଦେଇଛି।



# ଗ୍ଲୋବାଲ ୱାର୍ମିଂ ଯୋଗୁ କମୁଛି ପୋ' ଜଳସ୍ତର




**ରୋମ୍:** ଗ୍ଲୋବାଲ ୱାର୍ମିଂ କାରଣରୁ ତାପମାତ୍ରା ବୃଦ୍ଧି ପାଇବାରେ ଲାଗିଥିବାବେଳେ ବରଫ ତରଳିବା ଯୋଗୁ ସମୁଦ୍ର ଜଳସ୍ତର ବୃଦ୍ଧି ପାଉଛି , ଫଳରେ ସମୁଦ୍ରତଟବର୍ତ୍ତୀ ଅଞ୍ଚଳ ଗୁଡ଼ିକ ଲୋପ ପାଇବାରେ ଲାଗିଛି। କିନ୍ତୁ ଗ୍ଲୋବାଲ ୱାର୍ମିଂ କାରଣରୁ ଇଟାଲୀର ଦୀର୍ଘତମ ନଦୀ କୁହାଯାଉଥିବା ପୋ' ନଦୀର ଜଳସ୍ତର କମିବାରେ ଲାଗିଛି, ଯେଉଁ ନଦୀରେ ବର୍ଷ ତମାମ ଜଳ ଦେଖିବାକୁ ମିଳେ ଲଗାତର ଦୁଇ ବର୍ଷ ଧରି ଏହାର ଜଳସ୍ତର ପୂର୍ବ ଅପେକ୍ଷା କମିବାରେ ଲାଗିଛି।

ଏ ନେଇ ୟୁରୋପିଆନ୍ ସ୍ପେସ୍ ଏଜେନ୍ସି ପକ୍ଷରୁ ଏକ ସାଟେଲାଇଟ୍ ଇମେଜ୍ ଶେୟାର କରାଯାଇଛି। ପୋ ନଦୀ ଇଟାଲୀର ଉତ୍ତର-ପଶ୍ଚିମାଞ୍ଚଳରେ ଥିବା ଆଲ୍ପସ ପର୍ବତମାଳାରୁ ବାହାରି ଆଡ୍ରିଆଟିକ୍ ସମୁଦ୍ରରେ ମିଶିଛି। ଇଟାଲୀର ଏକାଧିକ ସହର ଜଳ ପାଇଁ ଏହି ନଦୀ ଉପରେ ନିର୍ଭରଶୀଳ। ଖାଲି ପାନୀୟ ନୁହେଁ କୃଷି କାର୍ଯ୍ୟରେ ଏହି ନଦୀର ଜଳକୁ ବ୍ୟବହାର କରାଯାଉଥିବାବେଳେ ହାଇଡ୍ରୋ ଇଲେକ୍ଟ୍ରିସିଟି ମଧ୍ୟ ଏଥିରୁ ଉତ୍ପାଦନ କରାଯାଏ। ତାପମାତ୍ରା ବୃଦ୍ଧି ପାଇ ନଦୀ ଜଳ କମିବାରେ ଲାଗିଛି। ଅନ୍ୟପଟେ ଅନିୟମିତ ବର୍ଷା ମଧ୍ୟ ଏହାର ଅନ୍ୟ ଏକ କାରଣ। ପାଖାପାଖି ୧୧୦ ଦିନ ହେବ ଇଟାଲୀରେ ବର୍ଷା ହୋଇନାହିଁ। ଇଟାଲୀରେ ଉତ୍ପାଦିତ ମୋଟ ଖାଦ୍ୟ ପଦାର୍ଥର ୪୦ ପ୍ରତିଶତ ପୋ ନଦୀ ଜଳର ବ୍ୟବହାର ଦ୍ୱାରା ହୋଇଥାଏ। ଚାଉଳ, ଟମାଟୋ ଏବଂ ଗହମ ଉତ୍ପାଦନ ଅଧିକ ପରିମାଣରେ ହୋଇଥାଏ। ନଦୀ ଜଳସ୍ତର କମିବା ଦ୍ୱାରା କୃଷି କାର୍ଯ୍ୟରେ ଅସୁବିଧା ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଅନ୍ୟପଟେ ସରକାର ଜଳର ଅପଚୟ ରୋକିବା ସହ ରାତିବେଳା କମ୍ ପରିମାଣର ଜଳ ବ୍ୟବହାର କରିବା ନେଇ ସରକାର ପ୍ରତ୍ୟେକ ମେଟ୍ରୋପଲିଟାନ ସିଟି ପ୍ରଶାସନ ନିର୍ଦ୍ଦେଶ ଦେଇଛନ୍ତି। ଚଳିତବର୍ଷ ଦେଶରେ ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇଥିବା କେୟାର୍ ହିଟ୍ ପ୍ରୋଜେକ୍ଟର ତଥ୍ୟରୁ ଜଣାପଡ଼ିଛି। ଭୂତଳ ଜଳର ତାପମାତ୍ରା ୨୩ ଡିଗ୍ରୀ ସେଲସିୟସ୍ ରହିଛି।

# ମଙ୍ଗଳ ଗ୍ରହରେ ବାଦଲ ଚିହ୍ନଟ କରିବେ ଲୋକେ

ୱାଶିଂଟନ



ମଙ୍ଗଳ ଗ୍ରହରେ ବାଦଲ ଚିହ୍ନଟ କରିବା ପାଇଁ ସାଧାରଣ ଲୋକଙ୍କୁ ସୁଯୋଗ ଦେଉଛି ନାସା। ତେବେ ଏ ନେଇ ନାସା କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର ପ୍ରକାରର ଟାକ୍ସର ବ୍ୟବସ୍ଥା କରିଛନ୍ତି। ତେବେ ବାଦଲଗୁଡ଼ିକୁ କିଭଳି ଭାବେ ଚିହ୍ନଟ କରାଯିବ ସେ ନେଇ ନାସା ଏକ ଟ୍ୟୁଟୋରିଆଲ୍‌ର ବ୍ୟବସ୍ଥା କରିଛି। ମଙ୍ଗଳ ଗ୍ରହ ବାୟୁ ମଣ୍ଡଳ ବିଷୟରେ ବୈଜ୍ଞାନିକମାନେ ଅଧ୍ୟୟନ ଜାରି ରଖିଛନ୍ତି। ବର୍ତ୍ତମାନ ସମୟରେ ନାସା ଗବେଷକଙ୍କ ପାଖରେ ୧୬ ବର୍ଷର ତଥ୍ୟ ଉପଲବ୍ଧ ରହିଛି। ଏହା ଜରିଆରେ ସେମାନେ ଆଗାମୀ ଗବେଷଣା ଜାରି ରଖିବେ। ତେବେ ୨୦୦୬ରୁ ମାର୍ସ ରେକୋନାଇଜାନ୍ସ ଅର୍ବିଟର ଦ୍ୱାରା ଏହି ଅଧ୍ୟୟନ ଜାରି ରହିଛି। ମଙ୍ଗଳ ଏବଂ ପୃଥିବୀ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଥିବାବେଳେ ପୃଥିବୀ ତୁଳନାରେ ମଙ୍ଗଳର ବାୟୁ ମଣ୍ଡଳ ୧ ପ୍ରତିଶତ ଘନ ଅଟେ।


CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
Whatsapp: 8987604637

BALAJI FINANCE
(Reg. No. 0061)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୮୨ ରୁ ଆପଙ୍କର ସେବାରେ
୨୦୨୦ ରେ ସନ୍ତୁଷ୍ଟ ଗ୍ରାହକ
ମାର୍କସିଟ, ପର୍ସନାଲ, ସମ୍ପତି,
BPL, IIT ଭଭା, କୁକୁଡାପାଳନ,
ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪
ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତି
2th floor, Krishna Reddy, Mumbai, Maharastra
8902403341


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଚର୍ଚ୍ଚାରେ ପୋଷ୍ଟର


ବିଜୟ ଦେବରକୋଣ୍ଡା

**ମୁମ୍ବାଇ:** ସାଉଥ୍ ଇଣ୍ଡିଆନ୍ ଫିଲ୍ମ ନାୟକ ବିଜୟ ଦେବରକୋଣ୍ଡାଙ୍କ ପୋଷ୍ଟରକୁ ନେଇ ଏବେ ଉଭୟ ସାଉଥ୍ ଏବଂ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଚର୍ଚ୍ଚା ଜୋର୍ ଧରିଛି। ନିଜ ଆଗାମୀ ଫିଲ୍ମ 'ଲିଗର'ର ଏକ ପୋଷ୍ଟର ବିଜୟ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। ତେବେ ଫୋଷ୍ଟରରେ ବିଜୟ ସମ୍ପୂର୍ଣ୍ଣ ଭାବେ ଉଲଗ୍ନ ହୋଇଥିବାବେଳେ ଏକ ନାଲି ଗୋଲାପ ତୋଡ଼ା ଧରି ଛିଡ଼ା ହୋଇଥିବାର ଦେଖିବାକୁ ମିଳିଛି। ପୋଷ୍ଟର ଶେୟାର କରି ବିଜୟ ଲେଖିଛନ୍ତି ଯେ, ଗୋଟିଏ ଫିଲ୍ମ, ଯାହା ମୋର ସବୁ କିଛି ନେଇଯାଇଛି। ଏହା ତାଙ୍କର ସବୁଠାରୁ ଚ୍ୟାଲେଞ୍ଜିଙ୍ଗ୍ ରୋଲ୍ ହୋଇଥିବା ସେ କହିଛନ୍ତି। ପୁରୀ ଜଗନ୍ନାଥ ଫିଲ୍ମର ନିର୍ଦ୍ଦେଶନା ଦେଇଥିବାବେଳେ କରନ ଜୋହର ପ୍ରଯୋଜନା ଦାୟିତ୍ୱରେ ରହିଛନ୍ତି। କରନ ମଧ୍ୟ ଫିଲ୍ମର ସମାନ ପୋଷ୍ଟର ସୋସିଆଲ ମିଡିଆରେ ଶେୟାର କରିଛନ୍ତି। 'ରୋଜ୍ ରୋଜ୍ ଐସି ଗିଫ୍ଟ ନହିଁ ମିଲ୍‌ତା'ବୋଲି ସେ ଫଟୋ କ୍ୟାପ୍‌ଶନ୍‌ରେ ଲେଖିଛନ୍ତି। ଲିଗାର ଫିଲ୍ମ ପୋଷ୍ଟରକୁ ଦର୍ଶକ ଆମିର ଖାନ୍‌ଙ୍କ ସୁପରହିଟ୍ ଫିଲ୍ମ ପିକେର ପୋଷ୍ଟର ସହ ତୁଳନା କରାଯାଇଛି। ଫିଲ୍ମରେ ବିଜୟ ଜଣେ ପ୍ରଫେସନାଲ ବକ୍ସର ଭୂମିକାରେ ନଜରକୁ ଆସିବେ । ଜଣେ ଚା' ବ୍ୟବସାୟୀ ନିଜ ସ୍ୱପ୍ନ ପୂରଣ କରିବାକୁ କିଭଳି ସଂଘର୍ଷ କରୁଛି ତାହା ରହିଛି ଫିଲ୍ମର କାହାଣୀ। ଏଥିରେ ବିଜୟଙ୍କ ବିପକ୍ଷରେ ଅନନ୍ୟା ପାଣ୍ଡେ ଅଭିନୟ କରିଛନ୍ତି। ତେବେ ଫିଲ୍ମରେ ଅଭିନୟ କରିବା ପାଇଁ ବିଜୟ ଥାଇଲାଣ୍ଡରେ ମାର୍ଶଲ ଆର୍ଟର ସ୍ୱତନ୍ତ୍ର ଟ୍ରେନିଂ ନେଇଛନ୍ତି।


## ମନେ ପଡ଼ନ୍ତି

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**√ସନ୍ଦିପ ମିଶ୍ର**
ରାମଚନ୍ଦ୍ରପୁର, ଜଟଣୀ
ଆବିର୍ଭାବ: ୨୪।୦୨।୧୯୬୭
ତିରୋଧାନ: ୦୩।୦୭।୨୦୨୧
√ସନ୍ଦିପ ମିଶ୍ର ବ୍ୟକ୍ତିଗତ ଭାବରେ ପ୍ରଭୁ ପରାୟଣ ଜୀବନ କାଟି ଈଶ୍ୱରଙ୍କ ସହ ଉତ୍ତମ ସମ୍ପର୍କ ରଖିଥିଲେ। ପାରିବାରିକ ଓ ଚାକିରି କ୍ଷେତ୍ରରେ ଜଣେ ନିଷ୍ଠାବାନ ବ୍ୟକ୍ତି ଥିଲେ। ଶେଷରେ ତା୦୩।୦୭।୨୦୨୧ରିଖରେ ଈଶ୍ୱରଙ୍କ ଆହ୍ୱାନ କ୍ରମେ ସ୍ୱର୍ଗବାସକୁ ଉତ୍ତୀର୍ଣ୍ଣ ହୋଇ ପାରିଲେ। ନିଶ୍ଚୟ ତୁମ ସହ ଈଶ୍ୱରଙ୍କ ଗହଣରେ ଚିରବାସ ନିମନ୍ତେ ପ୍ରଭୁ ଯୀଶୁ ଆମକୁ ଆଶୀର୍ବାଦ କରନ୍ତୁ।
ଶୋକସନ୍ତପ୍ତ: ଝିଣ୍ଟୁ, ସିଟୁ, ଛୋଟୁ, ବନ୍ଧୁ ଓ ପରିବାରବର୍ଗ ।
ଧ-୮୯୧

**ଦ୍ୱାଦଶାହ ଉପଲକ୍ଷେ**



**√ଡକ୍ଟର ଦୀନବନ୍ଧୁ ମିଶ୍ର**
୧୮, ବସନ୍ତ ବିହାର, ଭୁବନେଶ୍ୱର
ଜନ୍ମ : ୧୦.୦୫.୧୯୪୬
ତିରୋଧାନ: ୨୨.୦୬.୨୦୨୨
ଆପଣଙ୍କର ନିଃସ୍ୱାର୍ଥପର ଆଦର, ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ଆଦର୍ଶ ଆମ୍ଭମାନଙ୍କ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହୋଇ ରହିଥାଉ। ଆମେମାନେ ପ୍ରତିଟି ମୁହୂର୍ତ୍ତରେ ଆପଣଙ୍କୁ ଆମ ସ୍ମୃତିରେ ଓ ମନରେ ଝୁରି ହେଉଅଛୁ।
ଦ୍ୱାଦଶାହ ଅବସରରେ, ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ପ୍ରାର୍ଥନା କରୁଛୁ।
ଶୋକ ସନ୍ତପ୍ତ- ଧର୍ମପତ୍ନୀ, ପୁତ୍ର- ସୁଗତ୍ ବନ୍ଧୁ ଓ ପରିବାରବର୍ଗ
ଧ-୮୭୭

**୧୩ତମ ଶ୍ରାଦ୍ଧବାର୍ଷିକୀ**



**√ବାନାମ୍ବର ସେଠୀ**
ସା- ରାଧାକୃଷ୍ଣପୁର, ପୋ- ଜଗନ୍ନାଥପୁର, କଣାସ, ପୁରୀ
ଆଜି ଆପଣଙ୍କର ୧୩ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବାଲୁଙ୍କେଶ୍ୱର ଦେବଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିବା ସହିତ ଆପଣଙ୍କର ଶୁଭ ଆଶୀର୍ବାଦ ଆମ ଉପରେ ସଦାବେଳେ ରହିଥାଉ ଏହାହିଁ ଆମର କାମନା।
ଆପଣଙ୍କର ପରିବାର:- ସ୍ତ୍ରୀ: କନକଲତା ସେଠୀ, ପୁତ୍ର: ପୀତାମ୍ବର, ନୀଳାମ୍ବର, ବିଶ୍ୱମ୍ବର, ବୋହୂ: କ୍ଷେତ୍ରମଣୀ, ସୀମା, ଚିକୁଲି, ନାତି ଓ ନାତୁଣୀମାନେ।
ଧ-୮୯୩

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**√କୃଷ୍ଣଚନ୍ଦ୍ର ବଳିୟାର ସିଂହ**
ଗ୍ରାମ: ସାଲୁଣି, ଭାୟା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା
ଆବିର୍ଭାବ: ୨୮।୦୩।୧୯୨୯
ତିରୋଧାନ: ୨୨।୦୬।୨୦୦୪
ବାବା, ଚାହୁଁ ଚାହୁଁ ୧୮ବର୍ଷ ହୋଇଗଲା, ଆପଣ ଆମକୁ ଛାଡ଼ି ଆରପାରିକୁ ଚାଲିଗଲେ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ନିଷ୍ଠା ଓ ସଂସ୍କାର ଆମର ସର୍ବଦା ପାଥେୟ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ପୁଣ୍ୟ ସ୍ମରଣରେ ଆପଣଙ୍କର: ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତି, ନାତୁଣୀ ଓ ବନ୍ଧୁ ପରିଜନବର୍ଗ ।
ଧ-୮୯୫



# ଦୁଇ ବର୍ଷ ପରେ...

**ଦୀର୍ଘ ଦୁଇ ବର୍ଷ ପରେ ପୁଣି ବଡ଼ଦାଣ୍ଡରେ ଭକ୍ତ ଆଉ ଭଗବାନ୍ ହେଲେ ଏକାଠି। ରଥାରୂଢ଼ ମହାପ୍ରଭୁଙ୍କ ଦର୍ଶନ କରିବା ଆଉ ରଥଦଉଡ଼ି ଟାଣିବାକୁ ନେଇ ଥିବା ଅପେକ୍ଷାର ଘଟିଲା ଅନ୍ତ। ପୁଣି ରଥ ଚାରିପଟେ ଜମିଲା ବିଶାଳ ଜନସମୁଦ୍ର। ଆଖି ଆଗରେ ପ୍ରଭୁଙ୍କୁ ପାଇ ଭକ୍ତ ବି ଆତ୍ମବିଭୋର। ଏମିତି ଏକ ଅପୂର୍ବ ମହାମିଳନର ସୁଯୋଗ ପାଇଥିବା ଭକ୍ତଙ୍କର କିଛି ଅନୁଭୂତି...**

**ରଥରେ କାଳିଆ ଦର୍ଶନ ଆନନ୍ଦ ଦିଏ**

**ଆଶୁତୋଷ ବାରିକ୍** (ପିପିଲି)- କାଳିଆକୁ ଦେଖିଦେଲେ ମନ ପୂରିଯାଏ। ୨ବର୍ଷ ହେଲା କରୋନା ଯୋଗୁ ତା'କୁ ଦେଖି ନ ପାରି ମନ ଭଲ ଲାଗୁନଥିଲା। ରଥରେ ତା'ର ସେଇ ଝଟକୁଥିବା କଳାମୁହଁ ଦେଖି ମନ ଖୁସିରେ ନାଚି ଉଠିଲା। ଯେ କେହି ବି ପୁରୀ କଥା କହିଦେଲେ ମୁଁ ଜଗା ବିଷୟରେ ଆଲୋଚନା କରିବାକୁ ବସିପଡ଼େ। ସବୁ କଟକଣା ଉଠିବା ପରେ ବି କାର୍ଯ୍ୟବ୍ୟସ୍ତତା ମଧ୍ୟରେ ପୁରୀ ଆସି ପାରି ନ ଥିଲି। ହେଲେ ରଥଯାତ୍ରାରେ ପ୍ରଭୁଙ୍କ ଦର୍ଶନ ପାଇଁ ୨ଦିନ ପାଇଁ ଅଫିସ୍‌ରୁ ଛୁଟି ନେଇଆସିଛି। କଳାଦିଅଁର ଦର୍ଶନ କରି ଆଡ଼ପ ଅବଢ଼ା ଖାଇ ଶାନ୍ତି ମନରେ ଫେରିଯିବି।

**ରଥ ଟାଣିବାର ଅନୁଭୂତି ଅବର୍ଣ୍ଣନୀୟ**

**ମୀନକେତନ ସୁବୁଦ୍ଧି** (ଖୋର୍ଦ୍ଧା)- ରଥଯାତ୍ରା ପାଖେଇ ଆସିଲେ ମନରେ ଏକ ଅପୂର୍ବ ଆନନ୍ଦ ଖେଳିଯାଏ। ଜଗା ପାଖକୁ ଧାଇଁ ଯିବାକୁ ଇଚ୍ଛା ହୁଏ। ଗୋଟିଏ ଗୋଟିଏ ଦିନର ଅପେକ୍ଷା ଯେମିତି ଖୁବ୍ ଲମ୍ବା ହୋଇଯାଏ। ଆଉ ପ୍ରଭୁଙ୍କ ଦର୍ଶନ କରି ରଥ ଟାଣିବା ପରେ ଆତ୍ମସନ୍ତୋଷ ମିଳେ। ପ୍ରତିବର୍ଷ ରଥଯାତ୍ରାରେ ପୁରୀ ଯାଏ। ହେଲେ ଗତ ଦୁଇ ବର୍ଷ କରୋନା ଯୋଗୁ ଏହି ସୁଯୋଗରୁ ବଞ୍ଚିତ ହୋଇ ଭାରି କଷ୍ଟ ଲାଗୁଥିଲା। ଯାହାହେଉ ଏବର୍ଷ ରଥାରୂଢ଼ ଦାରୁବ୍ରହ୍ମଙ୍କ ଦର୍ଶନ ସୁଯୋଗ ମିଳିଲା। ରଥରେ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନର ମୁହୂର୍ତ୍ତ ବହୁତ ଆନନ୍ଦଦାୟକ ଥିଲା। ଅସଂଖ୍ୟ ଭିଡ଼ ଭିତରେ ଏଭଳି ଦର୍ଶନ ମିଳିବ ବୋଲି ଆଶା କରି ନ ଥିଲି। ସବୁ ମହାପ୍ରଭୁଙ୍କ ଲୀଳା। ମହାପ୍ରଭୁଙ୍କ ଆଶୀର୍ବାଦ ରହିଲେ, ସବୁବର୍ଷ ଏଭଳି ଦର୍ଶନ କରିବାକୁ ଆସୁଥିବି।

**ପ୍ରଭୁଙ୍କ ଦର୍ଶନରେ ଆତ୍ମବିଭୋର ହୋଇ ଉଠିଛି**

**ବିକାଶ କୁମାର**(ବିହାର)- ପ୍ରତିବର୍ଷ ମହାପ୍ରଭୁଙ୍କ ପ୍ରେମ ମୋତେ ବିହାରରୁ ପୁରୀକୁ ଟାଣି ଆଣେ। ଏମିତିରେ ମୁଁ ପ୍ରଭୁଙ୍କୁ ମନ୍ଦିରରେ ଦର୍ଶନ କରିବାକୁ ବର୍ଷକେ ୩-୪ ଥର ଆସେ, ହେଲେ ରଥଯାତ୍ରାରେ ଦର୍ଶନ କରିବାର ଆନନ୍ଦ ନିଆରା। ଦୁଇ ବର୍ଷ କରୋନା ମହାମାରୀ ଏହି ଅପୂର୍ବ ଦର୍ଶନରୁ ବଞ୍ଚିତ କରିଥିଲା। ପ୍ରଭୁଙ୍କ ଦୟାରୁ ସେ ଦୁଃସମୟ ଚାଲିଯାଇଛି। ପୁଣି ରଥରେ ପ୍ରଭୁଙ୍କ ଦର୍ଶନରେ ଆତ୍ମବିଭୋର ହୋଇ ଉଠିଛି। ଆଉ କେବେ ଏହି କରୋନା ଭକ୍ତ ଆଉ ଭଗବାନଙ୍କ ମଝିରେ ପାଚେରି ହୋଇ ଠିଆ ନ ହେଉ ଏତିକି ଗୁହାରି ଜଣାଇଛି। ଭାଗ୍ୟରେ ଥିଲେ ସବୁ ବର୍ଷ ଆସିବି ବୋଲି ଆଶା ରଖିଛି। ତେବେ ଏଥର ପୂର୍ବ ବର୍ଷଗୁଡିକ ତୁଳନାରେ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରଶାସନ ପକ୍ଷରୁ ଖୁବ୍ ସୁନ୍ଦର ବ୍ୟବସ୍ଥା ହୋଇଥିବାରୁ ବେଶୀ ଭଲ ଲାଗୁଛି।

**ସାତଜନ୍ମର ପୁଣ୍ୟ ଫଳ ପାଇଗଲି**

**କରିସ୍ମା ମହାନ୍ତ** (ଫୁଲବାଣୀ)- ସତରେ ଡୋରି ନ ଲାଗିଲେ କାଳିଆ ପାଖକୁ ଆସି ହୁଏନା। ମୁଁ କେବେ ପୁରୀ ଆସି ନ ଥିଲି। ଏଥର କିନ୍ତୁ ବହୁତ ଦିନର ମନୋବାଞ୍ଛା ପୂର୍ଣ୍ଣ ହୋଇଛି। କାଳିଆ ମୋତେ ତା' ପାଖକୁ ଟାଣି ଆଣିଛି। ରଥରେ ପ୍ରଭୁଙ୍କୁ ଦେଖିବି ବୋଲି ମନ ଖୁସି ଥିଲା ବେଳେ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଟ୍ରେନ୍ ଟିକେଟ୍ ହେଉ ନ ଥିଲା। ଭାବିଲି, କାଳିଆ ମୁଁ କ'ଣ କେବେ ବି ତୋ' ଦର୍ଶନ କରିପାରିବି ନାହିଁ। କିଛି ସମୟ ପରେ ଦେଖେତ ବହୁ ପଛରେ ୱେଟିଂରେ ଥିବା ଟିକେଟ୍ କନ୍‌ଫର୍ମ ହୋଇଯାଇଛି। ମୋର ଖୁସିର ସୀମା ରହିଲା ନାହିଁ। ପୁରୀ ବଡ଼ଦାଣ୍ଡରେ ପହଞ୍ଚି ପହଞ୍ଚି କାଳିଆର ରଥଟଣା ଆରମ୍ଭ ହେଉଥାଏ। ଭିଡ଼ ଭିତରେ ଠେଲିପେଲି ରଥଟାଣିଲି। ସତରେ ସାତଜନ୍ମର ପୁଣ୍ୟର ଫଳ ଆଜି ପାଇଗଲି। ରଥ ଟାଣୁ ଟାଣୁ ଆଖିରୁ ଧାର ଧାର ହୋଇ ଆନନ୍ଦାଶ୍ରୁ ବୋହିପଡୁଥିଲା ଆଉ ଭାବୁଥିଲି ଏ ସୁଯୋଗ ସବୁ ବର୍ଷ ମିଳୁଥାଉ ପ୍ରଭୁ।


ମୀନକେତନ


କରିସ୍ମା


ସାଇ ସୁମନ


ଆଶୁତୋଷ


ବାପି


ବିକାଶ





**ରଥ ଟାଣିବାର ଭାବ ନିଆରା**

**ସାଇ ସୁମନ ସାମନ୍ତରାୟ** (ଯୁକ୍ତ ଦୁଇ ଛାତ୍ର, ବିଡିଏ କଲୋନୀ, ଖୋର୍ଦ୍ଧା)- ଆମ ଅଞ୍ଚଳର ସବୁଠୁ ବଡ଼ ଯାତ୍ରା ହେଉଛି ଜାଗୁଳିପାଟଣାସ୍ଥିତ ଶ୍ରୀ ଅନନ୍ତ ପୁରୁଷୋତ୍ତମଙ୍କ ଘୋଷଯାତ୍ରା। ଏଠାରେ ତିନି ଠାକୁର (ହାତ ଗୋଡ଼ ଥାଇ) ପୂର୍ଣ୍ଣ ବିଗ୍ରହ ପୂଜା ପାଉଛନ୍ତି। ଠାକୁରମାନେ ଯୋଦ୍ଧା ବେଶରେ ଅସ୍ତ୍ରଶସ୍ତ୍ର ଧାରଣ କରିଛନ୍ତି। କୋଭିଡ୍ ଯୋଗୁ ଗତ ଦୁଇ ବର୍ଷ ହେବ ରଥଯାତ୍ରା ବନ୍ଦ ରହିଥିଲା। ଚଳିତ ବର୍ଷ ରଥଯାତ୍ରା ଆୟୋଜନ ହୋଇଥିଲା। ରଥାରୂଢ଼ ଶ୍ରୀବିଗ୍ରହମାନଙ୍କ ଦର୍ଶନ କରି ବହୁତ ଆନନ୍ଦ ଲାଗିଲା। ପ୍ରତିବର୍ଷ ରଥରେ ଏଠାକୁ ଆସି ପହଣ୍ଡି ଦର୍ଶନ, ରଥ ଟାଣିବାରେ ନିଆରା ମଜା ନିଏ। ଦୁଇ ବର୍ଷ ହେବ ଠାକୁରଙ୍କ ଦର୍ଶନରୁ ବଞ୍ଚିତ ରହିଥିଲି। ତେବେ ଚଳିତବର୍ଷ ରଥାରୂଢ଼ ଶ୍ରୀଜୀଉଙ୍କ ଦର୍ଶନ କରିବାର ସୁଯୋଗ ପ୍ରାପ୍ତ ହେବାରୁ ବହୁତ ଖୁସି ଲାଗୁଛି। ଦୁଇ ବର୍ଷ ପରେ ରଥଯାତ୍ରା ଆୟୋଜନ ହୋଇଥିବାରୁ ଜାଗୁଳିପାଟଣା ଦାଣ୍ଡ ଭକ୍ତମୟ ହୋଇ ଉଠିଥିଲା। ସତେ ଯେପରି ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ ଘଟିଥିଲା। ସମସ୍ତଙ୍କ ମନରେ ଏକ ନବୀନ ଉତ୍ସାହ ଦେଖିବାକୁ ମିଳିଥିଲା। ଭକ୍ତଙ୍କ ଗହଣରେ ଭିଡ଼ ମଧ୍ୟରେ ରଥ ଟାଣିବାର ଏକ ନିଆରା ଭାବ ରହିଛି। ବର୍ଷସାରା ମନ୍ଦିର ଦର୍ଶନ ଅପେକ୍ଷା ରଥରେ ପ୍ରଭୁଙ୍କ ଦର୍ଶନରେ ଏକ ଅପୂର୍ବ ଆନନ୍ଦ ମିଳେ, ଯାହାକୁ ଭାଷାରେ ପ୍ରକାଶ କରିବା କଷ୍ଟ।

**ପ୍ରଥମ ଥର ଦର୍ଶନର ସୁଯୋଗ ପାଇ ଖୁସୀ**

**ବାପି**(ଗଞ୍ଜାମ)- ପ୍ରଥମ ଥର ପାଇଁ ପୁରୀ ଆସିଛି। କଳା ଠାକୁରଙ୍କୁ ରଥ ଉପରେ ଦେଖି ବହୁତ ଖୁସି ଲାଗୁଛି। ସରକାର ଶ୍ରଦ୍ଧାଳୁଙ୍କ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରିଛନ୍ତି। ଖାଇବା ପିଇବାରେ ଆମର କୌଣସି ପ୍ରକାର ଅସୁବିଧା ହେଉ ନାହିଁ। ଦୀର୍ଘ ୨ବର୍ଷ ପରେ ବହୁ ଭକ୍ତ ରଥ ଦେଖିବାକୁ ଆସିଛନ୍ତି, ସେଥିପାଇଁ ପ୍ରବଳ ଭିଡ ହୋଇଛି। ବର୍ତ୍ତମାନ କରୋନା ପଜିଟିଭ ସଂଖ୍ୟା ବଢ଼ିଲାଣି। ସେଥିପାଇଁ ମାସ୍କ ପିନ୍ଧିବାକୁ ପ୍ରଶାସନ ପରାମର୍ଶ ଦେଉଛନ୍ତି। କୋଭିଡ କଟକଣା କୋହଳ ହୋଇଥିଲେ ମଧ ମାସ୍କ ବ୍ୟବହାର କରୁଛୁ। ସମସ୍ତ ପ୍ରକାର ଗାଇଡଲାଇନ୍ ମାନି ଦାରୁଦିଅଁଙ୍କୁ ଦର୍ଶନ କରିଛୁ।

## ଏ ସପ୍ତାହର ପ୍ରଶ୍ନ

୧- ନ୍ୟାଶନାଲ ଇନ୍‌ସ୍ୟୁରାନ୍ସ ଆୱାରନେସ୍ ଡେ'......... ତାରିଖରେ ପାଳନ କରାଯାଏ ?
୨- ନିକଟରେ ଇରାନ୍ ଦେଶ ପ୍ରସ୍ତୁତ କରିଥିବା କଠିନ ଇନ୍ଧନଯୁକ୍ତ ରକେଟ୍‌ର ନାମ ............ ?
୩- ବର୍ତ୍ତମାନ ନୀତି ଆୟୋଗର ସିଇଓ ଭାବେ ............. ନିଯୁକ୍ତ ହୋଇଛନ୍ତି ?
୪- କେବଳ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ଭାରତର ପ୍ରଥମ ରେଲୱେ ଷ୍ଟେଶନ୍ .............. ?
୫- ଉଦୟପୁର ୱାଇଲ୍ଡ ଲାଇଫ୍ ସାଙ୍କ୍ଚୁଆରି .......... ରାଜ୍ୟରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଗ୍ଲୋବାଲ୍ ମେର୍ସି
୨ ଆନ୍ଧ୍ରପ୍ରଦେଶ
୩ ମିଥାଲି ରାଜ୍
୪ ଆସାମ
୫ ଭିନେସ୍ ଫୋଗଟ୍

## ଉତ୍ତରଦାତା


ଶିବରାମ ମହାପାତ୍ର, ଝାରସୁଗୁଡ଼ା


କାର୍ତ୍ତିକେଶ୍ୱର ସାହୁ, ଖୋର୍ଦ୍ଧା

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ଲୋକପ୍ରିୟ କସ୍‌ମେଟିକ୍ ବ୍ରାଣ୍ଡ-୨୦୨୨

୧- ଲୋରିଏଲ୍....... ଫ୍ରାନ୍ସ
୨- ଏଲ୍‌ଭିଏମ୍ଏଚ୍....... ଫ୍ରାନ୍ସ
୩- ଡାଇଅର୍....... ଫ୍ରାନ୍ସ
୪- ଇଷ୍ଟି ଲାଉଡର୍ ....... ଆମେରିକା
୫- ନିଭିଆ....... ଜର୍ମାନୀ
୬- କ୍ଲିନିକ୍....... ଆମେରିକା
୭- ମ୍ୟାକ୍....... କାନାଡା
୮- ୟୁନିଲିଭର୍ ....... ଇଂଲଣ୍ଡ
୯- ଗେର୍‌ଲେନ୍ ....... ଫ୍ରାନ୍ସ
୧୦- ହୁଡା ବ୍ୟୁଟି ....... ଆମେରିକା




**ୟୁବ ପ୍ରତିଭା**

# ସଫଳ ଚିତ୍ରଶିଳ୍ପୀ ହେବାର ଲକ୍ଷ୍ୟ

ଜଣେ ସଫଳ ଚିତ୍ରଶିଳ୍ପୀ ହେବାର ଲକ୍ଷ୍ୟ ତାଙ୍କର ପିଲାଟି ବେଳୁ। ସେଥିପାଇଁ ସ୍କୁଲରେ ପଢୁଥିବା ସମୟରୁ ହିଁ ଚିତ୍ର ଶିଖିବା ଆରମ୍ଭ କରିଥିଲେ ସେ। ଜଣେ ଜଗନ୍ନାଥପ୍ରେମୀ ଭାବେ ପ୍ରଥମେ ସେ ଜଗନ୍ନାଥ ଚିତ୍ର ଆଙ୍କିବାକୁ ଭଲପାଆନ୍ତି। ଆଉ ଏହି ନିଶା ପାଇଁ ସେ ନ୍ୟାଶନାଲ୍ ବୁକ୍ ଅଫ୍ ରେକର୍ଡ୍ସରେ ନିଜ ନାମକୁ ସାମିଲ କରିବାରେ ସକ୍ଷମ ହୋଇଛନ୍ତି। ସେ ହେଉଛନ୍ତି ବ୍ରହ୍ମପୁର ସହର ଆମ୍ବପୁଆ ମାରୁତି ନଗର ଅଞ୍ଚଳର ମା' ନକ୍ଷତ୍ରମାଳା ଓ ପିତା ନୀଳମାଧବ ପଣ୍ଡାଙ୍କ ଝିଅ ମନୀଷା କୁମାରୀ। ମାତ୍ର ୮ମ ଶ୍ରେଣୀରୁ ସେ ବିଭିନ୍ନ ଚିତ୍ର ଅଙ୍କନ କରିଆସୁଛନ୍ତି। ଗତ ଲକ୍‌ଡାଉନ ସମୟରେ ଏକ କାଗଜ ପ୍ଲେଟରେ ଜଗନ୍ନାଥଙ୍କ ଚିତ୍ର ଅଙ୍କନ କରି ଅନେକଙ୍କଠାରୁ ବେଶ୍ ପ୍ରଶଂସା ସ୍ଥାନ ମଧ୍ୟ ପାଇଥିଲେ। ଏହାପରଠୁ ସେ ବିଭିନ୍ନ ଅଦରକାରୀ ସାମଗ୍ରୀରେ ଚିତ୍ର କରିବା ଆରମ୍ଭ କରିଥିଲେ। ଏଥିରେ ତାଙ୍କ ପରିବାରର ସମସ୍ତ ସଦସ୍ୟ ସହଯୋଗ କରୁଥିବା ସେ କହିଛନ୍ତି। ଏଥିସହ ସେ ପଟ୍ଟଚିତ୍ର ସମେତ ୱାଲି ଆର୍ଟ, ମଣ୍ଡଳ ଆର୍ଟ, ଡଟ୍ ମଣ୍ଡଳ, ଲିପନ ଚିତ୍ରକଳା ଓ ବୋତଲରେ ଚିତ୍ରକଳା କରୁଛନ୍ତି। ପବିତ୍ର ରଥଯାତ୍ରା ଅବସରରେ ଅବ୍ୟବହୃତ କାଗଜ ପ୍ଲେଟଗୁଡ଼ିକରେ ଜଗନ୍ନାଥଙ୍କ ଦଶ ଅବତାର, ନବଗୁଞ୍ଜର ବେଶ ଆଙ୍କିଛନ୍ତି, ଯାହା ଦେଖିବା ପାଇଁ ବେଶ୍ ସୁନ୍ଦର ଓ ଆକର୍ଷକ। କେବଳ ଏତିକି ନୁହେଁ, ସେ ପ୍ଲାଷ୍ଟିକ ଚାମଚ, ପ୍ଲେଟ, ହରଡ଼ ଡାଲି, ମାଟିପାତ୍ର, ଔଷଧ ଷ୍ଟ୍ରିପ, ବୋତଲ, କଉଡ଼ି, ମାଟିହାଣ୍ଡି, ଆଲୁମଣ୍ଡ, ଅବଢ଼ା ହାଣ୍ଡି, ଓଳ୍ଡ ପତ୍ର, ପଥର, ଶାଳଗ୍ରାମ ଆଦିରେ ଜଗନ୍ନାଥ କଳାକୃତି ଆଙ୍କି ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏଭଳି



ସାଉଁଟିଥିଲେ। ଏହା ବ୍ୟତୀତ ସେ ବିଭିନ୍ନ ବର୍ଜ୍ୟବସ୍ତୁରେ ମଧ ଜଗନ୍ନାଥଙ୍କ ଚିତ୍ର ଅଙ୍କନ କରିଥିଲେ। ଏହାକୁ ସେ ନ୍ୟାଶନାଲ ବୁକ୍ ଅଫ୍ ରେକର୍ଡ୍ସ ନିମନ୍ତେ ଆବେଦନ କରିଥିଲେ ଏବଂ ରେକର୍ଡ୍ସରେ କଳାକୃତି ପାଇଁ ମନୀଷାଙ୍କୁ ଅଫିସିଆଲ ଇଣ୍ଡିଆ, ଅଡୁରା ଲ୍ୟାଣ୍ଡ, ମଣିକର୍ଣ୍ଣିକା ଆର୍ଟ ଗାଲେରିରୁ ଜଣେ ଦକ୍ଷ ଚିତ୍ରଶିଳ୍ପୀ ରୂପେ ସମ୍ବର୍ଦ୍ଧିତ କରାଯାଇଛି।

**- ସ୍ମୃତିରଞ୍ଜନ ମହାଳିକ**


**ୟୁଥ୍ ଆଲର୍ଟ**

# ରାତ୍ରିଭୋଜନ ବିଳମ୍ବରେ କରୁଥିଲେ

**କାର୍ଯ୍ୟବ୍ୟସ୍ତତା ଲାଗି ହେଉ ଅବା ଅନ୍ୟାନ୍ୟ କାରଣରୁ ଅନେକେ ରାତ୍ରିଭୋଜନ ବିଳମ୍ବରେ କରିଥା'ନ୍ତି। ହେଲେ ଏହା ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବାର ଆଶଙ୍କା ରହିଛି। ଜାଣିରଖନ୍ତୁ ସେ ସମ୍ପର୍କରେ...**

**ବାଧା ପାଏ ହଜମକ୍ରିୟା:** ରାତି ଖାଇବା ଡେରି ହେଲେ ହଜମକ୍ରିୟା ବାଧାପ୍ରାପ୍ତ ହୁଏ। ଖାଦ୍ୟ ଭଲ ଭାବେ ହଜମ ନ ହେବାରୁ ଏସିଡିଟି ହେବା ସହ ଛାତି ଜଳିବା, ଆମ୍ବିଳା ହାକୁଟି ହେବା ଭଳି ସମସ୍ୟା ଦେଖାଦିଏ। ତେଣୁ ରାତିରେ ଶୀଘ୍ର ଖାଇବାକୁ ଚେଷ୍ଟା କରନ୍ତୁ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନେକେ ବିଳମ୍ବରେ ଖାଉଥିବାରୁ ସଙ୍ଗେ ସଙ୍ଗେ ଶୋଇ ପଡ଼ନ୍ତି। ହେଲେ ଏପରି ନ କରି ଖାଇବା ପରେ ଅଳ୍ପ ସମୟ ଚାଲବୁଲ କରିବା ପରେ ଶୁଅନ୍ତୁ।







**ଦେଖାଦିଏ ମେଦବହୁଳତା:** ଡେରିରେ ଖାଇବା ଦ୍ୱାରା ଖାଦ୍ୟ ହଜମ ନ ହୋଇ ପାରିବା କାରଣରୁ ଅନେକଙ୍କଠାରେ ମେଟାବଲିଜମ୍ ସ୍ତର ଅନିୟନ୍ତ୍ରିତ ହୋଇଥାଏ। ଶରୀରରେ ଅଧିକ କ୍ୟାଲୋରି ଜମା ହେବା ଫଳରେ ମେଦବହୁଳତା ଦେଖାଦିଏ, ଯାହାକି ପରବର୍ତ୍ତୀ ସମୟରେ ଡାଇବେଟିସ୍, ବ୍ଲଡ୍‌ପ୍ରେସର ଭଳି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାର କାରଣ ସାଜିଥାଏ।

**ସାଜେ ନିଦ୍ରାହୀନତାର କାରଣ:** ଏକ ଗବେଷଣା ରିପୋର୍ଟ ମୁତାବକ ରାତ୍ରିଭୋଜନ ବିଳମ୍ବରେ କରିବା ଦ୍ୱାରା ବଦହଜମୀ, ଗ୍ୟାସ୍ ଭଳି ବିଭିନ୍ନ ସମସ୍ୟା ଉପୁଜିବା ସହ ରାତିରେ ନିଦ୍ରା ବାଧାପ୍ରାପ୍ତ ହୋଇଥାଏ। କେବଳ ଏତିକି ନୁହେଁ, ମସ୍ତିଷ୍କ ଠିକ୍ ଭାବେ ବିଶ୍ରାମ ନ ପାଇବାରୁ କେତେକଙ୍କ ଠାରେ ଅଜବ ସ୍ୱପ୍ନ ମଧ୍ୟ ଆସିଥାଏ।

**ପ୍ରଭାବିତ କରେ ମାନସିକ ସ୍ୱାସ୍ଥ୍ୟ:** ଠିକ୍ ସମୟରେ ନ ଖାଇବା ଯୋଗୁ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା ଏବଂ ଠିକ୍ ଭାବେ ନିଦ ନ ହେବା କାରଣରୁ ମାନସିକ ସ୍ତରରେ ନକାରାତ୍ମକ ପ୍ରଭାବ ପଡିଥାଏ। ବାରମ୍ବାର ଏପରି ହେବା ଦ୍ୱାରା ଚିଡ଼ିଚିଡ଼ା ଲାଗିବା, ଡିପ୍ରେଶନ୍ ଭଳି ବିଭିନ୍ନ ମାନସିକ ସମସ୍ୟା ଦେଖାଦେଇଥାଏ।

# ଜାଡେଜାଙ୍କ ଶତକ, ବୁମ୍‌ରାଙ୍କ କୀର୍ତ୍ତିମାନ


ଶତକ ହାସଲ ପରେ ରବୀନ୍ଦ୍ର ଜାଡେଜା।


ବିଶ୍ୱରେକର୍ଡ ଅବସରରେ ଯଶପ୍ରୀତ୍ ବୁମ୍‌ରା।

## ଲାରାଙ୍କ ରେକର୍ଡ ଭାଙ୍ଗିଲେ ବୁମ୍‌ରା

ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଭାରତର କାମଚଳା ଅଧିନାୟକ ଯଶ୍‌ପ୍ରୀତ ବୁମ୍‌ରା ଗୋଟିଏ ଓଭରରେ ସର୍ବାଧିକ ରନ ସଂଗ୍ରହ କରି ୱେଷ୍ଟଇଣ୍ଡିଜର କିମ୍ବଦନ୍ତୀ ବ୍ରାଏନ୍ ଲାରାଙ୍କ ବିଶ୍ୱ ରେକର୍ଡକୁ ଭାଙ୍ଗି ଦେଇଛନ୍ତି। ସେ ଇଂଲଣ୍ଡ ଫାଷ୍ଟ ବୋଲର ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଗୋଟିଏ ଓଭରରୁ ୨୯ ରନ୍ ସଂଗ୍ରହ କରି ଏହି ସଫଳତା ହାସଲ କରିଛନ୍ତି। ଏ କ୍ଷେତ୍ରରେ ସେ ଲାରାଙ୍କୁ ଗୋଟିଏ ରନ୍ ପଛରେ ପକାଇ ଦେଇଛନ୍ତି। ଲାରାଙ୍କ ବିଶ୍ୱ ରେକର୍ଡ ୧୮ ବର୍ଷ ଧରି କାଏମ ରହିଥିଲା। ୨୦୦୩-୦୪ରେ ଅନୁଷ୍ଠିତ ଏକ ଟେଷ୍ଟ ମ୍ୟାଚ୍‌ରେ ସେ ଦକ୍ଷିଣ ଆଫ୍ରିକା ବାମହାତୀ ସ୍ପିନର ରବିନ ପିଟରସନଙ୍କ ଗୋଟିଏ ଓଭରରେ ୨୮ ରନ ସଂଗ୍ରହ କରିଥିଲେ। ଏଥିରେ ୪ ଚୌକା ଓ ୨ ଛକା ସାମିଲ ଥିଲା। ଅଷ୍ଟ୍ରେଲିଆର ପୂର୍ବତନ ଖେଳାଳି ଜର୍ଜ ବେଲି ମଧ୍ୟ ୨୮ ରନ୍ ସଂଗ୍ରହ କରିପାରିଥିଲେ। ହେଲେ ବାଉଣ୍ଡାରି ହିସାବରେ ଲାରା ଆଗରେ ରହିଥିଲେ। ଏଠାରେ ସ୍ମରଣଯୋଗ୍ୟ, ୨୦୦୭ରେ ଉଦ୍‌ଘାଟନୀ ଟି୨୦ ବିଶ୍ୱକପ୍‌ରେ ବ୍ରଡ୍‌ଙ୍କ ଗୋଟିଏ ଓଭରରେ ୬ଟି ଛକା ଲଗାଇଥିଲେ। ବର୍ମିଂହାମ୍‌ଠାରେ ଚାଲିଥିବା ପୁନଃ ନିର୍ଦ୍ଧାରିତ ୫ମ ଟେଷ୍ଟରେ ଭାରତୀୟ ଦଳର ପ୍ରଥମ ଇନିଂସ୍‌ର ୮୪ତମ ଓଭରରେ ୩୫ ରନ୍ ସଂଗ୍ରହ ହୋଇଛି। ସେଥିରେ ୬ ଅତିରିକ୍ତ ରନ୍, ୫ ୱାଇଡ୍ ଓ ଗୋଟିଏ ନୋ ବଲ୍ ରହିଛି। ଭାରତ ଅଧିନାୟକ ୧୬ ବଲ୍‌ରେ ୩୧ ରନ୍ କରି ଅପରାଜିତ ରହିଥିଲେ। ସେ ୪ ଚୌକା ଓ ୨ ଛକା ମାରିଥିଲେ।

**ବର୍ମିଂହାମ୍, ୨।୭**

ରବୀନ୍ଦ୍ର ଜାଡେଜାଙ୍କ ଶତକ ଏବଂ ଅଧିନାୟକ ଯଶପ୍ରୀତ୍ ବୁମ୍‌ରାଙ୍କ ବିଶ୍ୱରେକର୍ଡ ପରେ ଟ୍ରିପଲ୍ ଷ୍ଟ୍ରାଇକ୍ ସହାୟତାରେ ଭାରତ ଏଠାରେ ଚାଲିଥିବା ଇଂଲଣ୍ଡ ବିପକ୍ଷ କ୍ରିକେଟ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି। ଭାରତ ପ୍ରଥମ ଇନିଂସରେ ମୋଟ ୪୧୬ ରନ ସଂଗ୍ରହ କରିଥିବାବେଳେ ବର୍ଷା ଯୋଗୁ ଦ୍ୱିତୀୟ ଦିବସ ଖେଳ ବାଧାପ୍ରାପ୍ତ ହେବା ବେଳକୁ ଇଂଲଣ୍ଡ ୩ ଉଇକେଟ ହରାଇ ୬୦ ରନ ସ୍କୋର କରିଛି। ବୁମ୍‌ରା ୩ଟି ଯାକ ଉଇକେଟ ନେଇଛନ୍ତି। ପ୍ରଥମ ଦିବସର ଅସମାପ୍ତ ସ୍କୋର

### ଏଜ୍‌ବାଷ୍ଟନ ଟେଷ୍ଟ

୩୩୮/୭ରୁ ଖେଳ ଆରମ୍ଭ କରିଥିବା ଭାରତ ଦ୍ୱିତୀୟ ଦିବସରେ ଆଉ ୭୮ ରନ ଯୋଗକରି ଅବଶିଷ୍ଟ ୩ଟି ଉଇକେଟ ହରାଇଥିଲା। ରବୀନ୍ଦ୍ର ଜାଡେଜା କ୍ୟାରିୟରର ଦ୍ୱିତୀୟ ଟେଷ୍ଟ ଶତକ ହାସଲ କରିଥିବାବେଳେ ଷ୍ଟୁଆର୍ଟ ବ୍ରଡ୍‌ଙ୍କ ଗୋଟିଏ ଓଭରରୁ ବୁମ୍‌ରା ୨୯ (ଅତିରିକ୍ତ ୬ ରନକୁ ମିଶାଇଲେ ୩୫) ରନ ସଂଗ୍ରହ କରି ବିଶ୍ୱରେକର୍ଡର ଅଧିକାରୀ ହେବା ଆକର୍ଷଣର କେନ୍ଦ୍ରରେ ରହିଥିଲେ। ଭାରତ ପକ୍ଷରୁ ନେତୃତ୍ୱ ନେବାର ପ୍ରଥମ ଟେଷ୍ଟରେ ସେ ଯେ ବ୍ରାଏନ୍ ଲାରା (୨୮ ରନ)ଙ୍କ ରେକର୍ଡ ଭାଙ୍ଗିବେ ଏହା ବୁମ୍‌ରା କେବେ ଭାବି ନ ଥିବେ। ନିଜର ବ୍ୟାଟ୍‌କୁ ସେ ଖଣ୍ଡାଭଳି ବ୍ୟବହାର କରିଥିଲେ ଏବଂ ବିସ୍ଫୋରକ ଇନିଂସ ଖେଳିଥିଲେ। ଜାଡେଜା ୧୯୪ ବଲ୍‌ରୁ ୧୩ ଚୌକା ସହାୟତାରେ ୧୦୪ ରନ ସଂଗ୍ରହ କରି ଭାରତକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ପ୍ରଥମ ଦିବସରେ ଭାରତ ଏକଦା ୯୮ ରନରେ ୫ ଉଇକେଟ ହରାଇଥିବାବେଳେ ରିଷଭ ପନ୍ତ ୧୪୬ ରନର ସାହସିକ ଇନିଂସ ଖେଳିଥିଲେ। ଇଂଲଣ୍ଡ ପକ୍ଷରୁ ଜେମ୍ସ ଆଣ୍ଡରସନ ୫ ଉଇକେଟ ସଫଳତା ପାଇଥିବାବେଳେ ମ୍ୟାଟ୍ଟି ପଟ୍ସ ୨ଟି ଏବଂ ଷ୍ଟୁଆର୍ଟ ବ୍ରଡ୍, ଅଧିନାୟକ ବେନ୍ ଷ୍ଟୋକ୍ସ ଓ ଜୋ ରୁଟ୍ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

**ଭାରତ ପ୍ରଥମ ଇନିଂସ:** ୪୧୬/ଅଲ୍‌ଆଉଟ (ରିଷଭ ପନ୍ତ-୧୪୬, ରବୀନ୍ଦ୍ର ଜାଡେଜା-୧୦୪, ଯଶପ୍ରୀତ୍ ବୁମ୍‌ରା-୩୧*, ଜେମ୍ସ ଆଣ୍ଡରସନ-୫/୬୦, ମ୍ୟାଟ୍ଟି ପଟ୍ସ-୨/୧୦୫, ଷ୍ଟୁଆର୍ଟ ବ୍ରଡ୍-୧/୮୯, ବେନ୍ ଷ୍ଟୋକ୍ସ-୧/୪୭, ଜୋ ରୁଟ୍-୧/୨୩)। ଇଂଲଣ୍ଡ ପ୍ରଥମ ଇନିଂସ (ଅସମାପ୍ତ) ୬୦/୩ (ଜୋ ରୁଟ୍-୧୯*, ଯଶପ୍ରୀତ୍ ବୁମ୍‌ରା-୩/୩୦)।

# ୧୭ ବର୍ଷରୁ କମ୍ ଜାତୀୟ ଚେସ୍ ଆରମ୍ଭ

**ଭୁବନେଶ୍ୱର, ୨।୭ (କ୍ରୀଡ଼ା ପ୍ରତିନିଧି)**

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ୧୭ ବର୍ଷରୁ କମ୍ (ବାଳିକା, ଓପନ) ଜାତୀୟ ଚେସ୍ ଚାମ୍ପିୟନଶିପ୍ କିଟ୍ ପରିସରରେ ଆରମ୍ଭ ହୋଇଛି। ଏହି ମେଗା ଇଭେଣ୍ଟରେ ୨୦ ରାଜ୍ୟର ୧୨୪ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଶାର ୨୨ ପ୍ରତିଯୋଗୀ ସାମିଲ। ବାଳିକା ବର୍ଗରେ ମହିଳା ଅନ୍ତର୍ଜାତୀୟ ମାଷ୍ଟର ରକ୍ଷିତା ରବି ଏବଂ ଓପନରେ ଫିଡେ ମାଷ୍ଟର ହର୍ଶ ସୁରେଶ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଓଡ଼ିଶାର ଜଗଦୀଶ ବାରିକ ଦ୍ୱିତୀୟ ସିଡ୍ ତାମିଲନାଡୁର ହର୍ଶଦ ଏସ୍.ଙ୍କ ସହ ମ୍ୟାଚ ଡ୍ର ରଖିଛନ୍ତି। ଅନ୍ୟ ଓଡ଼ିଆ ଖେଳାଳିଙ୍କ ମଧ୍ୟରେ ସତ୍ୟମ ସରବଜିତ, ମନୀଷ କୁମାର, ହର୍ଷିତ ରଞ୍ଜନ, ସାରାଂଶ ଶୁଭମ୍, ଆୟୁଷ୍ମାନ ମହାନ୍ତି, ପ୍ରତ୍ୟୁଷ ମହାପାତ୍ର, ବିଶ୍ୱପ୍ରୀତ ରୟ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇଛନ୍ତି। ବାଳିକା ବର୍ଗରେ ଓଡ଼ିଶାର ଆରୁଷି ଶ୍ରୀଚନ୍ଦନ ଓ ପ୍ରତ୍ୟାଶା ଜେନା ବିଜୟୀ ହୋଇଥିବାବେଳେ ପି. ସାଇରୂପା, ସୁହାନା ଜୟଲକ୍ଷ୍ମୀ, ବିଜୟଲକ୍ଷ୍ମୀ ଏବଂ ଅନନ୍ୟା ଅନାମିକା ମ୍ୟାଚ ଡ୍ର ରଖିଛନ୍ତି। ଏଓସିଏ ସଭାପତି ଜି.ସି. ମହାପାତ୍ର, ସମ୍ପାଦକ ଦେବବ୍ରତ ଭଞ୍ଜ, କୋଷାଧ୍ୟକ୍ଷ ଭବେଶ ମହାନ୍ତି, ମୁଖ୍ୟ ଆର୍ବିଟର ଅସିତ ଚୌଧାରୀ ଓ କ୍ୟାଣ୍ଡିଡେଟ ମାଷ୍ଟର ଅପରାଜିତ ଗୋଚ୍ଛିକାର ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ଜିଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ

**ଭୁବନେଶ୍ୱର, ୨।୭ (କ୍ରୀଡ଼ା ପ୍ରତିନିଧି)–**

ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଶନିବାରଠାରୁ ଜିଲା ଓ ରାଜ୍ୟସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ ମୋଟ ୫୭୯୪ ପ୍ରତିଯୋଗୀ ଅଂଶଗ୍ରହଣ କରୁଥିବାବେଳେ ଏହି ଚୟନ ପ୍ରକ୍ରିୟା ରାଜ୍ୟର ୨୦ଟି ସ୍ଥାନରେ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଥଲେଟିକ୍ସ, ଫୁଟବଲ, ଭଲିବଲ, ଖୋ-ଖୋ, ସନ୍ତରଣ, ଭାରୋତ୍ତୋଳନ ଏବଂ କବାଡି ଆଦି ଖେଳ ପାଇଁ ଜିଲ୍ଲାସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେଉଥିବା ବେଳେ ବାସ୍କେଟବଲ, ହକି, ଜୁଡୋ, ଜିମ୍ନାଷ୍ଟିକ, କୁସ୍ତି ଏବଂ ତୀରନ୍ଦାଜୀ ଆଦି ଖେଳରେ ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେଉଛି। ଶନିବାର କଳିଙ୍ଗ ଷ୍ଟାଡିୟମରେ ଆଥଲେଟିକ୍ସ ଓ ଭଲିବଲ ପାଇଁ ଏବଂ ଅନ୍ୟାନ୍ୟ ସ୍ଥାନରେ ଏହି ଦୁଇ କ୍ରୀଡ଼ା ଶୃଙ୍ଖଳା ସହ କବାଡ଼ି ଓ ଫୁଟବଲ ପାଇଁ ମଧ୍ୟ ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି। ଆଗାମୀ ଦିନରେ ଜିଲାସ୍ତରରୁ କୃତୀ ପ୍ରତିଯୋଗୀଙ୍କୁ ନେଇ ରାଜ୍ୟସ୍ତରୀୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ।

# 'ଖେଳରେ ସଫଳତା ପାଇଁ କିଛି ଶର୍ଟକଟ୍ ନାହିଁ'



ଅତିଥିଙ୍କ ସହ ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନର କର୍ମକର୍ତ୍ତା।

**ଭୁବନେଶ୍ୱର, ୨।୭ (କ୍ରୀଡ଼ା ପ୍ରତିନିଧି)**

''ଖେଳରେ ସଫଳତା ହାସଲ କରିବାର କିଛି ଶର୍ଟକଟ ନାହିଁ। ପାଗଳପ୍ରାୟ ହୋଇ ଖେଳରେ ନ ଲାଗିଲେ ବଡ଼ ସଫଳତା ହାସଲ କରିହେବ ନାହିଁ। ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ଶନିବାର ଉତ୍କଳ କରାଟେ ସ୍କୁଲ୍ ପରିସରରେ ଆୟୋଜିତ ବିଶ୍ୱ କ୍ରୀଡ଼ା ସାମ୍ବାଦିକ ଦିବସ ପାଳନ ଉତ୍ସବରେ ଅତିଥି ଭାବରେ ଯୋଗଦେଇ ଓଡ଼ିଶାର ପ୍ରଥମ ଆନ୍ତର୍ଜାତିକ କ୍ରିକେଟର ତଥା ଜାତୀୟ ଚୟନକର୍ତ୍ତା ଦେବାଶିଷ ମହାନ୍ତି ଏହା ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ଜଣେ ଖେଳାଳି ପାଇଁ କ୍ରୀଡ଼ା ସାମ୍ବାଦିକ ଯେତିକି ଗୁରୁତ୍ୱପୂର୍ଣ୍ଣ, କ୍ରୀଡ଼ା ସାମ୍ବାଦିକଙ୍କ ପାଇଁ ଖେଳାଳିଙ୍କ ଗୁରୁତ୍ୱ ମଧ୍ୟ ସେହିପରି। କ୍ରୀଡ଼ା ଜଗତ ଏବଂ କ୍ରୀଡ଼ା ସାମ୍ବାଦିକତା ପରସ୍ପରଠାରୁ ଭିନ୍ନ ନୁହନ୍ତି ବରଂ ଖେଳାଳି ଓ ଖେଳ ସାମ୍ବାଦିକ ପରସ୍ପରର ପରିପୂରକ'' ବୋଲି ମତ ଦେଇଛନ୍ତି ଅନ୍ୟତମ ଅତିଥି ଏସିଆନ ଗେମ୍ସ ରୌପ୍ୟ ପଦକ ବିଜୟିନୀ ପ୍ରଣତି ମିଶ୍ର। ସଭାପତି ସନ୍ଦୀପ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏଭରେଷ୍ଟ ଆରୋହୀ ସିଦ୍ଧାର୍ଥ ରାଉତରାୟ ମଧ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଆମେରିକାରେ ରହୁଥିବା ପ୍ରବାସୀ ଓଡ଼ିଆ ସିଦ୍ଧାର୍ଥ ତାଙ୍କ ଜୀବନରେ କ୍ରୀଡ଼ା ସହ ସାମିଲ ହୋଇ ରହିଥିବାରୁ କିପରି ପାଦେପାଦେ ସଫଳତା ପାଇଛନ୍ତି, ତାହା ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ। ସମ୍ବିତ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓସ୍‌ଜା କାର୍ଯ୍ୟକାରୀ ସଭାପତି କେ. ରବି ଏବଂ ସମ୍ପାଦକ ଦେବୀପ୍ରସନ୍ନ ମହାନ୍ତି ମଧ୍ୟ ସାମିଲ ଥିଲେ। ଏହି ଅବସରରେ ଓସ୍‌ଜାର ଏକ ବିଶେଷ ସ୍ମରଣିକାର ପ୍ରଚ୍ଛଦ ଉନ୍ମୋଚନ କରାଯାଇଥିଲା।

### ଆଘାତଜନିତ ପରିଚାଳନା କର୍ମଶାଳା ଅନୁଷ୍ଠିତ

ମୁଖ୍ୟ ସମାରୋହ ପୂର୍ବରୁ ଖେଳାଳିମାନଙ୍କ ଜୀବନରେ ଆଘାତଜନିତ ସମସ୍ୟାର ଉପଚାର କିପରି ତୁରନ୍ତ କରାଯିବା ଦରକାର, ସେ ବାବଦରେ ଏକ ବିଶେଷ କର୍ମଶାଳା ଆୟୋଜିତ ହୋଇଥିଲା। ଦେଶର ଜଣେ ପ୍ରମୁଖ କ୍ରୀଡ଼ା ବିଜ୍ଞାନୀ ତଥା ହକି ଓ ଫୁଟବଲ ଦଳ ସହ ଅନେକ ଦିନ ଜଡ଼ିତ ଥିବା ମୁକ୍ତି ପ୍ରସାଦ ଦାଶ ଏହି କର୍ମଶାଳା ପରିଚାଳନା କରିଥିଲେ। ଏଥିରେ ଅନେକ ଯୁବ ଖେଳାଳିଙ୍କ ସହ ରାଜଧାନୀର ବହୁ ପ୍ରମୁଖ ସ୍କୁଲର କ୍ରୀଡ଼ା ଶିକ୍ଷକମାନେ ଯୋଗ ଦେଇଥିଲେ। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ତଥା ବିଶିଷ୍ଟ କ୍ରୀଡ଼ା ଗୁରୁ ହରିପ୍ରସାଦ ପଟ୍ଟନାୟକଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ବହୁ ଖେଳାଳି ଓ ମିଡିଆ ପ୍ରତିନିଧିଙ୍କ ସହ ଓସ୍‌ଜା ପରିବାରର ସୁରେଶ ସ୍ୱାଇଁ, ସଞ୍ଜୀବ ବିଶ୍ୱାଳ, ଦେବାଶିଷ ସୁନ୍ଦରାୟ, ତପନ ସ୍ୱାଇଁ, ରଜନୀକାନ୍ତ ଶତ୍ରୁସଲ୍ୟ, ସମୀକ୍ଷା ପଟ୍ଟନାୟକ, ତନ୍ମୟ ଦାସ, ଦେବୀପ୍ରସନ୍ନ ପାଣିଗ୍ରାହୀ, କୁମାର ବିମଲ, ବେଣୁଧର ଦାସ, କୁମାର ଶ୍ରୀ, ସୌଭାଗ୍ୟ ରଥ, ସୁକେଶ ରଞ୍ଜନ ବେହେରା, ଦୀପ୍ତିରଞ୍ଜନ ସାମଲ, ରଞ୍ଜନ ରାୟ, ବିଜୟ ରଣା, ମନମୋହନ ସ୍ୱାଇଁ, ସନ୍ତୋଷ ମହାନ୍ତି, ଶକ୍ତିପ୍ରକାଶ ନନ୍ଦ, ପ୍ରଫୁଲ୍ଲ ସାହୁ, ନିରଞ୍ଜନ ରେଞ୍ଜୀ, ସର୍ବେଶ୍ୱର ମହାନ୍ତି, ମହେନ୍ଦ୍ର ସାହୁ ଏବଂ ଜଗଦୀଶ ଦାସ ପ୍ରମୁଖ ଏହି ଉତ୍ସବରେ ସାମିଲ ହୋଇଥିଲେ।

# ଉଜ୍‌ବେକିସ୍ତାନ ସୁପର ଲିଗ୍ କ୍ଲବରୁ ଖେଳିବେ ଡାଙ୍ଗମେଇ

**ନୂଆଦିଲ୍ଲୀ, ୨।୭(ପି.ଟି.)**

ଭାରତର ଷ୍ଟାର ଫରୱାର୍ଡ ଡାଙ୍ଗମେଇ ଗ୍ରେସ୍ ତୃତୀୟ ଭାରତୀୟ ଫୁଟ୍‌ବଲର ଭାବେ ଏକ ବିଦେଶ କ୍ଲବ ସହ ପ୍ରଫେସନାଲ ଚୁକ୍ତି କରିଛନ୍ତି। ଆସନ୍ତା ସିଜନରେ ସେ ଉଜ୍‌ବେକିସ୍ତାନ ସୁପର ଲିଗ୍ କ୍ଲବ ଏଫ୍‌ସି ନାସାଫ୍ ତରଫରୁ ଖେଳିବେ ବୋଲି ତାଙ୍କ ପୂର୍ବତନ କ୍ଲବ ଗୋକୁଲମ କେରଳ ତରଫରୁ ଟ୍ୱିଟରରେ ସୂଚନା ଦିଆଯାଇଛି। ଉଜ୍‌ବେକିସ୍ତାନ ସୁପର ଲିଗ୍ ଆସନ୍ତା ବର୍ଷ ଜୁନ୍‌ରେ ଆରମ୍ଭ ହୋଇ ଡିସେମ୍ବର ୧୫ ପର୍ଯ୍ୟନ୍ତ ହେବ। ନାସାଫ୍ ଏଫ୍‌ସି ଇତିମଧ୍ୟରେ ମଣିପୁର କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ସହ ଯୋଗାଯୋଗ କରିଛି। ଚୁକ୍ତି ଅନୁସାରେ ଡାଙ୍ଗମେଇ ତିନୋଟି ଟୁର୍ନାମେଣ୍ଟ ଓମେନ୍ସ ଲିଗ୍, ଉଜ୍‌ବେକିସ୍ତାନ ଲିଗ୍ (ନକ୍‌ଆଉଟ ଟୁର୍ନାମେଣ୍ଟ) ଏବଂ ଉଜ୍‌ବେକିସ୍ତାନ ସୁପର କପ୍‌ରେ ଖେଳିବେ। ଉଜ୍‌ବେକିସ୍ତାନର ଏହି କ୍ଲବ୧୯୮୬ରେ ପ୍ରତିଷ୍ଠା ହୋଇଥିଲା। ଉଜ୍‌ବେକିସ୍ତାନ ସୁପର ଲିଗ୍ କ୍ଲବ ତରଫରୁ ଖେଳିବା ଦ୍ୱାରା ଡାଙ୍ଗମେଇ ବହୁ ଅନ୍ତର୍ଜାତୀୟ ଅଭିଜ୍ଞତା ହାସଲ କରିବେ।

# ଋଦ୍ଧିମାନଙ୍କୁ ମିଳିଲା ଏନ୍‌ଓସି

**କୋଲ୍‌କାତା, ୨।୭(ପି.ଟି.):** ବେଙ୍ଗଲ କ୍ରିକେଟ ଆସୋସିଏଶନ (ସିଏବି) ଭେଟେରାନ ଖେଳାଳି ଋଦ୍ଧିମାନ ସାହାଙ୍କୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ମଞ୍ଜୁର କରିଛି। ଫଳରେ ଆସୋସିଏଶନ ସହ ତାଙ୍କର ରହିଥିବା ୧୫ବର୍ଷର ସମ୍ପର୍କ ତିକ୍ତତାର ସହ ଶେଷ ହୋଇଛି। ଭାରତ ତରଫରୁ ୪୦ ଟେଷ୍ଟ ମ୍ୟାଚ୍ ଖେଳିଥିବା ସାହା ଅକ୍ଟୋବରରେ ୩୮ ବର୍ଷ ବୟସରେ ପଦାର୍ପଣ କରିବେ। ଇଣ୍ଡିଆନ ଟିମ୍ ମ୍ୟାନେଜ୍‌ମେଣ୍ଟ ତରଫରୁ ତାଙ୍କୁ ସ୍ପଷ୍ଟ ଭାବେ ଜଣାଇ ଦିଆଯାଇଥିଲା ଯେ, ସେମାନେ ଦଳରେ ଜଣେ ବୟସ୍କ ଦ୍ୱିତୀୟ ଉଇକେଟ୍‌କିପର ଚାହୁନାହାନ୍ତି। ଏହାପରଠାରୁ ସାହା ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପରେ ଖପ୍ପା ଥିଲେ। ଋଦ୍ଧିମାନ ସିଏବି ଆସି ସଭାପତି ଅଭିଷେକ ଡାଲ୍‌ମିଆଙ୍କୁ ଦରଖାସ୍ତ କରିଥିଲେ। ସେଥିରେ ସେ ଆସୋସିଏଶନର ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ପାଇଁ ଆବେଦନ କରିଥିଲେ। ସିଏବି ସାହାଙ୍କ ଅନୁରୋଧ ରକ୍ଷାକରି ତାଙ୍କୁ ଅନ୍ୟ ରାଜ୍ୟରୁ ଖେଳିବା ଲାଗି ଅନୁମତି ଦେବା ସହ ତାଙ୍କର ଶୁଭକାମନା କରିଥିଲା।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ